ORISSA RADIO HOUSE
52 YEARS
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075


# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 45/ Issue : 143 | Brahmapur | Monday 6 July 2026 | ବର୍ଷ: ୪୫/ ଅଙ୍କ: ୧୪୨ | ସୋମବାର ୬ ଜୁଲାଇ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦


# ଅବପାତର ରୂପ ନେଲା ଲଘୁଚାପ

## ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତିକରିବା ସହ ଓଡିଶା ଉପକୂଳ ମୁହାଁ

ଭୁବନେଶ୍ୱର, ୫।୭ : ଅବପାତର ରୂପ ନେଲା ବଙ୍ଗୋପସାଗରରେ ସ୍ୱଷ୍ଟଚିହ୍ନିତ ଲଘୁଚାପ। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତିକରିବା ସହ ଓଡିଶା ଉପକୂଳକୁ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଚାନ୍ଦବାଲି ଏବଂ ଦୀଘା ମଧ୍ୟରେ ବାଲେଶ୍ୱର ନିକଟରୁ ଅତିକ୍ରମ କରିବା ସମ୍ଭାବନା ରହିଛି । ବର୍ତ୍ତମାନ ବାଲେଶ୍ୱରର ଦକ୍ଷିଣ-ଦକ୍ଷିଣପୂର୍ବ ଦିଗରେ ୫୦ କିମି, ଚାନ୍ଦବାଲିର ଉତ୍ତରପୂର୍ବ ଦିଗରେ ୬୦ କିମି ଦୂରରେ କେନ୍ଦ୍ରୀଭୂତ ରହିଛି । ଏପଟେ ରାଜ୍ୟରେ ଲଗାତାର ବର୍ଷାର ପ୍ରଭାବରେ ପରିସ୍ଥିତି ଗମ୍ଭୀର ହୋଇପଡ଼ିଛି। ଗତ ୨୪ ଘଣ୍ଟାରେ ଓଡ଼ିଶାର ଅନେକ ସ୍ଥାନରେ ରେକର୍ଡ ପରିମାଣର ବର୍ଷା ହୋଇଛି। ସର୍ବାଧିକ ବର୍ଷା କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ାରେ ୨୭୬ ମିଲି ମିଟର ବର୍ଷା ରେକର୍ଡ ହୋଇଛି ।ବଲାଙ୍ଗୀର ଟୁରେଇକେଲା ଠାରେ ୨୬୪ ମିଲି ମିଟର, ଭୁବନେଶ୍ବରରେ ୧୧୯.୪ ମିମି ବର୍ଷା ରେକର୍ଡ ହୋଇଛି ।

ଓଡ଼ିଶାରେ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିବ । ପାଣିପାଗ ବିଶେଷଜ୍ଞଙ୍କ ସୂଚନା ଅନୁଯାୟୀ, ଏହି ଅବପାତଟି ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ଉତ୍ତର ଓଡ଼ିଶା ଏବଂ ଉତ୍ତର ଛତିଶଗଡ଼ ଦେଇ ସ୍ଥଳଭାଗ ଅତିକ୍ରମ କରିବ । ଏହାପରେ ଆସନ୍ତା ୨ ଦିନ ମଧ୍ୟରେ ଏହା ଦକ୍ଷିଣ-ପଶ୍ଚିମ ଉତ୍ତରପ୍ରଦେଶ ଏବଂ ଉତ୍ତର ମଧ୍ୟପ୍ରଦେଶ ଆଡ଼କୁ ଅଗ୍ରସର ହେବ । ଲଘୁଚାପଟି ସ୍ଥଳଭାଗ ଅତିକ୍ରମ କରି ଅନ୍ୟ ରାଜ୍ୟ ଆଡ଼କୁ ଗତି କରିବାକୁ ଥିବାରୁ, ଆସନ୍ତା ଜୁଲାଇ ୬ରୁ ରାଜ୍ୟରେ ବର୍ଷାର ପରିମାଣ ଓ ପ୍ରକୋପ ଧୀରେ ଧୀରେ ହ୍ରାସ ପାଇବ । ତେବେ ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିକ୍ଷିପ୍ତ ଭାବେ ପ୍ରବଳ ବର୍ଷା ଜାରି ରହିପାରେ । ଚଳିତ ବର୍ଷା ପ୍ରକୋପ ଶେଷ ନହେଉଣୁ ପାଣିପାଗ ବିଭାଗ ପକ୍ଷରୁ ଆଉ ଏକ ସତର୍କ ସୂଚନା ମିଳିଛି । ଜୁଲାଇ ୧୧ କିମ୍ବା ୧୨ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ନୂଆ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ବଡ଼ ଧରଣର ବନ୍ୟା ବା ପ୍ରଳୟଙ୍କରୀ ବର୍ଷାର ଆଶଙ୍କା ନଥିଲେ ମଧ୍ୟ, ବର୍ଷାର ପରିମାଣ ସାମାନ୍ୟ ବୃଦ୍ଧି ପାଇବ ।ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଥିବାରୁ ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ଏବଂ ସମସ୍ତ ଜିଲ୍ଲାର ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

## ଫୁଲବାଣୀ ଜିଲ୍ଲାରେ ବର୍ଷା ବିପ୍ୱାତ

ଫୁଲବାଣୀ, ୫।୭ (ଆନିସ): ଗତ ୫ଦିନ ହେଲା ଫୁଲବାଣୀ ସହର ସମେତ ସମଗ୍ର ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଜନ ଜୀବନ ବିପର୍ଯ୍ୟସ୍ତ ହୋଇପଡିଛି ଲୋକେ ଘରୁ ବାହାରକୁ ବାହାରି ପାରିନାହାନ୍ତି ଦୋକାନ ବଜାର, ରାସ୍ତା ଘାଟ ସବୁ ଖାଁ ଖାଁ ବର୍ଷରେ ଫୁଲବାଣୀ ସହର ର ମାଷ୍ଟର ପଡ଼ା ପ୍ରେସ ନିକଟ ଗଳି ଅଞ୍ଚଳ ରେ ରହୁଥିବା ଅନେକ ଙ୍କ ଘରେ ପାଣି ପଶି ଯାଇଛି ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଫରେଷ୍ଟର ସରୋଜ ମିଶ୍ରଙ୍କ ଘରେ



ସକାଳୁ ପାଣି ପଶିଯିବା ଫଳରେ ଆସବାବ ପତ୍ର ନଷ୍ଟ ହୋଇଯାଇଛି ପ୍ରକୃତି ବିହାର, ବ୍ରାହ୍ମଣ ସାହିର କେତେକଙ୍କ ଘରେ ପାଣି ପଶିଛି ଡ୍ରେନ ସମସ୍ୟା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି । ସେହିପରି ପିଲାସାଲକି ନଦୀରେ ବନ୍ୟା ଜଳ ଆସିବା ଫଳରେ ନଦିଖଣ୍ଡି ସାହି ରେ ଥିବା ଡେ ମ ଉପରେ ୪ଫୁଟ୍ ଉଚ୍ଚରେ ବନ୍ୟାପାଣିପ୍ରବାହିତ ହେବା ଫଳରେ ଡାକ ପାଲା, ଦମୀଙ୍ଗା, ଆମ୍ବ ପଡ଼ା ଆଦି ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି କେବଳ ଫୁଲବାଣୀ ନୁହେଁ ଜିଲ୍ଲାର ବାଲିଗୁଡ଼ା, ରାଇକିଆ, ତୁମୁଡିବନ୍ଧ, କୋଟଗଡ, ଫିରିଙ୍ଗିଆ, ଜି ଉଦୟଗିରି, ଚକାପାଦ, ଟୀକା ବାଲି, ଖଜୁରୀ ପଡ଼ା ରେ ମଧ୍ୟ ଲଗାଣ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି କେତକ ଅଞ୍ଚଳ ରେ ଘର ମଧ୍ୟ ଭାଙ୍ଗି ଥିବା ଖବର ମିଳିଛି ଶନିବାର ବାଲିଗୁଡ଼ା ରେ ୪୬ମି ମି, ଚକାପାଦ ରେ ୩୦.୦୪,ଦାରିଂବାଡ଼ି ୩୪, ଜି ଉଦୟଗିରୀ ୩୦.୦୪, ଖଜୁରିପଡା ୩୨, କୋଟଗଡ ୧୯, କ ନୂଆଗାଁ ୩୦, ଫିରିଙ୍ଗିଆ ୫୫ମୀ ମୀ, ରାଇକିଆ ୪୪.୦୪,ଫୁଲବାଣୀ ୩୦ମିମି, ଟିକାବାଲି ସର୍ବାଧିକ ୬୦ମି ମି. ତୁମୁଡିବନ୍ଧ ୮.୦୪ମିମି ଏହିପରି ମୋଟାମୋଟି ଜିଲ୍ଲାରେ ୩୫ମି ମି ବର୍ଷା ରେକର୍ଡ କରାଯାଇଥିବା ବେଳେ ରବିବାର ବାଲିଗୁଡ଼ା ୨୧୦ ମି ମି., ଚକାପାଦ ୨୦୪.୦୬, ଫିରିଙ୍ଗିଆ ୨୨୩.୦୬,ଫୁଲବାଣୀ ୨୨୪.୦୪, ରାଇକିଆ ୧୯୦, ଟିକାବାଲି ୨୧୭, ତୁମୁଡି ବନ୍ଧ ୧୦୦.୦୨, ଖଜୁରିପଡା ୨୭୬, କ ନୂଆଗାଁ ୧୬୦, ଜି ଉଦୟଗିରି ୨୨୦, ଦାରିଂବାଡ଼ି୫୯ମିମି, ଏହିପରି ମୋଟାମୋଟି ଭାବେ ଜିଲ୍ଲାରେ ୧୮୨ ମି ମି ବର୍ଷା ରେକର୍ଡ କରାଯାଇଛି ଏହି ବର୍ଷା ଯୋଗୁଁ ଜିଲ୍ଲାରେ ଥିବା ସମସ୍ତ ନଦୀ ନାଳ ରେ ପ୍ରବଳ ବନ୍ୟା ଜଳ ଆସିଥିବା ଦେଖିବାକୁ ମିଳିଛି

### ଓଡ଼ିଶା ଏସ୍ଆଇଆର୍

# ୨୦ ଲକ୍ଷ ଭୋଟର କଟିଲେ

ଭୁବନେଶ୍ୱର,୫।୭ : ସ୍ୱତନ୍ତ୍ର ଗଭୀର ପୁନଃ ସମୀକ୍ଷା (ଏସ୍ଆଇଆର୍) ପ୍ରକ୍ରିୟା ପରେ ରାଜ୍ୟର ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ ପାଇଛି। ଏହି ପ୍ରକ୍ରିୟାରେ ମୋଟ ୨୦ ଲକ୍ଷ ୧୪ ହଜାର ୫୫୭ ଜଣ ଭୋଟରଙ୍କ ନାମ ତାଲିକାରୁ ବାଦ ପଡ଼ିଥିବା ସୂଚନା ମିଳିଛି। ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ବଢ଼ିଥିବା ବେଳେ ସାଧାରଣ ଭୋଟରଙ୍କ ମଧ୍ୟରେ ମଧ୍ୟ ନିଜ ନାମ ତାଲିକାରେ ରହିଛି କି ନାହିଁ, ସେନେଇ ଉତ୍ସୁକତା ବଢ଼ିଛି। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନଙ୍କ ସୂଚନା ଅନୁସାରେ, ପୂର୍ବରୁ ରାଜ୍ୟରେ ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଜଣ ଭୋଟର ଥିବା ବେଳେ, ପ୍ରକ୍ରିୟାରେ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ ଜଣ ନିଜର ଫର୍ମ ଦାଖଲ କରିଥିଲେ। ଫଳରେ ଡ୍ରାଫ୍ଟ ତାଲିକାରୁ ପ୍ରାୟ ୨୦ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ବାଦ ପଡ଼ିଛି। ଏହି ବାଦ ପଡ଼ିଥିବା ଭୋଟରଙ୍କ ମଧ୍ୟରୁ ୮ ଲକ୍ଷ ୩୨ ହଜାର ମୃତ ବ୍ୟକ୍ତି ଥିବା ବେଳେ, ୧୦ ଲକ୍ଷ ୭ ହଜାର ଭୋଟର ସ୍ଥାନାନ୍ତରିତ କିମ୍ବା ଅନୁପସ୍ଥିତ ଥିବା କାରଣରୁ ସେମାନଙ୍କ ନାମ ବାଦ ଦିଆଯାଇଛି।

ଅନ୍ୟ କେତେକ ମାମଲାରେ ଡୁପ୍ଲିକେଟ୍ ଏଣ୍ଟ୍ରି, ତ୍ରୁଟିପୂର୍ଣ୍ଣ ତଥ୍ୟ କିମ୍ବା ଯାଞ୍ଚ ସମୟରେ ମିଳିଥିବା ଅସଙ୍ଗତି ଯୋଗୁଁ ମଧ୍ୟ ନାମ କଟାଯାଇଥିବା କୁହାଯାଉଛି। ଡ୍ରାଫ୍ଟ ଭୋଟର ତାଲିକାରେ ରାଜ୍ୟର ୧ କୋଟି ୬୦ ଲକ୍ଷ ୧୯ ହଜାର ୧୭୬ ଜଣ ପୁରୁଷ, ୧ କୋଟି ୫୩ ଲକ୍ଷ ୬୫ ହଜାର ୮୩ ଜଣ ମହିଳା ଏବଂ ୨ ହଜାର ୭୭୫ ଜଣ ତୃତୀୟ ଲିଙ୍ଗୀ ଭୋଟର ଥିବା ସୂଚନା ଦିଆଯାଇଛି। ଭୋଟରମାନେ ନିଜ ନାମ ଡ୍ରାଫ୍ଟ ଭୋଟର ତାଲିକାରେ ରହିଛି କି ନାହିଁ, ତାହା ଅନଲାଇନ୍ କିମ୍ବା ସମ୍ପୃକ୍ତ ବୁଥ୍ ସ୍ତରୀୟ ଅଧିକାରୀଙ୍କ ମାଧ୍ୟମରେ ଯାଞ୍ଚ କରିପାରିବେ।

ନିର୍ବାଚନ କମିଶନଙ୍କ ୱେବସାଇଟ୍ କିମ୍ବା ଆପ୍‌ରେ ନମ୍ବର କିମ୍ବା ନାମ, ଜିଲ୍ଲା ଓ ବିଧାନସଭା କ୍ଷେତ୍ର ଆଧାରରେ ମଧ୍ୟ ନିଜ ଭୋଟର ସୂଚନା ଯାଞ୍ଚ କରାଯାଇପାରିବ। ଯଦି ଡ୍ରାଫ୍ଟ ତାଲିକାରେ ଆପଣଙ୍କ ନାମ ନଥାଏ, ତେବେ ଭୟଭୀତ ହେବାର ଆବଶ୍ୟକତା ନାହିଁ। ଆଜିଠାରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଆପତ୍ତି ଓ ଦାବି ଦାଖଲ କରିବାର ସୁଯୋଗ ରହିଛି। ଏଥିପାଇଁ ଫର୍ମ-୬ ପୂରଣ କରି ସମ୍ପୃକ୍ତ କିମ୍ବା ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିବାକୁ ପଡ଼ିବ। ଆବଶ୍ୟକ ଦଲିଲ ଯାଞ୍ଚ ପରେ ଯୋଗ୍ୟ ଥିଲେ ପୁଣିଥରେ ନାମ ଭୋଟର ତାଲିକାରେ ସାମିଲ କରାଯିବ।

# ବାଇକ୍‌ରେ ପତ୍ନୀଙ୍କ ମୃତଦେହ ନେଲେ ସ୍ୱାମୀ

ଝାରସୁଗୁଡ଼ା, ୫।୭: ସରକାର ସ୍ୱାସ୍ଥ୍ୟସେବାର ଉନ୍ନତି ଓ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ସେବା ପହଞ୍ଚୁଥିବା ଦାବି କରୁଥିବା ବେଳେ ବାସ୍ତବ ଚିତ୍ର ପୁଣି ଥରେ ସେହି ଦାବି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଝାରସୁଗୁଡ଼ା ଜିଲ୍ଲାରେ ଘଟିଥିବା ଏକ ହୃଦୟବିଦାରକ ଘଟଣା ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୁର୍ବଳତାକୁ ସାମ୍ନାକୁ ଆଣିଛି। ଶବବାହକ ଗାଡ଼ି କିମ୍ବା ଆମ୍ବୁଲାନ୍ସ ନମିଳିବାରୁ ଜଣେ ଅସହାୟ ସ୍ୱାମୀଙ୍କୁ ପଡ଼ୋଶୀଙ୍କ ବାଇକ୍‌ରେ ନିଜ ପତ୍ନୀଙ୍କ ମୃତଦେହ ବୋହି ଘରକୁ ଫେରିବାକୁ ପଡ଼ିଛି। ଏହି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସରକାର ଓ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକୁ ନେଇ ତୀବ୍ର ସମାଲୋଚନା ଆରମ୍ଭ ହୋଇଛି। ଝାରସୁଗୁଡ଼ା ଜିଲ୍ଲାର ଲଇକେରା ବ୍ଲକ ଅନ୍ତର୍ଗତ ଭାତଲଇଡ଼ା ପଞ୍ଚାୟତର ଓଡ଼ିଆପାଲି ଗ୍ରାମର ନରେଶ ଛତ୍ରିଆଙ୍କ ପତ୍ନୀ ଯମୁନା ଛତ୍ରିଆ ଅସୁସ୍ଥ ହେବା ପରେ ତାଙ୍କୁ ମୁଦ୍ରାଜୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିନ୍ତୁ ଏହା ପରେ ଆରମ୍ଭ ହୋଇଥିଲା ପ୍ରକୃତ ଦୁଃଖର କାହାଣୀ। ପରିବାର ପକ୍ଷରୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ମୃତଦେହ ଘରକୁ ନେବା ପାଇଁ ଶବବାହକ ଗାଡ଼ି କିମ୍ବା ଆମ୍ବୁଲାନ୍ସର କୌଣସି ବ୍ୟବସ୍ଥା ହୋଇନଥିବା ଅଭିଯୋଗ ହୋଇଛି। ଫଳରେ ଅସହାୟ ସ୍ୱାମୀ ନରେଶ ଛତ୍ରିଆ ବାଧ୍ୟ ହୋଇ ଜଣେ ପଡ଼ୋଶୀଙ୍କ ବାଇକ୍‌ରେ ପତ୍ନୀଙ୍କ ମୃତଦେହକୁ ବସାଇ ଘରକୁ ଫେରିଥିଲେ। ଏକପଟେ ସ୍ତ୍ରୀଙ୍କୁ ହରାଇବାର ଯନ୍ତ୍ରଣା, ଅନ୍ୟପଟେ ସରକାରୀ ବ୍ୟବସ୍ଥାର ଅବହେଳା ଏହି ଦୁଇ ଦୁଃଖ ଏକାସାଙ୍ଗରେ ସହିବାକୁ ପଡ଼ିଥିଲା ନରେଶଙ୍କୁ। ତାଙ୍କ କହିବା ଅନୁସାରେ, ମୋତେ ଆମ୍ବୁଲାନ୍ସ



କିମ୍ବା ଶବବାହକ ଗାଡ଼ି କିଛି ମିଳିଲାନି। ଶେଷରେ ବାଧ୍ୟ ହୋଇ ବାଇକ୍‌ରେ ପତ୍ନୀଙ୍କ ମୃତଦେହକୁ ଘରକୁ ନେଇଥିଲି। ଏହି ଘଟଣା ପୁଣିଥରେ ପ୍ରଶ୍ନ ଉଠାଇଛି ଯେ, ସରକାର ଯେଉଁ ୧୦୮ ଆମ୍ବୁଲାନ୍ସ ସେବା, ମହାପ୍ରୟାଣ ଯୋଜନା ଓ ସ୍ୱାସ୍ଥ୍ୟସେବାର ସଫଳତାର ଢୋଲ ପିଟୁଛନ୍ତି, ତାହା ବାସ୍ତବରେ ଗ୍ରାମାଞ୍ଚଳରେ କେତେ ପ୍ରଭାବଶାଳୀ ଯଦି ଜଣେ ଗରିବ ବ୍ୟକ୍ତିଙ୍କୁ ନିଜ ପତ୍ନୀଙ୍କ ମୃତଦେହ ପାଇଁ ମଧ୍ୟ ସରକାରୀ ସହାୟତା ମିଳୁନାହିଁ, ତେବେ ଏହି ଯୋଜନାଗୁଡ଼ିକ କାହା ପାଇଁ ବୋଲି ସାଧାରଣ ଲୋକ ପ୍ରଶ୍ନ କରୁଛନ୍ତି। ଅନ୍ୟପକ୍ଷରେ, ଝାରସୁଗୁଡ଼ା ସିଡିଏମ୍ଓ ଶକ୍ତି ପ୍ରକାଶ ପାଢ଼ୀ ଘଟଣା ସମ୍ପର୍କରେ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ଏହା ଏକ ଆକସ୍ମିକ ମୃତ୍ୟୁ ହୋଇଥିବାରୁ ଡାକ୍ତର ମୃତଦେହର ବ୍ୟବଚ୍ଛେଦ ପାଇଁ ପରିବାରକୁ ପରାମର୍ଶ ଦେଇଥିଲେ।

କିନ୍ତୁ ପରିବାର ଲୋକ ଏହାକୁ ମନା କରି ଏକ ଅଣ୍ଡରଟେକିଂ ଦେଇ ଚାଲିଯାଇଥିଲେ। ସେ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ନିୟମ ଅନୁଯାୟୀ ଡାକ୍ତର ପୋଲିସକୁ ଅବଗତ କରିବା କଥା ଥିଲେ ମଧ୍ୟ ତାହା କରାଯାଇନଥିଲା। ଘଟଣାର ତଦନ୍ତ କରାଯିବ ଏବଂ କୌଣସି କର୍ମଚାରୀଙ୍କ ଅବହେଳା ପ୍ରମାଣିତ ହେଲେ ତାଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ ବୋଲି ସିଡିଏମ୍ଓ କହିଛନ୍ତି। ତେବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଘଟଣା ଭାଇରାଲ ହେବା ପରେ ତଦନ୍ତର ପ୍ରତିଶ୍ରୁତି ଦେବା ଯଥେଷ୍ଟ କି ଯଦି ସମୟରେ ଆମ୍ବୁଲାନ୍ସ କିମ୍ବା ଶବବାହକ ଗାଡ଼ିର ବ୍ୟବସ୍ଥା ହୋଇଥାନ୍ତା, ତେବେ ଜଣେ ସ୍ୱାମୀଙ୍କୁ ଏଭଳି ଅମାନବୀୟ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିନଥାନ୍ତା। ଏହି ଘଟଣା କେବଳ ଜଣେ ପରିବାରର ଦୁଃଖ ନୁହେଁ, ବରଂ ଗ୍ରାମାଞ୍ଚଳରେ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ପଦାରେ ପକାଇଛି। ସରକାର ଯଦି ପ୍ରକୃତରେ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ଦ୍ୱାରରେ ପହଞ୍ଚାଇବାକୁ ଚାହୁଁଛନ୍ତି, ତେବେ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ କେବଳ ତଦନ୍ତ ନୁହେଁ, ତୃଣମୂଳ ସ୍ତରରେ ଦାୟିତ୍ୱବୋଧ ଓ ତତ୍ପରତା ସୁନିଶ୍ଚିତ କରିବା ଆବଶ୍ୟକ।

# ଚିଠା ଭୋଟର ତାଲିକାରେ ମାଲମାଲ ତ୍ରୁଟି

ଭୁବନେଶ୍ୱର, ୫।୭ : ଏସଆଇଆର ପ୍ରକ୍ରିୟାରେ ପ୍ରକାଶ ପାଇଛି ଚିଠା ତାଲିକା। ରାଜ୍ୟରୁ ବାଦ ପଡ଼ିଛନ୍ତି ୨୦ ଲକ୍ଷ ୧୪ ହଜାର ଭୋଟର। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ତେବେ ଚିଠା ତାଲିକାରେ ବ୍ୟାପକ ତ୍ରୁଟି ହୋଇଥିବା ସାମନାକୁ ଆସିଛି। ଯାହାକୁ ନେଇ ତେଜିଛି ରାଜନୀତି।

ଏସଆଇଆର ସରିବା ପରେ ପ୍ରକାଶ ପାଇଛି ଭୋଟର ଚିଠା ତାଲିକା। କିନ୍ତୁ ପ୍ରକାଶ ପାଇଥିବା ଚିଠା ତାଲିକାରେ ବ୍ୟାପକ ତ୍ରୁଟି ଥିବା ସାମନାକୁ ଆସିଛି। ବରଗଡ଼ ଜିଲ୍ଲାର ଏହି ଇଲେକ୍ଟୋରାଲ ରୋଲକୁ ଦେଖନ୍ତୁ। ଗୋଟିଏ ଘର ନମ୍ବରରେ ରହିଛି ତିନି ପରିବାରରର ନାଁ। ଭେଡ଼େନ୍ ବ୍ଲକ ଗଣ୍ଡିଆପାଲିର ଯୁଧିଷ୍ଠିର ନାୟକ, ନୀଳାଂଚଳ ଭଏନା ଓ ଫାଙ୍କା ସେଠଙ୍କ ଘର ନମ୍ବର ୧୬ ବୋଲି ଦର୍ଶାଯାଇଛି। କିନ୍ତୁ ୩ ପରିବାର ମଧ୍ୟରେ କୌଣସି ସମ୍ପର୍କ ନଥିବା ଜଣାପଡିଛି। ୩ ପରିବାରର ଘର ମଧ୍ୟ ଅଲଗା ଅଲଗା ରହିଛି। ସେହିପରି ବାଙ୍କା ସେଠଙ୍କ ଘର ନମ୍ବର ୬ ହୋଇଥିବା ବେଳେ ତାଙ୍କ ପତ୍ନୀ ଲୀଳାବତୀଙ୍କ ଘର ନମ୍ବର ୫ ରହିଛି। ଯାହାକି ଏସଆଇଆର ବା ସ୍ବତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସଆଇଆର ବା ସ୍ବତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ବାଦ ପଡ଼ିଛନ୍ତି ରାଜ୍ୟର ୨୦ଲକ୍ଷ ୧୪ ହଜାର ଭୋଟର। କଟିଥିବା ଭୋଟରଙ୍କ ମଧ୍ୟରୁ ମୃତକଙ୍କ ସଂଖ୍ୟା ୮ ଲକ୍ଷ ୩୨ ହଜାର, ୧୦ ଲକ୍ଷ ୭ ହଜାର ବ୍ୟକ୍ତି ଅନୁପସ୍ଥିତ କିମ୍ବା ସ୍ଥାନାନ୍ତରିତ, ୩ ଲକ୍ଷ ୫୮ ହଜାର ଭୋଟର ଦୁଇଟି ଲେଖାଏଁ କାର୍ଡ ରଖିଥିଲେ । ଭୋଟର ତାଲିକା ପ୍ରକାଶ ପାଇବା ପରେ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ଅଭିଯୋଗକୁ ଖଣ୍ଡନ କରିଛି ଶାସକ ଦଳ। ତେବେ ଆଜିଠୁ ମାସେ ଯାଏ ଆପତ୍ତି ଅଭିଯୋଗର ଶୁଣାଣି ହେବ। ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଜଣାଇପାରିବେ। ଯଦି ନାଁ ନଥିବ, ତେବେ ଫର୍ମ-୬ ପୂରଣ କରି ଇଖଡଙ୍କୁ ଦେବେ । ନୂଆ ଭୋଟରଙ୍କୁ ଫର୍ମ-୬ ଦେବାକୁ ହେବ। ୧ ଜୁଲାଇ ୨୦୨୬ ସୁଦ୍ଧା ଯେଉଁମାନଙ୍କୁ ୧୮ବର୍ଷ ହୋଇଛି ସେମାନେ ଆବେଦନ କରିପାରିବେ।

### ଇସ୍କନର ମନମାନି

## ଅସନ୍ତୋଷ ଗଜପତି, ପୁଣି ଚିଠି ଲେଖିଲେ

ପୁରୀ ୫।୭: ଇସ୍କନର ଅ-ତିଥି ସ୍ନାନଯାତ୍ରା, ରଥଯାତ୍ରା ପାଳନକୁ ଗଜପତିଙ୍କ ବିରୋଧ । ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅସନ୍ତୋଷ ଜାହିର କଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ । ଇସ୍କନର ଗଭର୍ଣ୍ଣିଂ ବଡି କମିଶନଙ୍କୁ ପୁଣି ଥରେ ଚିଠି ଲେଖିଲେ ଗଜପତି ।ଇସ୍କନ ପକ୍ଷରୁ ସ୍ନାନଯାତ୍ରା ଓ ରଥଯାତ୍ରା ଭିନ୍ନ ଭିନ୍ନ ସମୟରେ ହେଉଛି । ତିଥି ଅନୁସାରେ ପାଳନ କରିବା ସହ ଗୋଟିଏ ସମୟରେ କରିବାକୁ ଚିଠି । ଶ୍ରୀଜଗନ୍ନାଥ ସଂସ୍କୃତି ଅନୁଯାୟୀ ସମଗ୍ର ବିଶ୍ବରେ ଗୋଟିଏ ତିଥିରେ ପାଳନ ହେଉ । ତିଥି ବ୍ୟତୀତ ଅନ୍ୟ କୌଣସି ସମୟରେ ଯାତ୍ରା ପାଳନ ଗ୍ରହଣୀୟ ନୁହେଁ । ଜ୍ୟେଷ୍ଠ ପୂର୍ଣ୍ଣିମାରେ ହିଁ ସାରା ବିଶ୍ବର ଇସ୍କନ ମନ୍ଦିର ସ୍ନାନଯାତ୍ରା କରନ୍ତୁ । ନବଦିନାତ୍ମକ ଯାତ୍ରା ସମୟରେ ରଥଯାତ୍ରା କରିବାକୁ ଗଜପତିଙ୍କ ଅନୁରୋଧ । ଆଷାଢ଼ ଶୁକ୍ଳ ପକ୍ଷ ଦ୍ବିତୀୟା ଠାରୁ ଆରମ୍ଭ ହୁଏ ନବଦିନାତ୍ମକ ଯାତ୍ରା । ୨୦୨୫ରେ ଜିବିସି ନେଇଥିବା

# ହାତୀର ଗଳିତ ଶବ ଉଦ୍ଧାର

ରଣପୁର, ୫।୭ : ଖୋର୍ଦ୍ଧା ବନଖଣ୍ଡ ନୟାଗଡ଼ ଜିଲ୍ଲା ରଣପୁର ବନାଞ୍ଚଳ ଶଙ୍ଖଯୋଡ଼ି, ଦେଉଳୀ, କରଡ଼ାପଲ୍ଲୀ ଓ ଗୋପାଳପୁର ବନପାଳ ଅଞ୍ଚଳରେ ହାତୀ ଦଳ ଏବେ ଘର କରି ରହୁଛି। ଦୁଇଦିନ ତଳେ ଶଙ୍ଖାଯୋଡ଼ି ବନପାଳ ଅଧୀନ ଖିଲାମୁଣ୍ଡା ଠାକୁରାଣୀ ନିକଟ ଜଙ୍ଗଲରେ ଏକ ମାଈ ହାତୀ ଛୁଆ ଧରି ରାସ୍ତାରେ ବୁଲୁଥିବା ଦେଖି ବନାଞ୍ଚଳବାସୀ ଭୟଭୀତ ହୋଇ ପଡ଼ିଥିଲେ। ସୁରକ୍ଷା ପାଇଁ ବନ ବିଭାଗ ଗଜସାଥୀ ନିଯୁକ୍ତି ସହ ହାତୀଙ୍କ ଖାଦ୍ୟ ଓ ପାଣି ପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏକ ମାସରେ ବନ ରକ୍ଷୀ ଓ ବନପାଳ ଜଙ୍ଗଲରେ ୭୫ କିଲୋମିଟର ଓ ବନାଞ୍ଚଳ ଅଧିକାରୀ ୫୦ କିଲୋମିଟର ଚାଲିବା ପ୍ରାବଧାନ ରହିଛି। କିନ୍ତୁ ପ୍ରାବଧାନକୁ ବେଖାତିର କରି କେବଳ ଦିଆଯାଇଥିବା ମେସିନରେ ଜଙ୍ଗଲ ଭିତରକୁ ନଯାଇ ରାସ୍ତାରେ ଦର୍ଶା ଯାଉଥିବା ଅଭିଯୋଗ ହେଉଛି। ଯାହା ଫଳରେ ହାତୀ ଭଳି ମୂଲ୍ୟବାନ ବନ୍ୟଜନ୍ତୁ ଜଙ୍ଗଲରେ ମରି ଯାଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ନିକଟରେ ଖବର ରହୁ ନାହିଁ। ଫଳରେ ହାତୀ ମରି ଶବ ଗଳିତ ହେବା ପରେ ଦୁର୍ଗନ୍ଧ ଯୋଗୁଁ ଖବର ମିଳୁଛି। ରଣପୁର ଏକ ବିରାଟ ବନାଞ୍ଚଳ। ଦୀର୍ଘଦିନ ହେଲା ବନାଞ୍ଚଳ ଅଧିକାରୀ ପଦବି ଖାଲି ପଡ଼ିଛି। ପଦୋନ୍ନତି ପାଇଥିବା ଜଣେ ଡେପୁଟି ରେଞ୍ଜର ଦାଇତ୍ୱ ତୁଲାଉଛନ୍ତି। ଗତ ତିନି ତାରିଖରେ ଏକ ହାତୀର ଗଳିତ ଶବ ଶଙ୍ଖଯୋଡି ବନପାଳ କାର୍ଯ୍ୟାଳୟ ନିକଟ ଜଙ୍ଗଲରେ ପଡ଼ିଥିବା ଡେପୁଟି ରେଞ୍ଜର ସିଧୁ ସିଂ ଖବର ପାଇଥିଲେ। ତୁରନ୍ତ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କୁ ଖବର ଦେଇ ଘଟଣାସ୍ଥଳରେ ପହଂଚିଥିଲେ। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଘଟଣା ସ୍ଥଳରେ ପହଁଚିବା ସହ ରଣପୁର ବ୍ଲକ ପ୍ରଣିଧାନ ଅଧିକାରୀ ଙ୍କୁ ଡକାଇ ହାତୀର ଗଳିତ ଶବକୁ ପାଞ୍ଚନାମା କରିଥିବା ଜଣାପଡ଼ିଛି। ହାତୀର ଗଳିତ ଶବ ସହ ଦୁଇଟି ଦାନ୍ତ ଥିବାରୁ ହାତୀ ମୃତ୍ୟୁ ଶିକାରୀ ଜନିତ ନୁହେଁ ବୋଲି ଅନୁମାନ କରାଯାଉଛି। ଏହା ଏକ ରିମୋଟ ଅଞ୍ଚଳ ଯୋଗୁଁ ଖବର ମିଳିବା ବିଳମ୍ବ ସାଙ୍ଗକୁ ବନ ବିଭାଗ ଘଟଣା ପ୍ରକାଶ କରିବାକୁ ଚାହୁଁନଥିଲା। ହାତୀ ମୃତ୍ୟୁର ଅସଲ କାରଣ ଜଣା ପଡୁନଥିବା ବେଳେ ଗଳିତ ଶବ ପଞ୍ଚନାମା କରିଥିବା ବ୍ଲକ ପ୍ରାଣୀଧନ ଅଧିକାରୀ ଶକ୍ତିପ୍ରକାଶ ଦ୍ବିବେଦୀ କୁହନ୍ତି ନମୁନା ସଂଗ୍ରହ କରାଯାଇ ଭୁବନେଶ୍ବର କୃଷି ବିଶ୍ବବିଦ୍ୟାଳୟ ବନ୍ୟଜନ୍ତୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ରିପୋର୍ଟ ଆସିଲା ପରେ ହାତୀ ମୃତ୍ୟୁର କାରଣ ଜଣାପଡିବ।

## ଭିଜିଲାନ୍ସ ଜାଲରେ ସରପଞ୍ଚ

ସୋନପୁର: ସୁବର୍ଣ୍ଣପୁରଜିଲ୍ଲା ଉଲୁଣ୍ଡା ବ୍ଲକ ନିମ୍ନା ପଞ୍ଚାୟତର ସରପଞ୍ଚ ସୂର୍ଯ୍ୟକାନ୍ତି ପାଣ୍ଡେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ପଞ୍ଚାୟତର ଏକ ପୋଖରୀକୁ ମାଛ ଚାଷ ପାଇଁ ଠିକାରେ ନେଇଥିବା ମହିଳା ସ୍ବୟଂ ସହାୟକ ଗୋଷ୍ଠୀର ମହିଳାଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସମ୍ବଲପୁର ଭିଜିଲାନ୍ସ ଧରିଛି। ତାଙ୍କ ପାଖରୁ ଲାଞ୍ଚ ଟଙ୍କା ଜବତ ହୋଇଛି।

ସୂଚନା ଅନୁସାରେ, ସଂପୃକ୍ତ ମହିଳା ସ୍ବୟଂ ସହାୟକ ଗୋଷ୍ଠୀ ପାଞ୍ଚ ବର୍ଷ ପାଇଁ ପଞ୍ଚାୟତ ପୋଖରୀରେ ଠିକାରେ ନେଇଛନ୍ତି। ପିସିକଲଚରରେ ମାଛ ଚାଷ କରିବା ପାଇଁ ଆବଶ୍ୟକ ଚୁକ୍ତିନାମାରେ ସରପଞ୍ଚଙ୍କ ସ୍ବାକ୍ଷର ଓ ଜିଲ୍ଲା ମତ୍ସ୍ୟ ବିଭାଗ ପାଖରୁ ସବସିଡି ଅନୁମୋଦନ ପାଇଁ ସୁପାରିଶ କରିବାକୁ ୪୦ ହଜାର ଟଙ୍କା ଦାବି କରିଥିଲେ। ତେବେ ସପୃକ୍ତ ଏସଏଚଜିର କର୍ମକର୍ତ୍ତା ଏତେ ପରିମାଣର ଟଙ୍କା ଦେବାରେ ଅକ୍ଷମତା ପ୍ରକାଶ କରିଥିଲେ। ଶେଷରେ ମୁଲଚାଲ କରି ୨୦ ହଜାର ଟଙ୍କାରେ କଥା ଛିଡ଼ିଥିଲା। ଏହାପରେ ସଂପୃକ୍ତ ଏସଏଚଜିର କର୍ମକର୍ତ୍ତା ସମ୍ବଲପୁର ଭିଜିଲାନ୍ସର ଦ୍ବାରସ୍ଥ ହୋଇଥିଲେ। ଯୋଜନା ମୁତାବକ ରବିବାର ନିରନ୍ତର ବର୍ଷା ଲାଗି ରହିଥିଲେ ସୁଦ୍ଧା ସରପଞ୍ଚଙ୍କୁ ଟଙ୍କା ଦେବାକୁ ଯାଇଥିଲେ। ସରପଞ୍ଚ ଟଙ୍କା ନେବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଦଳ ମାଡ଼ି ବସିଥିଲେ।

### ଆଇଆଇସି ବିୟୁଟିଙ୍କ ମୃତ୍ୟୁ ମାମଲା

# ଚାପରେ ରହୁଛନ୍ତି ଓଡ଼ିଶା ପୋଲିସ

## ଉଦ୍‌ବେଗ ପ୍ରକାଶ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା ପୁଲିସ ଅଫିସର ସଂଘ ବିଭାଗୀୟ ଚାପ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ

ଭୁବନେଶ୍ୱର, ୫।୭ : କଟକ ଚାଉଳିଆଗଞ୍ଜ ଥାନାର ମହିଳା ଆଇଆଇସି ବ୍ୟୁଟୀ ମହାନ୍ତିଙ୍କ ଆକସ୍ମିକ ଓ ରହସ୍ୟଜନକ ମୃତ୍ୟୁ ଓଡ଼ିଶା ପୋଲିସ ବିଭାଗରେ ଥିବା ଆଭ୍ୟନ୍ତରୀଣ ଅଶାନ୍ତି ଓ ଚାପକୁ ପଦାରେ ପକାଇ ଦେଇଛି। ଜଣେ ଦକ୍ଷ ଓ ସାହସୀ ଅଫିସର କେଉଁ ପରିସ୍ଥିତିରେ ନିଜ ଜୀବନ ହାରିଲେ, ତାହାକୁ ନେଇ ଏବେ ସାରା ରାଜ୍ୟରେ ଚର୍ଚ୍ଚା ଜୋର ଧରିଛି । ଜଣେ ସାହସୀ ଓ ଦକ୍ଷ ପୋଲିସ ଅଫିସରଙ୍କର ଏଭଳି ରହସ୍ୟଜନକ ମୃତ୍ୟୁ ପୋଲିସ ବିଭାଗର ଆଭ୍ୟନ୍ତରୀଣ ବ୍ୟବସ୍ଥା, କାର୍ଯ୍ୟକ୍ଷେତ୍ରର ଚାପ ଏବଂ ମାନସିକ ସ୍ଥିତିକୁ ନେଇ ଅନେକ ନକାରାତ୍ମକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାରେ ଓଡ଼ିଶା ପୁଲିସ ଅଫିସର ସଂଘ ଉଦ୍ବେଗ ପ୍ରକାଶ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି। ୧୮ ଘଣ୍ଟାର କାର୍ଯ୍ୟଭାର ଏବଂ ମାନସିକ ଚାପ: ସଂଘର ସାଂଘାତିକ ଅଭିଯୋଗ ଓଡ଼ିଶା ପୁଲିସ ଅଫିସର ସଂଘର ସଭାପତି ଅସିତ କୁମାର ଜେନା ଏକ ପ୍ରେସମିଟ୍ କରି ବିଭାଗର କାର୍ଯ୍ୟଶୈଳୀ ଉପରେ ବଡ଼ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ କହିବା ଅନୁଯାୟୀ ଓଡ଼ିଶା ପୋଲିସର ଅଧିକାରୀମାନେ ଦିନକୁ ପ୍ରାୟ ୧୮ ଘଣ୍ଟା କାମ କରୁଛନ୍ତି, ଯାହା ସେମାନଙ୍କୁ ପ୍ରବଳ ୱାର୍କ ପ୍ରେସର ବା କାର୍ଯ୍ୟକ୍ଷେତ୍ରର ଚାପ ମଧ୍ୟକୁ ଠେଲି ଦେଉଛି। ସଂଘ ଦାବି କରିଛି ଯେ, ଆସନ୍ତା ୩୦ ଦିନ ଭିତରେ ଏହି ଘଟଣାର ସମ୍ପୂର୍ଣ୍ଣ ରିପୋର୍ଟ ପ୍ରକାଶ କରାଯାଉ ଏବଂ ତାକୁ ସାର୍ବଜନୀନ କରାଯାଉ, ଯଦ୍ଦ୍ୱାରା ପ୍ରକୃତ ସତ ସାମ୍ନାକୁ ଆସିପାରିବ। କେମିତି ଘଟିଲା ଏହି ଅଘଟଣ । ବ୍ୟୁଟୀ ମହାନ୍ତି କଟକର ଲାଲବାଗ ଥାନା କ୍ୟାମ୍ପସ କ୍ୱାର୍ଟର୍ସରେ ନିଜର ୯ ବର୍ଷର ପୁଅ ସହ ରହୁଥିଲେ। ସ୍ୱାମୀ ମୁମ୍ବାଇରେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଥିବାରୁ, ପୁଅର ଏକୁଟିଆପଣ ପାଇଁ ସେ କେବେ ବି ଥାନା ରେଷ୍ଟରୁମରେ ରାତି ରହୁନଥିଲେ। ସବୁଦିନ ଭଳି ଡ୍ୟୁଟି ସାରିବା ପରେ ସେ କ୍ୱାର୍ଟର୍ସକୁ ନଯାଇ ଚାଉଳିଆଗଞ୍ଜ ଥାନାର ରେଷ୍ଟରୁମରେ ରାତିରେ ରହିଯାଇଥିଲେ। ଥାନାର ଜଣେ କର୍ମଚାରୀ ତାଙ୍କୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ସେ ଉଠାଇନଥିଲେ।

ସନ୍ଦେହ ହେବାରୁ ଏସିପି ଏବଂ ଅତିରିକ୍ତ ଡିସିପିଙ୍କୁ ଖବର ଦିଆଯାଇଥିଲା। କବାଟ ଭାଙ୍ଗିବା ପରେ ଭିତରେ ଆଇଆଇସି ବ୍ୟୁଟୀ ମହାନ୍ତିଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ତୁରନ୍ତ ତାଙ୍କୁ ମେଡିକାଲ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଦଳି ଜନିତ ଅସନ୍ତୋଷ ଓ ପାରିବାରିକ ଦିଗ ପୋଲିସ କମିଶନର ଏହାକୁ ବ୍ୟକ୍ତିଗତ କାରଣ ଦର୍ଶାଉଥିବା ବେଳେ, ବ୍ୟୁଟୀଙ୍କ ସ୍ୱାମୀ ପାରିବାରିକ ଅସନ୍ତୋଷ କଥାକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି। ତାଙ୍କ ବୟାନ ବିଭାଗୀୟ ଚାପ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଶନିବାର ରାତି ୧୦ଟା ୨୫ରେ ସ୍ତ୍ରୀଙ୍କ ସହ କଥା ହୋଇଥିଲି, କିଛି ବି ଅସ୍ୱାଭାବିକ ଲାଗିନଥିଲା। ସେ ମହିଳା ଥାନାରୁ ବଦଳି ହେବାକୁ ଚାହୁଁନଥିଲେ। ନନ୍ଦନକାନନ ବଦଳି ବେଳେ ମଧ୍ୟ ସିପିଙ୍କୁ ମନା କରିଥିଲେ। ପରବର୍ତ୍ତୀ ସମୟରେ ବଦଳି ପାଇଁ ମନସ୍ଥିର କରିବାକୁ କୁହାଯିବାରୁ ସେ ମନା କରିନପାରି ବାଧ୍ୟ ହୋଇ ଚାଉଳିଆଗଞ୍ଜରେ ଜଏନ୍ କରିଥିଲେ। ରାତି ୧୧ଟା ୪୬ରେ ମୁଁ ପୁଣି କଲ୍ କରିଥିଲି, ହେଲେ ସେ ଆଉ ଫୋନ୍ ଉଠାଇନଥିଲେ। ୨୦୧୦ ମସିହାରୁ ପୋଲିସ ବିଭାଗରେ ଯୋଗ ଦେଇଥିବା ବ୍ୟୁଟୀ ମହାନ୍ତି ଗଞ୍ଜାମ, ମର୍କତ ନଗର, କଟକ ମହିଳା ଥାନା ଏବଂ ପାହାଳ ଥାନା ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କାର୍ଯ୍ୟ କରି ସାହସୀ ଅଫିସରର ପରିଚୟ ସୃଷ୍ଟି କରିଥିଲେ। ତେବେ ଜଣେ ସାହସୀ ଲେଡି ଅଫିସରଙ୍କୁ କେଉଁ ପରିସ୍ଥିତି ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ କଲା ଏହା କର୍ମକ୍ଷେତ୍ରର କୌଣସି ଗୁପ୍ତ ବିବାଦର ପରିଣାମ ନା ବାରମ୍ବାର ବଦଳି ଜନିତ ମାନସିକ ନିର୍ଯାତନା ।

ରାଜ୍ୟ ଆଇନମନ୍ତ୍ରୀ ପୃଥ୍ବୀରାଜ ହରିଚନ୍ଦନ ଏହି ଘଟଣାକୁ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ପୋଲିସ ଏହାର ତଦନ୍ତ କରୁଛି ଏବଂ ମୃତ୍ୟୁ ପଛରେ ଯିଏ ବି ଦାୟୀ ଥିବେ, ତାଙ୍କୁ କଦାପି ଛଡ଼ାଯିବ ନାହିଁ। ତେବେ ପୋଲିସ ନିଜ ସହକର୍ମୀଙ୍କ ମୃତ୍ୟୁର ନିରପେକ୍ଷ ତଦନ୍ତ କରିପାରୁଛି କି ନାହିଁ, ତାହା ଆଗାମୀ ସମୟରେ ଜଣାପଡ଼ିବ।

# ବର୍ଷା ପାଣିରେ ଭାସିଯାଇ ବ୍ୟକ୍ତି ମୃତ

ବରଗଡ, ୫।୭ (ଆନିସ): ଲଗାଣ ବର୍ଷା ଯୋଗୁଁ ବରଗଡ଼ ଜିଲ୍ଲାରେ ଏକ ଦୁଃଖଦ ଘଟଣା ଘଟିଛି। ଲୁହୁରାଚଟି–ଲେଖାପତର ରାସ୍ତାରେ ଥିବା କୁଡ଼ାପାଲି ପୋଲ ଉପରେ ବଢ଼ି ପାଣି ପ୍ରବାହିତ ହେଉଥିବା ବେଳେ ବାଇକ୍‌ରେ ପାର ହେବାକୁ ଉଦ୍ୟମ କରୁଥିବା ସମୟରେ ଜଣେ ବ୍ୟକ୍ତି ପାଣି ସ୍ରୋତରେ ଭାସିଯାଇ ପ୍ରାଣ ହରାଇଛନ୍ତି। ମୃତକ ହେଲେ ପଣ୍ଡକିପାଲି ପଞ୍ଚାୟତ ଅନ୍ତର୍ଗତ କୁଦୋପାଲି ଗ୍ରାମର କ୍ଷିରୋଦ୍ର ବେହେରା (୫୨)। ସୂଚନା ଅନୁଯାୟୀ, ପୋଲ ଉପରେ ପାଣିର ପ୍ରଖର ସ୍ରୋତ ଚାଲିଥିବା ସତ୍ତ୍ୱେ ସେ ବାଇକ୍‌ରେ ପାର ହେବାକୁ ଚେଷ୍ଟା କରିଥିଲେ। ହଠାତ୍ ବାଇକ୍‌ଟି ସ୍ରୋତରେ ଭାସିଯିବା ସହ ସେ ମଧ୍ୟ ପାଣିରେ ଖସି ପଡ଼ିଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବର୍ଷା ସମୟରେ ବଢ଼ି ପାଣି ଚାଲୁଥିବା ପୋଲ ଓ ରାସ୍ତା ଅତିକ୍ରମ ନ କରିବାକୁ ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ସତର୍କ କରାଯାଇଛି।

# ଆଦିବାସୀ ଓ ଦଳିତ ଠିକା ଏବଂ ପରିବହନ ସଂସ୍ଥା ପକ୍ଷରୁ ଭତ୍ତା ପ୍ରଦାନ

ସୁନ୍ଦରଗଡ:୦୫/୦୭(ଆନିସ): ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଦର୍ଲିପାଲି ନିକଟସ୍ଥ ମା ଚନ୍ଦଳୀପାଟ ପାଦ ପୀଠ ତଳେ ଆଦିବାସୀ ଓ ଦଳିତ



ଠିକା ଏବଂ ପରିବହନ ସଂସ୍ଥା ପକ୍ଷରୁ ତୃତୀୟ ଥର ପାଇଁ ଅଞ୍ଚଳର ୧୦୩ ଜଣ ମହିଳା ଓ ପୁରୁଷଙ୍କୁ ଏକ ହଜାର ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରିଥିଲେ । ସଂସ୍ଥାର ସଭାପତି ଦିଲ୍ଲୀପ କୁମୁରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ କଂଗ୍ରେସ ଜିଲ୍ଲା ସଭାପତି ନିର୍ମଳ କୁମାର ନାଏକ ଯୋଗଦାନ କରି ଏହି ସଂସ୍ଥାର କାର୍ଯ୍ୟକଳାପକୁ ଭୂୟସୀ ପ୍ରଶଂସା କରିଥିଲେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଯୋଗେନ୍ଦ୍ର ଚୌଧୁରୀ ଉପସ୍ଥିତ ରହି ସଂସ୍ଥାର ଉତ୍ତୋରାତ୍ତର ଉନ୍ନତି ସକାଶେ ସମସ୍ତ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଶେଷରେ ସଂସ୍ଥାର ରଞ୍ଜିତ ବୁଢ଼ା ସାଗର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୌସୁମୀ କବିତା ଆସର

ଢେଙ୍କାନାଳ, ୫।୭ (ଆନିସ): ରିଖ ସ୍ଥାନୀୟ ବାଣିଜ୍ୟ ଭବନ ଠାରେ ଥୀଙ୍କର ସ ଫୋରମ ଦ୍ୱାରା ମୌସୁମୀ କବିତା ଆସର ସୌ ମେନ୍ଦୁ ଶତପଥି ଙ୍କ ଅଧ୍ୟକ୍ଷ ତାରେ ସକାଳ ଦଶ ଘଟିକା ସମୟରେ ଅନୁଷ୍ଠିତ



ହୋଇଯାଇଛି ଏହି ବୈଠକ ରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ତପନ କୁମାର ଶତପଥି, ମୁଖ୍ୟ ବକ୍ତା ଭାବରେ ପ୍ରାଧାପକ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବରେ ପଣ୍ଡିତ ବିପିନ ବିହାରି ଶତପଥି, ଯୋଗ ଦେଇ ଢେଙ୍କାନାଳ ର ଗଡ଼ ଜାତ ଆନ୍ଦୋଳନ ରେ ଅବଦାନ ସମ୍ପର୍କ ରେ ବିଷଦ ଆଲୋଚନା କରି ଥି ଲେ ପ୍ରଥମ ପର୍ଯ୍ୟାୟ ରେ ମୌସୁମୀ କବିତା ଆସର ରେ କବୀମାନେ ସ୍ୱ ରଚିତ କବିତା ମାନ ପାଠ କରି ଥି ଲେ କବି ଡକ୍ଟର ପ୍ରମୋଦ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା

# ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ପ୍ରକାଶ

କେନ୍ଦ୍ରାପଡ଼ା,୫।୭ (ଆନିସ): ସାଧାରଣ ଜନତାଙ୍କ ଅଭିଯୋଗର ତ୍ୱରିତ ଶୁଣାଣି, ସମାଧାନ ଓ ପ୍ରଶାସନକୁ ଲୋକଙ୍କ ନିକଟତର କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଜୁଲାଇ–୨୦୨୬ ମାସ ପାଇଁ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆୟୋଜନ କରାଯିବ। କାର୍ଯ୍ୟସୂଚୀ ଅନୁଯାୟୀ ୦୬.୦୭.୨୦୨୬ (ସୋମବାର) ଦିନ ଆଳି ବ୍ଲକ କାର୍ଯ୍ୟାଳୟ ପରିସରରେ, ୧୩.୦୭.୨୦୨୬ (ସୋମବାର) ଦିନ ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ପରିସରରେ, ୨୦.୦୭.୨୦୨୬ (ସୋମବାର) ଦିନ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଏବଂ ୨୭.୦୭.୨୦୨୬ (ସୋମବାର) ଦିନ ଡେରାବିଶ ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ।

ପ୍ରତ୍ୟେକ ଶିବିର ପୂର୍ବାହ୍ନ ୧୦.୩୦ ଘଟିକାରୁ ଦିନ ୧.୦୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଶିବିରରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିବେ ଏବଂ ଯଥାସମ୍ଭବ ସ୍ଥଳରେ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଯେଉଁ ଅଭିଯୋଗର ତୁରନ୍ତ ସମାଧାନ ସମ୍ଭବ ହେବ ନାହିଁ, ସେଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯିବ। ଜିଲ୍ଲାର ସମ୍ପୃକ୍ତ ବ୍ଲକ ଏବଂ ଆଖପାଖ ଅଞ୍ଚଳର ଜନସାଧାରଣଙ୍କୁ ସେମାନଙ୍କର ବ୍ୟକ୍ତିଗତ, ସାମୂହିକ ଓ ସାଧାରଣ ସ୍ୱାର୍ଥ ସମ୍ବଳିତ ସମସ୍ୟା ଏବଂ ଅଭିଯୋଗଗୁଡ଼ିକୁ ଆବଶ୍ୟକ ପ୍ରମାଣପତ୍ର ସହ ନିର୍ଦ୍ଦିଷ୍ଟ ତାରିଖରେ ଉକ୍ତ ଶିବିରରେ ଉପସ୍ଥାପନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ଜାମୁକୋଣ ବୈଷ୍ଣୋଦେବୀଙ୍କ ସୁନା ହାର, ମୁକୁଟ ଚାନ୍ଦିର ଚାନ୍ଦୁଆ ଚୋରୀ ଘଟଣା

# ୨ ମାସ ବିତିଲା ଧରାପଡ଼ିଲେନି ଚୋର ନା ଚୋରୀ ସାମଗ୍ରୀ

## ବିଳମ୍ବ ଯୋଗୁଁ ପୋଲିସର କାର୍ଯ୍ୟଦକ୍ଷତା ଉପରେ ସନ୍ଦେହ ଅଗଣିତ ଭକ୍ତଙ୍କ ଭାବାବେଗ ପ୍ରତି ଧ୍ୟାନ ଦିଆଯାଉ



ଓଡ଼ଗାଁ ୦୫/୦୭ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଶରଧାପୁର ପଞ୍ଚାୟତ ଶରଣକୁଳ ଥାନା ଚୋର ଖୋଲ ଜଙ୍ଗଲର ଜାମୁକୋଣ ଠାରେ ବିଜେ ମାବୈଷ୍ଣୋଦେବୀଙ୍କ ଗମ୍ବୁଜ ଦ୍ୱାର କବାଟ କଡ଼ା ଭାଙ୍ଗି ତିନୋଟି ସୁନାର ମୁକୁଟ, ତିନୋଟି ସୁନା ହାର ଏବଂ ତିନୋଟି ଚାନ୍ଦିର ଚାନ୍ଦୁଆ ଯାହାର ଆନୁମାନିକ ମୂଲ୍ୟ ୪୦ ଲକ୍ଷ ହେବ। ଚଳିତ ବର୍ଷ ଏପ୍ରିଲ ମାସ ୩୦ ତାରିଖ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ବେଳେ ଏ ନେଇ ସେ ୦୧ ତାରିଖ ଶୁକ୍ରବାର ସକାଳେ ଶରଣକୁଳ ଥାନାରେ ଅଭିଯୋଗ ହୋଇଥିଲା। ଶରଣକୁଳ ପୋଲିସ ୮୪/୨୦୨୬ରେ ଏକ ଚୋରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଗମ୍ବୁଜର ତାଲା ଭାଙ୍ଗି ଚୋରି ହୋଇଥିବା ଜଣାଯାଇଥିଲା। ଶରଣକୁଳ ଏସଡିପିଓ ଦିପ୍ତିକାନ୍ତ ପ୍ରଧାନ, ଆଇଆଇସି ସୁଜିତ କୁମାର ଦାସଙ୍କ ସହିତ ସାଇଣ୍ଟିଫିକ୍ ଦଳ, ସ୍ପେସାଲ୍ ଡଗ୍ସ ସ୍କାର୍ଡ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଚୋରି ଘଟଣାକୁ ୨ ମାସ ବିତିଯାଇଥିଲେ ମଧ୍ୟ ତଦନ୍ତ ସରିନି। ଚୋର ଗିରଫ ହୋଇନି।ଏବଂ ଚୋରି ସାମଗ୍ରୀ ମଧ୍ୟ ଜବତ ହେଉନି। ଆଗକୁଯେ ସାମଗ୍ରୀ ଜବତ ହେବ,ସେଥିରୁ ଭରସା ତୁଟି ଗଲାଣି।ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ଟିକି ଟିକି ପାହାଡ଼ ଘେର। ମଧ୍ୟରୁ ଜାମୁକୋଣ ପାହାଡ଼ରେ ମାବୈଷ୍ଣୋଦେବୀଙ୍କ ମନ୍ଦିର ଏବଂ ଏହି ଅଞ୍ଚଳର ଆୟତନକୁ ଲକ୍ଷ୍ୟ ରଖି ତୁଳନାତ୍ମକ ଭାବରେ ଏଠାରେ ସୁରକ୍ଷା ବ୍ୟବସ୍ଥା ସେପରି ନଥାଏ।ଏପରି ସ୍ଥଳେ ଗୁରୁବାର ରାତିରେ କାଳବୈଶାଖୀର ଝଡ଼ ବର୍ଷା ଯୋଗୁଁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଥିଲା। ରାତି ପ୍ରାୟ ୧୦ଟା ବେଳକୁ ମନ୍ଦିର ଇନଭଟରରୁ ପାୱାର ଶେଷ ହୋଇଯାଇଥିଲା।ଜେନେରେଟର ଥିଲା।କିନ୍ତୁ ତାକୁ ଲଗାହେଲା ନାହିଁ। ଝଡ଼ ବର୍ଷା ସାଙ୍ଗକୁ ଥଣ୍ଡା ପବନରେ ରାତ୍ରି ଜଗୁଆଳ ଶୋଇପଡ଼ିଲେ।ରାତି ପ୍ରାୟ ସାଢ଼େ ଗୋଟେ ପରେ ଚୋର କବାଟର କଡ଼ା ଭାଙ୍ଗି ଚୋରି କରିଥିଲେ।ଲୁହାର ଗ୍ରୀଲ କିମ୍ବା ସଟର ଥିଲେ ହୁଏତ ଚୋରି କରିବା ସହଜସାଧ୍ୟ ହୋଇନଥାନ୍ତା। ଝଡ଼ ବର୍ଷା କାରଣରୁ ସଚଳ ସିସିଟିଭିକୁ ବନ୍ଦ୍ କରାଯାଇଥିଲା। କିନ୍ତୁ ବର୍ଷା ଥମିଗଲା ପରେ ଆଉ ସଚଳ କରାଯାଇନଥିଲା। ଫଳରେ ଚୋରି ସମ୍ପର୍କରେ କିଛି ଜଣାପଡ଼ିଲା ନାହିଁ।ଏଭଳି ଏକ ଅଞ୍ଚଳରେ ରାତିରେ ସବୁବେଳେ ବିଦ୍ୟୁତ୍ ଆଲୋକ ଜାଳିବା କଥା।ଏବଂ ସୁରକ୍ଷା ପାଇଁ ଏକାଧିକ ରାତ୍ର ଜଗୁଆଳ ନୁହେଁ ବରଂ ବନ୍ଧୁକ ଧାରୀ ସୁରକ୍ଷା କର୍ମୀ ମୃତୟନ ହେବା କଥା।କାରଣ ଏହି ଅଞ୍ଚଳ ଏକଦା ଚୋରମାନଙ୍କ ଚରାଭୂଇଁ ଥିବାରୁ ଏହି ସ୍ଥାନଟି ଚୋର ଖୋଲ ନାମରେ ପରିଚିତ ଥିଲା।ମନ୍ଦିର ପରିଚାଳକଙ୍କ ପରିଚାଳନା ଗତ ତ୍ରୁଟି,ଅବହେଳା, ଅଦୂରଦର୍ଶିତା କିମ୍ବା ଅର୍ଥ ବ୍ୟୟ କରିବାରେ ଅସମର୍ଥତା ଯୋଗୁଁ ଆଜି ଏପରି କାଣ୍ଡ ଘଟିଲା। ଏବଂ ଉକ୍ତ ଘଟଣା ଭକ୍ତଙ୍କ ଭାବାବେଗକୁ ଆଘାତ ଦେଲା। ଓଡ଼ିଶା ରାଜ୍ୟ ନୟାଗଡ଼ ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନ ସ୍ଥଳୀ ରୂପେ ପରିଚିତ ଜାମୁକୋଣରେ ଅବସ୍ଥିତ ମା ବୈଷ୍ଣୋଦେବୀ ଏବଂ ତାଙ୍କ ବିଜେସ୍ଥଳୀ ଜାମ୍ମୁ କାଶ୍ମୀରର କଟ୍ରା ଠାରେ ଥିବା ବୈଷ୍ଣୋଦେବୀଙ୍କ ମନ୍ଦିର ଢାଞ୍ଚାରେ ନିର୍ମାଣ ହୋଇଥିବାରୁ ଗଣ ମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମରେ ଏହାର ପ୍ରଚାର ପ୍ରସାର ହେବା ପରେ ଓଡ଼ିଶା ରାଜ୍ୟର କୋଣ ଅନୁକୋଣରୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଦର୍ଶନ ପାଇଁ ଆସୁଥିବା ଦର୍ଶନାର୍ଥୀଙ୍କ ଏଠାରେ ଭିଡ଼ ଜମୁଥିଲା।

# ବର୍ଷା ଆଉ ଇଣ୍ଡା ବର୍ଜ୍ୟପାଣି ଯୋଗୁଁ ହନ୍ତ ସନ୍ତ ଧୂମାବତୀ ବିହାର ବାସିନ୍ଦା



ଚୌଦ୍ୱାର, ୫।୭ (ଆନିସ): ଲଗାଣ ବର୍ଷା ଯୋଗୁଁ ଚୌଦ୍ୱାର ପୌରାଞ୍ଚଳର ବିଭିନ୍ନ ଅଞ୍ଚଳ ରେ ଜଳ ନିଷ୍କାସନ ହୋଇନପାରିବାରୁ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ସତର ନମ୍ବର ୱାର୍ଡ ର ଧୂମାବତୀ ବିହାର ବାସିନ୍ଦା ମାନେ ଜଳବନ୍ଦୀ ର ସମ୍ମୁଖୀନ ହେଉଛନ୍ତି । ସହରର ସର୍ବାଧିକ ପୌର ହୋଲଡିଂ ଟିକସ ଦେଉଥିବା ଧୁମବତୀ ବିହାରରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ପ୍ରାୟ ଦେଢ଼ଶହ ପରିବାର ବର୍ଷା ଯୋଗୁଁ ବାରମ୍ବାର ସନାସ୍ୟାର ସମ୍ମୁଖୀନ ହେଉଛନ୍ତି । ଗତ ଦୁଇଦିନ ହେବ ଅଂଚଳର ମୁଖ୍ୟ ପ୍ରବେଶପଥ ଯାହାକି ଜାତୀୟ ରାଜପଥ ରୁ ବାହାରି ବିରାଟ ବଜାର କୁ ଯାଉଛି ତାହା ଉପରେ ତିନି ଫୁଟ ର ବର୍ଷା ଜଳ ଚାଲୁଛି । ଫଳରେ ରାସ୍ତାରେ ଯାତାୟାତ ପୁରାପୁରି ବନ୍ଦ ରହିଛି । ଲୋକମାନେ ବହୁ କଷ୍ଟରେ ଅଂଟାଏ ପାଣିରେ ଚାଲି ଚାଲି ଯିବାଆସିବା କରୁଛନ୍ତି । ଅନେକ ଲୋକଙ୍କ ଘରେ ପାଣି ପଶି ଯିବାରୁ ସେମାନେ ଅ କାଥନୀୟ ଯନ୍ତ୍ରଣା ଭୋଗୁଛନ୍ତି ।.

ଏଭଳି ସମୟରେ ସ୍ଥାନୀୟ ଇଣ୍ଡା କାରଖାନା କତୃପକ୍ଷ ନିଜର କେମିକାଲ ମିଶା ବର୍ଜ୍ୟ ପାଣି କୁ ସିଧାସଳଖ ଭାବେ ଜାତୀୟ ରାଜପଥ ଡ୍ରେନ କୁ ଛାଡି ଦେଉଥିବାରୁ ପରିସ୍ଥିତି ଆହୁରି ଶାଚନୀୟ ହୋଇପଡୁଛି । ଧୂମାବତୀ ବିହାର ନିକଟରେ ଜାତୀୟ ରାଜପଥ ଡ୍ରେନ ଯାଇଛି । ଡ୍ରେନ ଉପରେ ଯାଇଥୁବାରୁ ଅଂଚଳ ର ବର୍ଷପାଣି ଡ୍ରେନ କୁ ନିଷ୍କାସତ ହୋଇପାରୁନି, ଓଲଟି ଜାତୀୟ ରାଜପଥ ପାଣି ଡ୍ରେନରୁ ଉଛୁଳି ଅଞ୍ଚଳରେ ପ୍ରବେଶ କରି ଜଳବନ୍ଦୀ ସମସ୍ୟା ସୃଷ୍ଟି କରୁଛି : : ଏ ସମ୍ପର୍ଯରେ ସ୍ଥାନିୟ ବାସିନ୍ଦା ମାନେ ବାରମ୍ବାର ପୌର ପାଳିକା, କାଉ ନସୁଲର, ବିଧାୟକ ଙ୍କୁ ଲିଖିତ ଜଣାଇଥିଲେ ମଧ୍ୟ କେହି ଏଠି ପ୍ରତି ଦୃଷ୍ଟି ଦେଉ ନଥିବା ସ୍ଥାନୀୟ ବାସିନ୍ଦା ସତ୍ୟବ୍ରତ ଦାସ, ଅଜୟ ସାହୁ, ରାଜେନ୍ଦ୍ର କର, ପ୍ରଭାକର ନାୟକ, ବାଢ଼ୁଦେବ ମାହାଳିଆ, ମୁରଲୀ ପୈଟାଲ, ରଞ୍ଜନ ସାହୁ,କବିତା ମହାନ୍ତି, ସସ୍ମିତା କର, ଧରିତ୍ରୀ ଥଟୋଇ, ମନୋରଞ୍ଜନ ଓଝା, ବିକାଶ ଜେନା ପ୍ରାମୁଖ ଅଭିଯୋଗ କରିଛନ୍ତି । ଏହି ସମସ୍ୟାର ସମାଧାନ କରା ନଗଲେ ପୌର କାର୍ଯ୍ୟାଳୟ ଆଗରେ ଧାରଣରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

# ସୁନ୍ଦରଗଡ଼ କଳାକାର ମଞ୍ଚ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ସୁନ୍ଦରଗଡ଼:୦୫/୦୭(ଆନିସ): ଆସନ୍ତା ଅଗଷ୍ଟ ୧ ତାରିଖରେ ପାଳିତ ହେବାକୁ ଥିବା ସମ୍ବଲପୁରୀ ଦିବସ ଉପଲକ୍ଷେ ସୁନ୍ଦରଗଡ଼ କଳାକାର ମଞ୍ଚ ପକ୍ଷରୁ ଜୁଲାଇ ୫ ତାରିଖ ରବିବାର ଦିନ ସ୍ଥାନୀୟ କଳାୟତନ ପରିସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୫୫ରୁ ଅଧିକ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରି ନିଜ ନିଜ କଳା ପ୍ରତିଭାର ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ବୟସ



ବର୍ଗର ପ୍ରତିଯୋଗୀମାନଙ୍କ ଚିତ୍ରକଳା ଉପସ୍ଥିତ ଅତିଥି ଓ ଦର୍ଶକମାନଙ୍କୁ ବେଶ୍ ଆକର୍ଷିତ କରିଥିଲା। ଏହି କାର୍ଯ୍ୟକ୍ରମରେ ଦୁର୍ଗାମାଧବ ପଣ୍ଡା, ଶ୍ରୀମନ୍ତ ଦାସ, ଶ୍ରୀମତୀ ସୁସ୍ମିତା ହୋତା, ରୋସନ ସାହୁ, ଗୋପାଳ ମିସ୍ତ୍ରୀଙ୍କ ସହ ସୁନ୍ଦରଗଡ଼ କଳାକାର ମଞ୍ଚର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ସମସ୍ତଙ୍କ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣରେ କାର୍ଯ୍ୟକ୍ରମଟି ଶୃଙ୍ଖଳିତ ଓ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଆୟୋଜକମାନେ କହିଛନ୍ତି ଯେ, ସମ୍ବଲପୁରୀ ଭାଷା, ସଂସ୍କୃତି ଓ କଳାର ପ୍ରଚାର ଓ ପ୍ରସାର ସହ ଛାତ୍ରଛାତ୍ରୀଙ୍କ ସୃଜନଶୀଳ ପ୍ରତିଭାକୁ ବିକଶିତ କରିବା ଉଦ୍ଦେଶ୍ୟରେ ଆଗାମୀ ଦିନରେ ମଧ୍ୟ ଏଭଳି ବିଭିନ୍ନ ସୃଜନଶୀଳ କାର୍ଯ୍ୟକ୍ରମର ଆୟୋଜନ କରାଯିବ।

# ଜିଲ୍ଲା ସ୍ତରୀୟ ଉପ-କନିଷ୍ଠ ସିପକଟାକ୍ରୋ ଖେଳାଳି ଚୟନ ପ୍ରତିଯୋଗିତା


ସୁନ୍ଦରଗଡ଼,୫।୭(ଆନିସ):ଆସନ୍ତା ଜୁଲାଇ ୧୦ ତାରିଖ ଶୁକ୍ରବାର ସକାଳ ୧୦ଟା ସମୟରୁ ସୁନ୍ଦରଗଡ଼ ଭବାନୀ ଭବନ ସ୍ପୋର୍ଟ୍ସ କଂପ୍ଲେକ୍ସ ପରିସରରେ ଜିଲ୍ଲା ସ୍ତରୀୟ ଉପ – କନିଷ୍ଠ ସିପକଟାକ୍ରୋ ଖେଳାଳି ଚୟନ ପ୍ରତିଯୋଗିତା କରାଯିବ ଯେଉଁ ଖେଳାଳି ମାନଙ୍କ ଜନ୍ମ ଜାନୁଆରୀ ୧ ତାରିଖ ୨୦୧୨ ମସିହା କିମ୍ବା ପରେ ଜନ୍ମ ଗ୍ରହଣ କରିଥିବେ ସେମାନେ କେବଳ ଚୟନ ପ୍ରତିଯୋଗିତାରେ ଭାଗ ନେଇ ପାରିବେ ।

ଜିଲ୍ଲା ସ୍ତରରେ ଉପ କନିଷ୍ଠ ବିଭାଗରେ ଯେଉଁ ଖେଳାଳି ମାନେ ଚୟନ ହେବେ ସେମାନେ ଓଡ଼ିଶା ଆନ୍ତଃଜିଲ୍ଲା ଉପ କନିଷ୍ଠ ସିପକଟାକ୍ରୋ। ଚୟନ ପ୍ରତିଯୋଗିତାରେ ଭାଗ ନେଇ ପାରିବେ ସେଠାରେ ଯେଉଁ ମାନେ ଚୟନ ହେବେ ଆସନ୍ତା ସେପ୍ଟେମ୍ବର ମାସ ୬ ରୁ ୧୦ ତାରିଖ ମଧ୍ୟରେ ଜାମ୍ମୁ କାଶ୍ମୀର, ଶ୍ରୀନଗର ନିକଟସ୍ଥ ଶେର କାଶ୍ମୀର ଇଣ୍ଡୋର ସ୍ପୋର୍ଟ୍ସ କଂପ୍ଲେକ୍ସରେ ହେବାକୁ ଥିବା ୨୯ ତମ ଉପ କନିଷ୍ଠ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ଦଳ ତରଫରୁ ଭାଗ ନେଇ ପାରିବେ ଚୟନ ଦିନ ସିପକଟାକ୍ରୋ ଡ୍ରେସ କୋଡ଼ ସହିତ ସାଙ୍ଗରେ ଆଧାର କାର୍ଡ, ଜନ୍ମଗତ ସାର୍ଟିଫିକେଟ ଓ ପାସପୋର୍ଟ ସାଇଜ ଫଟୋ ଆଣି ନିଜ ନିଜ ନାମ ପଞ୍ଜୀକୃତ କରିବେ ଓଡିଶା ରାଜ୍ୟ ସିପକଟାକ୍ରୋ। ସଂଘର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଅଗଷ୍ଟ ୧୯ ଓ ୨୦ ତାରିଖ ଦିନ ସୁନ୍ଦରଗଡ଼ ଜିଲ୍ଲାର ଯୋଗୀମାଲରେ ଅସ୍ମିତା ସିପକଟାକ୍ରୋ ଲିଗ ୨୦୨୬–୨୭ ଅନୁଷ୍ଠିତ ହେବ । ଉକ୍ତ ପ୍ରତିଯୋଗିତାରେ ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, ସୁବର୍ଣ୍ଣପୁର,ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ର କେବଳ ବାଳିକା ଖେଳାଳି ମାନେ ଭାଗ ନେଇ ପାରିବେ ଅସ୍ମିତା ଖେଲୋ। ଇଣ୍ଡିଆରେ ପଞ୍ଜିକୃତ ୧୨୦ ଜଣ ଖେଳାଳି ମାନଙ୍କ ମଧ୍ୟରେ ପ୍ରତିଯୋଗିତା ହେବ ଅସ୍ମିତା ଖେଲୋ। ଇଣ୍ଡିଆରେ ପଞ୍ଜିକୃତ ଆରମ୍ଭ ହୋଇଯାଇଛି । ଅଧିକ ଜାଣିବା ପାଇଁ ଭବାନୀ ଭବନ ସ୍ପୋର୍ଟ୍ସ କଂପ୍ଲେକ୍ସର ସିପକଟାକ୍ରୋ ଟ୍ରେନର ଲିପ୍ସା ଷଡଙ୍ଗୀଙ୍କ ମୋବାଇଲ୍ ନମ୍ବର ୬୩୭୧୪୪୮୪୮୫ ରେ ସମ୍ପର୍କ କରିବା ପାଇଁ ସୁନ୍ଦରଗଡ଼ ଜିଲ୍ଲା ସିପକଟାକ୍ରୋ ସଂଘର ସଭାପତି ସିଦ୍ଧାର୍ଥ ବକ୍ସି ସୂଚନା ଦେଇଛନ୍ତି ।

# ଉନ୍ମୋଚିତ ହେଲା 'ସଂଘର୍ଷରୁ ସମ୍ମାନ ପର୍ଯ୍ୟନ୍ତ'

ଖୋର୍ଦ୍ଧା, ୫।୭(ଆନିସ): ଖୋର୍ଦ୍ଧା ସାମନ୍ତରାପୁର ସରକାରୀ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ନମିତାରାଣୀ ରାୟସାମନ୍ତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଖୋର୍ଦ୍ଧା ପୌର ପରିଷଦର ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋନାଲିସା ନାୟକ, ରାଜ୍ୟ ୟୁଜିମିଇ ସ୍କୁଲ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ଶତପଥୀ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତରାୟ, କାଉନସିଲର ପ୍ରବୀଣା ଜଗଦ୍ଦେବ, କାଉନସିଲର କମଳ କୁମାର ପ୍ରଧାନ, ବିଦ୍ୟାଳୟ ସଭାପତି ସୁକାନ୍ତ ପୃଷ୍ଟି, ଶିକ୍ଷକ ସଂଘ ନେତା ହୃଷିକେଶ ମିଶ୍ର, ରତ୍ନାକର ରଣସିଂହ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀପ୍ରିୟା ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ଼.ବୃନ୍ଦାବନ ପଣ୍ଡା, ଡ଼.ଚପଳା କୁମାରୀ ପଣ୍ଡା, ଗୋପାଳ ଚନ୍ଦ୍ର ତ୍ରିପାଠୀ, ପ୍ରସନ୍ନ କୁମାର ମହାପାତ୍ର, ଶେଷଦେବ ଛୋଟରାୟ, ଅଗାଧୁ ସେଠୀ, ପ୍ରହଲ୍ଲାଦ ବାରିକ, ସରୋଜିନୀ ସୁନ୍ଦରା, ହରପ୍ରିୟା ମହାରଣା, କ୍ଷଣପ୍ରଭା ସାହୁ, ପ୍ରିୟମ୍ବଦା ପ୍ରଧାନ, ଶୁଭଲକ୍ଷ୍ମୀ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଶ୍ରୀମତୀ ନମିତା ରାଣୀ ରାୟ ସାମନ୍ତଙ୍କ ଅବସର ସ୍ମରଣିକା 'ସଂଘର୍ଷରୁ ସମ୍ମାନ ପର୍ଯ୍ୟନ୍ତ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ତାଙ୍କୁ ନିଜ ବିଦ୍ୟାଳୟ ତଥା ଅନ୍ୟ ବିଦ୍ୟାଳୟମାନଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନାର ଉତ୍ତର ଦେଇ ସେ କହିଥିଲେ ଶିକ୍ଷକ ଛାତ୍ରଛାତ୍ରୀଙ୍କର ଶୈକ୍ଷିକ ପାଠୋନ୍ନତି, ନୈତିକ ଶିକ୍ଷା ସର୍ବୋପରି ବିଦ୍ୟାଳୟକୁ ଶୟନେ ସ୍ୱପନେ ଜାଗରଣେ ଧ୍ୟେୟ ରଖିବା ଉଚିତ । ମା'ର ସ୍ନେହ ଦେଇ ଶିକ୍ଷୟିତ୍ରୀ ପିଲାମାନଙ୍କୁ ବିଦ୍ୟାଦାନ କରିବା ବିଧେୟ । ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ, ଅନିଷା ତ୍ରିପାଠୀ, ସୁଚିସ୍ମିତା ସୁବୁଦ୍ଧି, ମଧୁସ୍ମିତା ଗୁରୁମାଙ୍କ ଗୁଣାବଳୀ ବର୍ଣ୍ଣନା କରିଥିବା ବେଳେ ଛାତ୍ରୀ ସ୍ମୃତିପ୍ରଭା ବେହେରା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ଶିକ୍ଷୟିତ୍ରୀ କ୍ଷଣପ୍ରଭା ସାହୁ ଅତିଥି ପରିଚୟ ଦେଇଥିବା ବେଳେ ସୁଜାତା ମିଶ୍ର ଧନ୍ୟବାଦ ଦେଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଙ୍କ ବ୍ୟତୀତ ଅଭିଭାବକମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ ।

# ରଥଯାତ୍ରାପାଇଁ ସୁଦୃଢ଼ ହେଲା ବିଦ୍ୟୁତ ନେଟୱର୍କ



ପୁରୀ, ୫।୭(ଆନିସ):ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ କରାଯାଉଥିବା ବ୍ୟାପକ ପ୍ରସ୍ତୁତିର ଅଂଶସ୍ୱରୂପ, ଟିପିସିଓଡିଏଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁଦିନିକିଆ ସ୍ୱତନ୍ତ୍ର ରକ୍ଷଣାବେକ୍ଷଣ ଅଭିଯାନ ଦ୍ଧ୩୯ମିଶନ ଚକାନୟନ–୨୦୨୬ଦ୍ଧ୩୯ ସଫଳତାର ସହ ଶେଷହୋଇଛିଭୁବନେଶ୍ୱର–୨ ସର୍କଲ୍ ଅଧୀନରେ ଥିବା ପୁରୀ, ଖୋର୍ଦ୍ଧା, ବାଲୁଗାଁ ଓ ନୟାଗଡ଼ଡିଭିଜନରେ ପ୍ରାୟ ୪୦୦ କର୍ମଚାରୀ ଓ ବିଶେଷଜ୍ଞ ଦଳଙ୍କ ସହାୟତାରେ ଏହି ମିଶନ ପୁରୀ ସହରଏବଂ ଏହାକୁ ସଂଯୋଗ କରୁଥିବା ପ୍ରମୁଖ ବିଦ୍ୟୁତ କରିଡରଗୁଡ଼ିକରେକାର୍ଯ୍ୟକାରୀ କରାଯାଇଥିଲାଏହି ଅଭିଯାନରେ ୩୩ କେଭି, ୧୧ କେଭି ଓ ଏଲ୍‌ଟି ନେଟୱର୍କର ରକ୍ଷଣାବେକ୍ଷଣ, ଗଛର ଡାଳକାଟିବା, ତାର ସଂଯୋଗୀକରଣ କରିବା, ହଟ୍‌ସ୍ପଟ୍ ସ୍ଥାନ ଗୁଡିକ ଠିକ୍ କରିବା,ବଜ୍ରପାତରୁ ରକ୍ଷା କରିବା ପାଇଁ ଲାଇଟନିଂ ଆରେଷ୍ଟର ଲଗାଇବା ସହ ପୁରୀ ଓ ଏହାରଆଖପାଖ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଥିବା ପ୍ରାଥମିକ ସବ୍–ଷ୍ଟେସନ ଏବଂଟ୍ରାନ୍ସଫର୍ମରଗୁଡ଼ିକର ମରାମତି କରାଯାଇଛିଦ୍ଧ୩୯ମିଶନ ଚକାନୟନ–୨୦୨୬ଦ୍ଧ୩୯ର ସଫଳ ସମାପ୍ତ ସହ, ଟିପିସିଓଡିଏଲ ରଥଯାତ୍ରା ସମୟରେ ନିରବଚ୍ଛିନ୍ନ,ଭରସାଯୋଗ୍ୟ ଏବଂ ସୁରକ୍ଷିତ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ନିଜରବିଦ୍ୟୁତ ବିତରଣ ନେଟୱର୍କ ଓ ପ୍ରସ୍ତୁତିକୁ ଆହୁରି ମଜବୁତ କରିଛି ।

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପୋଷଣ ଅଭିଯାନ

ପୁରୀ, ୫।୭(ଆନିସ): ୦–୬ ବର୍ଷ ଶିଶୁମାନଙ୍କର ପୃଷ୍ଟିହୀନତା ଦୂରୀକରଣ ପାଇଁ ମହିଳା ଶିଶୁ ବିକାଶ ବିଭାଗ ତରଫରୁ ଜୁଲାଇ ମାସ ୧ରୁ ୨୫ତାରିଖ ପର୍ଯ୍ୟନ୍ତ ପ୍ରଥମ ପଯ୍ୟା ୟ ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ଓଜନ ଓ ଉଚ୍ଚତା ମାପିବା ପାଇଁ ପୋଷଣ ୨.୦ ମାଧ୍ୟମ ରେ ଅଭିନବ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଓଜନ ଉତ୍ସବର ସଫଳରୂପାୟନ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତିମୂଳକ ବୈଠକ ପୁରୀ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ୍) ନୀଳମାଧବ ଭୋଇ ଙ୍କ ସଭାପତିତ୍ୱରେ ପୁରୀ ସ୍ଥିତ ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଉପଜିଲ୍ଲାପାଳ, ରାଜକିଶୋର ଜେନା ପୁରୀ, ଅତିରିକ୍ତଜିଲ୍ଲା ଶିକ୍ଷା ଅଧିକାରୀ ପୁରୀ ଦ୍ୱିତିକାନ୍ତ ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତାନୁପ୍ରଭା ବେଉରା, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି ସ୍ୱାଗତିକା ପରିଡ଼ା , ଓ ସମସ୍ତ ଏବଂ ସମସ୍ତ ସେକ୍ଟର ସୁପରଭାଇଜର ଉପସ୍ଥିତ ଥିଲେ।ବୈଠକରେ ଜିଲ୍ଲାବ୍ୟାପୀ ଓଜନ ଉତ୍ସବ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଆବଶ୍ୟକ ଯୋଜନା ପ୍ରସ୍ତୁତି, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଏବଂ କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ସହିତ କାର୍ଯ୍ୟକ୍ରମକୁ ସୁଚାରୁ ଓ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଏଥିସହିତ ସରକାରଙ୍କ ତରଫରୁ ସଂଶୋଧିତ ବଢ଼ିଥିବା ଖାଦ୍ୟ ତାଲିକା ଓ ଖର୍ଚ୍ଚ ନିୟମ ବିଷୟରେ ଅବଗତ କରାଯାଇଥିଲା ତତ୍ ସହିତ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ଶିଶୁ ସୁରକ୍ଷା ଓ ଜରୁରୀ ସହାୟତା ପାଇଁ ପୋଲିସ୍ ହେଲ୍ପ ଲାଇନ୍ –୧୧୨, ମହିଳା ହେଲ୍ପ ଲାଇନ୍ –୧୮୧, ଶିଶୁ ହେଲ୍ପ ଲାଇନ୍ –୧ ୦୯୮ରେ ଯୋଗାଯୋଗ କରିବା ପାଇଁ ସଚେତନତା ସୃଷ୍ଟି କରିବାକୁ ଆଲୋଚନା କରାଯାଇଥିଲା

# ଚିଠା ଭୋଟର ତାଲିକା ପ୍ରକାଶକୁ ନେଇ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ସମନ୍ୱୟ ବୈଠକ



ଛତ୍ରପୁର, ୫।୭ (ଆନିସ): ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ନିର୍ଭୁଲ ଓ ବିଶ୍ୱସନୀୟ କରିବା ସହ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍.ଆଇ.ଆର) କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଚିଠା ଭୋଟର ତାଲିକା ପ୍ରକାଶ ଅବସରରେ ଆଜି ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ଜିଲ୍ଲାପାଳ ଶ୍ରୀ ଭି. କୀର୍ତ୍ତି ୱାସନ କହିଥିଲେ ଯେ, ପରିଗଣନା ଫର୍ମ ସଂଗ୍ରହ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହୋଇଥିବା ବେଳେ ସେଗୁଡ଼ିକର ଡିଜିଟାଇଜେସନ କାର୍ଯ୍ୟ ସାରିବା ସହ ଆଜି ଚିଠା ଭୋଟର ତାଲିକା ପ୍ରକାଶ ପାଇଥିବାରୁ ସମସ୍ତ ମତଦାତାଙ୍କୁ ନିଜ ନାମ ଓ ବିବରଣୀ ଯାଞ୍ଚ କରିବା ସହ ଜୁଲାଇ ୫ରୁ ଅଗଷ୍ଟ ୪, ୨୦୨୬ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରିବାକୁ ଅନୁରୋଧ କରିଥିଲେ।

୧ ଜୁଲାଇ ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ଯୋଗ୍ୟ ନାଗରିକମାନେ ଫର୍ମ-୬ ପୂରଣ କରି ବି.ଏଲ୍.ଓ.ଙ୍କ ନିକଟରେ ଦାଖଲ କରିପାରିବେ ବୋଲି ସେ ସୂଚନା ଦେଇଥିଲେ।

ଜିଲ୍ଲାପାଳ କହିଥିଲେ ଯେ, ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ମୃତ, ଅଯୋଗ୍ୟ ଓ ସ୍ଥାୟୀ ଭାବେ ସ୍ଥାନାନ୍ତରିତ ମତଦାତାଙ୍କ ନାମ ବିଲୋପ କରି ଏକ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ କରିବା ହିଁ ଏସ୍.ଆଇ.ଆ଼ର ମୂଳ ଲକ୍ଷ୍ୟ। ଏହି ପ୍ରକ୍ରିୟାରେ କୌଣସି ଯୋଗ୍ୟ ମତଦାତା ଯେପରି ବାଦ ନ ପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ସାମିଲ ନ ହୁଏ, ସେଥିପ୍ରତି ସର୍ବୋଚ୍ଚ ଗୁରୁତ୍ୱ ଦିଆଯାଉଛି। ଜିଲ୍ଲାରେ ପୂର୍ବରୁ ୩୧୨୪ଟି ମତଦାନ କେନ୍ଦ୍ର ଥିବା ବେଳେ ନୂତନ ଭାବେ ୮୫୧ଟି ମତଦାନ କେନ୍ଦ୍ର ସଂଯୋଜନ ହୋଇ ବର୍ତ୍ତମାନ ମୋଟ ୩୯୭୫ଟି ମତଦାନ କେନ୍ଦ୍ର ରହିଛି। ଆବଶ୍ୟକ ସୂଚନା ପାଇଁ ଜନସାଧାରଣ ଓଡ଼ିଶାଙ୍କ ୱେବସାଇଟ୍‌ର ସହାୟତା ନେଇପାରିବେ ବୋଲି ସେ କହିଥିଲେ।

ସୂଚନା ଦିଆଯାଇଥିଲା ଯେ, ଗତ ମେ ୩୦ ତାରିଖରୁ ଆରମ୍ଭ ହୋଇଥିବା ପରିଗଣନା ଫର୍ମ ପୂରଣ କାର୍ଯ୍ୟ ଜୁନ୍ ୨୮ ତାରିଖରେ ସଫଳତାର ସହ ସମାପ୍ତ ହୋଇଛି। ଜୁଲାଇ ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଗ୍ରହଣ କରାଯିବ। ସେପ୍ଟେମ୍ବର ୨ ସୁଦ୍ଧା ସମସ୍ତ ଦାବି ଓ ଆପତ୍ତିର ଶୁଣାଣି ଶେଷ କରାଯିବ ଏବଂ ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ /ନିର୍ବାଚନ) ଶ୍ରୀ ଦେବଦତ୍ତ ପଣ୍ଡା ଏସ୍.ଆଇ.ଆ଼ର ପ୍ରକ୍ରିୟାର ବିଭିନ୍ନ ଦିଗ ଉପରେ ବିସ୍ତୃତ ଉପସ୍ଥାପନା କରିଥିଲେ। ସଠିକ୍ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତିରେ ରାଜନୈତିକ ଦଳ ଓ ସେମାନଙ୍କ ଅଧିକୃତ ପ୍ରତିନିଧିଙ୍କ ସକ୍ରିୟ ସହଯୋଗ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଡେପୁଟୀ କଲେକ୍ଟର(ନିର୍ବାଚନ) ଡ. ଅରୁଣ କୁମାର ଖଣ୍ଡା ବୈଠକରେ ଉପସ୍ଥିତ ଥିଲେ ।ଶେଷରେ ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଓ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଥିଲେ ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ/ନିର୍ବାଚନ) ଶ୍ରୀ ପଣ୍ଡା ଧନ୍ୟବାଦ ଜଣାଇଥିଲେ।

# ଲଘୁଚାପ ବର୍ଷା ଆଣିଲା ଚାଷୀଙ୍କ ମୁହଁରେ ହସ

## ୟୁରିଆ ପିଡିଆ ୩ଗୁଣା ଅଧିକା ଦରରେ ବିକ୍ରି ଅଭିଯୋଗ!



ପୋଲସରା, ୫।୭ (ଆନିସ): ଲଘୁଚାପ ବର୍ଷା ଆଣିଲା ଚାଷୀ ମନରେ ଖୁସୀ। ଯଦିବା ଚଳିତ ବର୍ଷ ବିଳମ୍ବରେ ମୌସୁମୀ ଆସିଛି କିନ୍ତୁ ପୋଲସରା ଅଞ୍ଚଳରେ ଗତ ଦୁଇଦିନ ଧରି ଲାଗିରହିଥିବା ବର୍ଷା ପାଇଁ ଏକ ବଡ ବିପର୍ଯ୍ୟୟ ରୁ ବର୍ତ୍ତିଯାଇଛି ଚାଷୀକୁଳ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ବର୍ଷା ଅଭାବରୁ ଅନେକ ସ୍ଥାନରେ ଧାନ ତଳି ପୋଡି ଯାଇଛି ଏବଂ କିଛି ସ୍ଥାନରେ ତାତି ଯାଇଥିବାରୁ ସମଗ୍ର ଚାଷୀକୁଳ ବ୍ୟସ୍ତବିବ୍ରତ ହୋଇପଡ଼ିଥଲେ। ପୋଲସରା ବ୍ଲକର ମୋଟ ୨୬ ଟି ପଞ୍ଚାୟତରେ ଏବେ ତଳି ପୋଡିବା ଆଶଙ୍କା ରେ ଦିନକଟୁଥିଲେ। କିନ୍ତୁ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ଲଘୁଚାପ ପ୍ରଭାବର ଲଗାଣ ବର୍ଷାରେ ଚାଷୀ ଦିନରାତି ଏକ କରି ଜମି ସଜାଡ଼ିବା ରେ ଲାଗୁଛନ୍ତି। ବିଭିନ୍ନ ପଞ୍ଚାୟତ ରେ ତଳି ପକା, ଜମି କୁ କାଦ କରିବା ଓ ରୁଆ କାର୍ଯ୍ୟ ପାଇଁ ସବୁଠି ଚାଷୀମାନେ ବର୍ତମାନ ବିଲ ଅଭିମୁଖେ ବାହାରିଛନ୍ତି। ପୋଲସରା ବ୍ଲକ ର ପ୍ରାୟ ୭୦ ଭାଗ ଚାଷୀ ବର୍ଷା ପାଇଁ ଚାତକ ଭଳି ଚାହିଁ ବସିଥିବା ବେଳେ ଲଘୁଚାପ ଜନିତ ବର୍ଷା ସେମାନଙ୍କ ପାଇଁ ଆଶ୍ୱସ୍ତ ଆଣିବା ସହ କିଛିମାତ୍ରା ରେ ଚାଷୀଙ୍କ ଚିନ୍ତା ଦୂରକରିପାରିବ ବୋଲି କୃଷି ବିଶେଷଜ୍ଞ ମତ ଦେଇଛନ୍ତି । ଚଳିତ ବର୍ଷର ଖରିଫ ଫସଲ ପାଇଁ ଏଭଳି ଝିପି ଝିପି ବର୍ଷା ଲାଭଦାୟକ ହେବ ଏବଂ ଚାଷ କାମ ଆଗକୁ ଯାଇପାରିବ ବୋଲି ଚାଷୀ ଶିବପ୍ରସାଦ ସାହୁ ଓ ଅନ୍ତର୍ଯ୍ୟାମୀ ପ୍ରଧାନ କହିଛନ୍ତି। ଅନ୍ୟପଟେ କିନ୍ତୁ ଚାଷ ଋତୁ ଆରମ୍ଭରୁ ଅଞ୍ଚଳର କିଛି ଅସାଧୁ ସାର ବ୍ୟବସାୟୀ ଚାଷୀଙ୍କ ଚାହିଦା କୁ ଦୃଷ୍ଟିରେ ରଖି ଏବେଠାରୁ ୟୁରିଆ ପିଡ଼ିଆ ବସ୍ତା ପିଛା ସରକାରୀ ଦର ଠାରୁ ୩ଗୁଣା ଅଧିକ ନେଉଥିବା ଅଭିଯୋଗ ଆସିଛି। ଗୋଟିଏ ପଟେ ଲଗାଣ ବର୍ଷା ଚାଷୀ ମନରେ ଟିକେ ଖୁସୀ ଆଣିଥିବା ବେଳେ ସାର ବିକ୍ରିରେ ଏବେଠୁ କଳାବଜାରୀ ଆରମ୍ଭ ହେବା ଜାଣି ଚାଷୀଙ୍କ ମନରେ ଛନକା ପଶିଥିବା ମନେହେଉଛି।

# ଆସିକା ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ!

## ଅଚଳ ସାର୍ବଜନୀନ ଶୌଚାଳୟ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମାରକପତ୍ର



ଆସିକା, ୫।୭ (ଆନିସ): ଆସିକା ସହରରେ ଦିନକୁ ଦିନ ପରିମଳ ବ୍ୟବସ୍ଥାର ଅବନତି ଘଟୁଥିବାବେଳେ ସାର୍ବଜନୀନ ଶୌଚାଳୟଗୁଡ଼ିକର ଦୟନୀୟ ଅବସ୍ଥାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ନିୟମିତ ସଫେଇ, ମରାମତି ଏବଂ ପାନୀୟ ଜଳର ଅଭାବ ଯୋଗୁଁ ସହରର ଅନେକ ଶୌଚାଳୟ ବର୍ତ୍ତମାନ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଥିବାରୁ ଜନସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହୋଇଛି।ଏହି ଜନସମସ୍ୟାର ତୁରନ୍ତ ସମାଧାନ ଦାବି କରି ସି.ପି.ଆଇ. (ଏମ୍.ଏଲ୍.) ରେଡ୍ ଷ୍ଟାର, ଆସିକା ବ୍ଲକ କମିଟି ପକ୍ଷରୁ ବ୍ଲକ ସମ୍ପାଦକ ରାମଚନ୍ଦ୍ର ବାଡ଼ତ୍ୟାଙ୍କ ନେତୃତ୍ୱରେ ଆସିକା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ କରୋନେସନ ପାର୍କ ନିକଟରେ ଥିବା ସାର୍ବଜନୀନ ଶୌଚାଳୟ ଏବଂ 'ସୁଜଳ' ପାନୀୟ ଜଳ ପ୍ରକଳ୍ପ ପରିସର ଅତ୍ୟନ୍ତ ଅପରିଷ୍କାର ଓ ଆବର୍ଜନାମୟ ହୋଇପଡ଼ିଛି। ପ୍ରତିଦିନ ହଜାର ହଜାର ସ୍ଥାନୀୟ ଲୋକ, ପରିବା ବ୍ୟବସାୟୀ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ଅଞ୍ଚଳ ଦେଇ ଯାତାୟାତ କରୁଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି ହେଉଛି।ସବୁଠାରୁ ବଡ଼ ବିଡମ୍ବନା ହେଉଛି, ଏହି ସ୍ଥାନଠାରୁ ମାତ୍ର ୧୦୦ ମିଟର ଦୂରରେ ଏନ୍‌ଏସି କାର୍ଯ୍ୟାଳୟ ଏବଂ ବିଧାୟକଙ୍କ ବାସଭବନ ଥିଲେ ମଧ୍ୟ ସମସ୍ୟା ପ୍ରତି ପ୍ରଶାସନର ଅବହେଳା ଜାରି ରହିଛି।କେବଳ କରୋନେସନ ପାର୍କ ନୁହେଁ, ବରଂ ଆସିକା ବସଷ୍ଟାଣ୍ଡ, ବିଜୁ ପଟ୍ଟନାୟକ ଛକ, ମସଜିଦ ସମ୍ମୁଖ ଏବଂ କୋର୍ଟ ସମ୍ମୁଖରେ ଥିବା ସାର୍ବଜନୀନ ଶୌଚାଳୟଗୁଡ଼ିକ ମଧ୍ୟ ଭାଙ୍ଗିରୁଜି ଅଚଳ ହୋଇପଡ଼ିଥିବାରୁ ସାଧାରଣ ଲୋକ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ସମସ୍ତ ଶୌଚାଳୟର ତୁରନ୍ତ ମରାମତି, ନିୟମିତ ସଫେଇ, ପର୍ଯ୍ୟାପ୍ତ ଜଳ ଯୋଗାଣ ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବାକୁ ବ୍ଲକ ସମ୍ପାଦକ ରାମଚନ୍ଦ୍ର ବାଡ଼ତ୍ୟା ଦାବି କରିଛନ୍ତି। ଏହାସହ ପ୍ରଶାସନ ଶୀଘ୍ର ପଦକ୍ଷେପ ନ ନେଲେ ଜନସାଧାରଣଙ୍କୁ ସାମିଲ କରି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।ଏହି କାର୍ଯ୍ୟକ୍ରମରେ ରୁନୁ ନାହକ, ପରି ନାହାକ, ସୁଷମା ନାହକ, ଶଙ୍କର ଇନକିଲାବ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ସଘନ ସଂଶୋଧନ: ଖସଡ଼ା ନିର୍ବାଚନ ତାଲିକା ପ୍ରକାଶନ



ପାରଳାଖେମୁଣ୍ଡି,୫।୭ (ଆନିସ): ଆଜି ପାରଳାଖେମୁଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ଅନ୍ତର୍ଭୁକ୍ତ ଖସଡ଼ା ନିର୍ବାଚନ ତାଲିକା ପ୍ରକାଶନ ହୋଇଯାଇଛି। ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରୱାଲ ଉକ୍ତ ତାଲିକା ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଦେଇଥିଲେ ।ନିର୍ବାଚନ ମଣ୍ଡଳୀର ମୋଟ ୪,୬୩,୬୧୭ ପ୍ରାକ୍-ଚିଠା (ପ୍ରି-ଡ୍ରାଫ୍ଟ) ରେକର୍ଡ ମଧ୍ୟରୁ ୪,୩୨,୦୯୭ଟି ଫର୍ମ (୯୩.୧୪ ପ୍ରତିଶତ) ସଫଳତାର ସହ ଡିଜିଟାଇଜ୍ କରାଯାଇ ମୁଖ୍ୟ ଡାଟାବେସ୍?ରେ ସାମିଲ କରାଯାଇଛି। ଅବଶିଷ୍ଟ ୬.୮୬ ପ୍ରତିଶତ ଅର୍ଥାତ୍? ୩୧,୫୨୦ଟି ଫର୍ମକୁ ସଂଗ୍ରହ ଅଯୋଗ୍ୟ ଭାବେ ଚିହ୍ନଟ କରାଯାଇଛି। ଭୋଟରମାନେ ଅନୁପସ୍ଥିତ ଥିବା, ମୃତ୍ୟୁବରଣ କରିଥିବା, ସ୍ଥାୟୀ ଭାବେ ଅନ୍ୟତ୍ର ଚାଲିଯାଇଥିବା କିମ୍ବା ନାମ ଦୋହରାଇଥିବା ହେତୁ ଏହି ରେକର୍ଡଗୁଡ଼ିକୁ ବାଦ୍ ଦିଆଯାଇଛି। ଏହା ସହିତ ସମସ୍ତ ପ୍ରାକ୍-ଚିଠା ରେକର୍ଡର ପ୍ରକ୍ରିୟାକରଣ କାର୍ଯ୍ୟ ଶତପ୍ରତିଶତ ଶେଷ ହୋଇଛି ଏବଂ କୌଣସି କାର୍ଯ୍ୟ ବାକି ରହିନାହିଁ। ଏହି ସମ୍ବନ୍ଧୀୟ କୌଣସି ସନ୍ଦେହ ବା ଅଭିଯୋଗ ଥିଲେ ୦୫ ଜୁଲାଇ ଠାରୁ ୦୪ ଅଗଷ୍ଟ ପର୍ଯ୍ୟନ୍ତ ନିଜ ଅଞ୍ଚଳର ବୁଥ୍ ସ୍ତରୀୟ ଅଧିକାରୀଙ୍କ ନିକଟରେ ଦାବି ଓ ଆପତ୍ତି ପାଇଁ ଫର୍ମ ଦାଖଲ କରାଯାଇପାରିବ।

ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ମୁନିନ୍ଦ୍ର ହୋନାଗା,ଉପଜିଲ୍ଲାପାଳ ଶ୍ରୀ ଅନୁପ ପଣ୍ଡା ସମେତ ଜିଲ୍ଲା ନିର୍ବାଚନ କର୍ମଚାରୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ଗଣମାଧ୍ୟମ ପ୍ରିନିଧିଗଣ ଅଂଶଗ୍ରହଣ କରିଥିଲେ ।

# କେନ୍ଦୁବାଡିରେ ବିଜେପିର ବିଶାଳ ମିଶ୍ରଣ ପର୍ବ

## ୪ ୱାର୍ଡମେମ୍ବରଙ୍କ ସହ ବିଜେଡି ଛାଡିଲେ ପୂର୍ବତନ ସମିତି ସଭ୍ୟ



ପୋଲସରା, ୫।୭ (ଆନିସ): ପୋଲସରା ବ୍ଲକ କେନ୍ଦୁବାଡି ଗ୍ରାମର କଲ୍ୟାଣ ମଣ୍ଡପ ପରିସରରେ ବିଜେପି ପକ୍ଷରୁ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ନେତୃତ୍ୱ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ବିକାଶମୂଳକ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି କେନ୍ଦୁବାଡି ପୂର୍ବତନ ସରପଞ୍ଚ ମହାଦେବ ଗୌଡ଼ଙ୍କ ନେତୃତ୍ୱରେ ଗ୍ରାମର ପୂର୍ବତନ ସମିତି ସଭ୍ୟ ସହ ୪ ଜଣ ୱାର୍ଡମେମ୍ବର ବିଜେଡି ଛାଡି ବିଜେପିରେ ଯୋଗ ଦେଇଛନ୍ତି। ମାନ୍ୟବର ମନ୍ତ୍ରୀ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଏମଏସଏମଇ ବିଭାଗ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମାନ୍ୟବର ମନ୍ତ୍ରୀ ବିଗତ ଦୁଇ ବର୍ଷରେ ଡବଲ ଇଂଜିନ ସରକାରଙ୍କ ଡବଲ ବିକାଶ କଥା ଉଲ୍ଲେଖ କରିବା ସହ ନିର୍ବାଚନମଣ୍ଡଳୀରେ ହୋଇଥିବ ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

ମନ୍ତ୍ରୀ ଶ୍ରୀ ମଲ୍ଲିକ ବିଜେଡି ଛାଡି ବିଜେପିରେ ସାମିଲ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ଦଳୀୟ ଉତ୍ତରୀୟ ମଣ୍ଡିତ କରାଇ ବିଜେପିକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ପୂର୍ବତନ ସମିତି ସଭ୍ୟ କିରଣ ନାୟକ ୱାର୍ଡ ମେମ୍ବର ଭଗବତୀ ନାହାକ,ଲୁଲୁ ଗୌଡ଼, ତ୍ରିପୁରା ସ୍ୱାଇଁ ଓ କୁନା ଗୌଡ ହୋଇଥିବା ବେଳେ ରାଜେନ୍ଦ୍ର ପ୍ରଧାନ ବିଦେଶୀ ଗୌଡ଼,ବାୟା ଗୌଡ଼, ଶଙ୍କର୍ଷଣ ସ୍ୱାଇଁ, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ସରତ ଚନ୍ଦ୍ର ନାହାକ,ଭରତ ପ୍ରଧାନ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ସମେତ ଶତାଧିକ ପରିବାର ବିଜେଡି ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଥିଲେ।

ଏହି ଅବସରରେ ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ ବିଜେପିରେ ସାମିଲ ହେଲୁ ବୋଲି ପ୍ରକାଶ କରିଥିଲେ। ଆଜିର ଏହି ମିଶ୍ରଣ ପର୍ବରେ ଯୁବ ନେତା ପ୍ରଭାକର ପଣ୍ଡା ଓ ଦୀପକ ପ୍ରଧାନ, ରଘୁନାଥ ପଣ୍ଡା, କାର୍ତ୍ତିକ ଜେନା ସମେତ ବିଜେପିର ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# 'ବ୍ରହ୍ମପୁର ଓ ଦକ୍ଷିଣ ଓଡ଼ିଶାର ରେଳ ଭିତ୍ତିଭୂମି ବିକାଶ ଜଡିତ ବିଭିନ୍ନ ଦାବୀ ପୂରଣ ନେଇ ଘୋଷଣା କରନ୍ତୁ ମନ୍ତ୍ରୀ'

ବ୍ରହ୍ମପୁର, ୫।୭ (ଆନିସ): ରେଳ ମନ୍ତ୍ରୀ ରୂପେ ଦାୟିତ୍ୱ ନେବାର ବହୁ ଦିନ ପରେ ପ୍ରଥମ ଥର ପାଇଁ ବ୍ରହ୍ମପୁର ଷ୍ଟେସନ ଗ୍ରସ୍ତ କରି ଭାଗ ଦ୍ୱାରା ବ୍ରହ୍ମପୁର ଷ୍ଟେସନରେ ଚାଲିଥିବା ନିର୍ମାଣାଧୀନ କାମର ସମୀକ୍ଷା କରିବାକୁ ଆସୁଥିବାରୁ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ତାହାକୁ ସ୍ୱାଗତ କରିବା ସହ ମନ୍ତ୍ରୀ ମହୋଦୟ ଏହି ବ୍ରିଟିଶ ଅମଳର ସର୍ବ ପୁରାତନ ଷ୍ଟେସନ ଅବସ୍ଥାକୁ ସ୍ୱଚକ୍ଷୁରେ ଦେଖିବେ ଏଂ ଏହି ଷ୍ଟେସନକୁ ସମ୍ପ୍ରସାରଣ କରି ତଥା ଏହାକୁ ଏକ ଅତ୍ୟାଧୁନିକ ବିଶ୍ୱସ୍ତରୀୟ ଷ୍ଟେସନରେ ପରିଣତ କରିବା ନେଇ ଘୋଷଣା କରିବେ ବୋଲି ଜନସାଧାରଣ ଆଶା କରୁଛନ୍ତି। ମାନ୍ୟବର ରେଳ ମନ୍ତ୍ରୀ ପ୍ରଥମ ଥର ଲାଗି ବ୍ରହ୍ମପୁର ଷ୍ଟେସନ ଗ୍ରସ୍ତ କରି ଏଠାକାର ରେଲୱେ ଉନ୍ନୟନ ଓ ବିକାଶ ନେଉ ଅଧିକାରୀମାନଙ୍କ ସହ ସମୀକ୍ଷା ଓ ଆଲୋଚନା କରିବାର କାର୍ଯ୍ୟକ୍ରମ ପରପ୍ରେକ୍ଷୀରେ ବ୍ରହ୍ମପୁର ଓ ଦକ୍ଷିଣ ଓଡ଼ିଶାବାସୀଙ୍କ ମଧ୍ୟରେ ଆଶା,ଆଗ୍ରହ ଓ ଉତ୍କଣ୍ଠା ବୃଦ୍ଧି ପାଇଛି। ବ୍ରହ୍ମପୁର ଭଳି ସର୍ବ ପୁରାତନ ଷ୍ଟେସନଟି ଧାରାବାହିକ ଭାବରେ ବିଭିନ୍ନ ସରକାରଙ୍କ ଦ୍ୱାରା ମନ୍ୟୁମେଣ୍ଟାଲ ଅବହେଳା ଓ ଅନ୍ୟାୟ ପ୍ରଦର୍ଶନ କରାଯାଇଚି। ଏହାର ସମସାମୟିକ ଷ୍ଟେସନ୍? ଗୁଡ଼ିକ ବିକାଶ ଓ ଉନ୍ନୟନ ଦୃଷ୍ଟିରୁ ବହୁ ଆଗକୁ ଚାଲି ଯାଇଥିଲା ବେଳେ ଏହା ଏକ ସ୍ମାରକୀ ରୂପେ ଛିଡା ହୋଇଛି। ଏହାର ସମୁଚିତ ବିକାଶ ଓ ଉନ୍ନତି ନେଇ ବହୁ ଦାବୀ ଓ ଆନ୍ଦୋଳନ ହୋଇ ଆସୁଥିଲେ ମଧ୍ୟ ଏହାର ବିକାଶ ପ୍ରକ୍ରିୟା ବହୁ ମନ୍ଥର। ଭାଗ ଦ୍ୱାରା ଏକ ପ୍ରକାର ବୈମାତୃକ ମନୋଭାବର ଶୀକାର ଏହି ଅଞ୍ଚଳ। ନିକଟରେ ଦକ୍ଷିଣ ପୂର୍ବ ରେଳ ପଥକୁ ୱାଲଟିଅର ଡିଭିଜନ ସହ ମିଶ୍ରଣ କରି ବିଭାଗର ଏହି ଅଞ୍ଚଳ ପ୍ରତି ନିଜର ମନୋଭାବ ଓ ଆଭିମୁଖ୍ୟ କଣ ତାହା ପ୍ରଦର୍ଶନ କରି ସାରିଛି। ଭିବାଗର ଏହି ଅବିମୃଷ୍ୟକାରି ପଦକ୍ଷେପ ଫଳରେ ଯେଉଁ ଜନ ଆକ୍ରୋଶ ଓ ଅସନ୍ତୋଷ ଦେଖାଦେଲା ତାହାକୁ ପ୍ରଶମିତ କରିବାକୁ ଯାଇ ରେଳ ମନ୍ତ୍ରୀ ବ୍ରହ୍ମପୁର ଷ୍ଟେସନ ପ୍ରତି ଏକ ପ୍ୟାକେଜ ଘୋଷଣା କରିଦେଲେ, କିନ୍ତୁ ଏହା କେତେ ବାସ୍ତବବାଦୀ ଓ ଆନ୍ତରିକତା ପୂର୍ଣ୍ଣ ଘୋଷଣ ତାହା ଫଳନେ ପରିଚୟତି। ସ୍ୱାଧୀନତା ପରବର୍ତ୍ତୀ ବ୍ରହ୍ମପୁର ଓ ଦକ୍ଷିଣ ଓଡ଼ିଶାର ରେଲୱେ କ୍ଷେତ୍ରରେ ବିକାଶ ଆଦୌ ସନ୍ତୋଷ ଜନକ ନୁହେଁ। ଏଠାକାର ରେଲୱେ ବିକାଶ ସମ୍ବନ୍ଧୀୟ ଅନେକ ଜରୁରୀ ଆଶ୍ୟକତା ଓ ଦାବୀ ଥିଲେ ମଧ୍ୟ ଅନ୍ତତଃ ପକ୍ଷେ ଦକ୍ଷିଣ ଓଡ଼ିଶା ରାଜସ୍ୱ ଡିଭିଜନ ଆୟୁକ୍ତ ବ୍ରହ୍ମପୁର ଓ ଦକ୍ଷିଣ ଓଡ଼ିଶାର ରେଲୱେ ଭିତ୍ତିଭୂମି ବିକାଶ ନେଇ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଦାବୀ ପତ୍ର ଉପରେ ଯେଉଁ କେତୋଟି ଉପାଦେୟ ଓ ଗୁରୁତ୍ୱପୂର୍ଣ୍ଣ ସୁପାରିଶ ନିଜ ମତ ରଖି କରିଛନ୍ତି ତାହାର କାର୍ଯ୍ୟକାରିତା ନେଇ ଘୋଷଣା କରନ୍ତୁ। ମାନ୍ୟବର ଆରଡିସିଙ୍କ ସୁପାରିଶକୁ ଆଧାର କରି ମୁଖ୍ୟ ଶାସନ ସଚିବ ତାଙ୍କ ପତ୍ର ସଂଖ୍ୟା - ୨୧୭୯୮/ ତା ୭/୫/୨୦୨୬ ରେ ପରିବହନ ସଚିବଙ୍କୁ ପଦକ୍ଷେପ ନେବା ନିମନ୍ତେ ସୁପାରିଶ କରିଛନ୍ତି। ସେହି ଦାବୀ ଗୁଡିକ ମଧ୍ୟରେ ବ୍ରହ୍ମପୁର ଷ୍ଟେସନର ସମ୍ପ୍ରସାରଣ, ପରିବ୍ୟାପ୍ତ, ୫ ଓ ୬ ନମ୍ବର ପ୍ଲାଟଫର୍ମ ନିର୍ମାଣ ଏବଂ ଆତ୍ୟାଧୁନିକ ସୁବିଧାରେ ସୁସଜ୍ଜିତ ଏକ ବିଶ୍ୱସ୍ତରୀୟ ଷ୍ଟେସନ ନିର୍ମାଣ,ଗୋପାଳପୁର ରେଢ଼ାଖୋଲ ଲାଇନ ନିର୍ମାଣ ଏବଂ ଶିତଳାପଲ୍ଲୀ ଠାରେ ବନ୍ଦେ ଭାରତ କୋଚ ଫ୍ୟାକ୍ଟ୍ରିନିର୍ମାଣ ନେଇ ପଦକ୍ଷେପ ନେବାକୁ ସୁପାରିସ କରିଛନ୍ତି। ଏହା ଦ୍ୱାରା ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ପର୍ଯ୍ୟଟନ, ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଆଦି ସୁଯୋଗ ସୃଷ୍ଟି ହେବ ଓ ଲୋକଙ୍କ ସାମାଜିକ ଏବଂ ଆର୍ଥିକ ପ୍ରଗତି ଘଟିବ। ଏତଦବ୍ୟତୀତ ଅନେକ ସମସ୍ୟା ଓ ଦାବୀ ରହିଛି କିନ୍ତୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଆରଡିସି ଙ୍କ ସୁପାରିଶ ଆଧାରରେ ରେଳ ବିଭାଗ ପଦକ୍ଷେପ ନେଇ ମନ୍ତ୍ରୀଙ୍କ ତୁଣ୍ଡରେ ଏହା ବ୍ରହ୍ମପୁର ଠାରେ ଘୋଷଣା କରାଇ ମନ୍ତ୍ରୀଙ୍କ ଗ୍ରସ୍ତକୁ ସ୍ମରଣୀୟ କରାନ୍ତୁ ବୋଲି ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଆଗ୍ରହ କରିଛନ୍ତି।

# ଲୋକଙ୍କ କାମରେ ଆସୁନି ସ୍ମାର୍ଟ୍ ଶୌଚାଳୟ



କୋଦଳା, ୫।୭ (ଆନିସ):ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ହୋଇଥିବା ସ୍ମାର୍ଟ୍ ଶୌଚାଳୟ ଏବେ ଲୋକଙ୍କ କାମରେ ଆସୁନି। ଶୌଚାଳୟର ଫାଟକରେ ତାଲା ଝୁଲୁଛି। ଗଞ୍ଜାମ କୋଦଳା ଏନଏସି ରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

କୋଦଳା ଏନ୍ ଏ ସି ର ୱାର୍ଡ ନମ୍ବର ୧ ଓ ୧୩ ରେ ଆଜକୁ ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲାଣି ଲକ୍ଷାଧିକ ଟଙ୍କା ବିନିମୟରେ ଜନସାଧାରଣଙ୍କ ସୁବିଧା ପାଇଁ ସ୍ମାର୍ଟ୍ ଶୌଚାଳୟ ନିର୍ମାଣ ହୋଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ତାହା ଜନସାଧାରଣଙ୍କ ବ୍ୟବହାରରେ ଲାଗିପାରୁ ନାହିଁ । ତାଲା ପଡି ରହିଥିବାର ଦେଖିବାକୁ ମିଳିଛି । ସରକାରଙ୍କ ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ହୋଇଥିବା ସ୍ମାର୍ଟ୍ ଶୌଚାଳୟ କେବେ ଖୋଲିବ ସେ ନେଇ ବଡ଼ ପ୍ରଶ୍ନ ଉଠୁଛି। ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସହରକୁ ସ୍ୱଚ୍ଛତା କରିବା ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ପାଣି ଭଳି ଖର୍ଚ୍ଚ କରୁଥିବା ବେଳେ ଏନ୍ ଏ ସି କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ହୀନତା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା ବିରୋଧୀ ଦଳ ଅଭିଯୋଗ କରିଛନ୍ତି। ଏନେଇ ଏନ୍ ଏ ସି କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବପର ହୋଇପାରିନାହିଁ ।ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

# ଦକ୍ଷିଣ ଓଡ଼ିଶାର ୧୦୦ ଡାକଘରରେ ମିଳିବ ସ୍ଥାନୀୟ ଉତ୍ପାଦ

## ମାଣ୍ଡିଆ, ମସଲା, ମହୁ ଓ ହସ୍ତଶିଳ୍ପ ସାମଗ୍ରୀ ବିକ୍ରି କରିବ ଡାକ ବିଭାଗ




ବ୍ରହ୍ମପୁର, ୫।୭ (ଆନିସ): ଦକ୍ଷିଣ ଓଡ଼ିଶାର ଚୟନିତ ୧୦୦ଟି ଡାକଘର ଖୁବଶୀଘ୍ର ଖୁଚୁରା ବିକ୍ରୟ କେନ୍ଦ୍ରରେ ପରିଣତ ହେବ। ଏହି ଡାକଘରଗୁଡ଼ିକରେ ରାଗି, ମସଲା, ମହୁ, କଫି, କାଜୁ ସମେତ ବିଭିନ୍ନ ସ୍ଥାନୀୟ ଉତ୍ପାଦ ଓ ହସ୍ତଶିଳ୍ପ ସାମଗ୍ରୀ ବିକ୍ରି କରାଯିବ। ରାଜ୍ୟରେ ପ୍ରଥମ ଥର ପାଇଁ ଡାକ ବିଭାଗ ପକ୍ଷରୁ ଏଭଳି ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି।

ବ୍ରହ୍ମପୁର ଡାକ ମଣ୍ଡଳର ପୋଷ୍ଟମାଷ୍ଟର ଜେନେରାଲ୍ ବିନୋଦ କୁମାରଙ୍କ ସୂଚନା ଅନୁଯାୟୀ, 'ପ୍ରୋଜେକ୍ଟ କଳିଙ୍ଗ' ନାମକ ଏହି ଯୋଜନାକୁ ରିଟେଲ୍ ପୋଷ୍ଟ ମାଧ୍ୟମରେ ଚଳିତ ମାସ ଶେଷ ସୁଦ୍ଧା ଆରମ୍ଭ କରାଯିବ। ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ୧୦୦ଟି ଡାକଘରକୁ ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାରେ ସାମିଲ କରାଯିବ। କନ୍ଧମାଳର ରାଗି, ହଳଦୀ ଗୁଣ୍ଡ ଓ ମହୁ, କୋରାପୁଟର କଫି, ଆସ୍କା ଓ ଛତ୍ରପୁର ଅଞ୍ଚଳର କାଜୁ ଏବଂ କଳାହାଣ୍ଡିର କାଠ ନିର୍ମିତ ହସ୍ତଶିଳ୍ପ ସାମଗ୍ରୀ ଏହି ଡାକଘରଗୁଡ଼ିକରେ ବିକ୍ରି କରାଯିବ। ବ୍ରହ୍ମପୁର ମୁଖ୍ୟ ଡାକଘର ଏହି ଉତ୍ପାଦଗୁଡ଼ିକର ପ୍ରମୁଖ ବିକ୍ରୟ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଡାକ ବିଭାଗ ପକ୍ଷରୁ କୁହାଯାଇଛି ଯେ, ସମସ୍ତ ଖାଦ୍ୟ ସାମଗ୍ରୀ ଏଫ୍‌ଏସ୍‌ଏସ୍‌ଏଆଇ ମାନ୍ୟତାପ୍ରାପ୍ତ ହେବ। ଚୟନିତ ଡାକଘରଗୁଡ଼ିକରେ ଖୁଚୁରା ବିକ୍ରୟ ପାଇଁ ସ୍ୱତନ୍ତ୍ର ସ୍ଥାନ ନିର୍ଦ୍ଧାରଣ କରାଯିବା ସହ କର୍ମଚାରୀମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦିଆଯିବ।

ଏହି ଯୋଜନା ସଫଳ ହେଲେ ଆଗାମୀ ଦିନରେ ଅଧିକ ଡାକଘରକୁ ସାମିଲ କରାଯିବା ସହ ଗ୍ରୋସରୀ, ହସ୍ତତନ୍ତ ଓ ଅନ୍ୟାନ୍ୟ ହସ୍ତଶିଳ୍ପ ସାମଗ୍ରୀ ମଧ୍ୟ ବିକ୍ରୟ ତାଲିକାରେ ଯୋଡ଼ାଯିବ। ଏହା ଦ୍ୱାରା ସ୍ଥାନୀୟ ଉତ୍ପାଦକମାନେ ଉପକୃତ ହେବା ସହ ଗ୍ରାହକମାନେ ସୁଲଭ ମୂଲ୍ୟରେ ଗୁଣାତ୍ମକ ସାମଗ୍ରୀ ପାଇପାରିବେ ବୋଲି ଡାକ ବିଭାଗ ଆଶା ପ୍ରକାଶ କରିଛି।

# ବହୁ ପ୍ରତୀକ୍ଷିତ ଚିଠା ଭୋଟର ତାଲିକା ପ୍ରକାଶିତ

## ଦାବି, ଆପତ୍ତି ଅଭିଯୋଗ ତଥା ତ୍ରୁଟି ସଂଶୋଧନ ପ୍ରକ୍ରିୟା ଆରମ୍ଭ



ବ୍ରହ୍ମପୁର,୫।୭ (ଆନିସ): ବ୍ରହ୍ମପୁର ଉପଖଣ୍ଡ ଅନ୍ତର୍ଗତ ୫ଟି ନିର୍ବାଚନ ମଣ୍ଡଳୀ ସାନଖେମୁଣ୍ଡି, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି ଏବଂ ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି । ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏ ସଂପର୍କିତ କାର୍ଯ୍ୟକ୍ରମରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ସୋସିଆଲ୍ ମିଡ଼ିଆ ଠାରୁ ଆରମ୍ଭ କରି ଉଭୟ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକ ଓ କ୍ୟାମେରାମ୍ୟାନଙ୍କ ଭର୍ପୁର ଉପସ୍ଥିତି ପରିଲକ୍ଷିତ ହୋଇଥିଲା। ଉତ୍ସୁକତାର ଅବସାନ ଘଟାଇ ଉପରୋକ୍ତ ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ଇ.ଅର୍ଓ ମାନଙ୍କ ଦ୍ୱାରା ଚିଠା ଭୋଟର ତାଲିକା ପ୍ରକାଶିତ ହୋଇଥିଲା । ଉପ ଜିଲ୍ଲାପାଳ ଅବିନାଶ କୁମାରଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏ.ଡି.ଏମ୍ ସୁନିଲ୍ କୁମାର କେର୍କେଟା, ମହାନଗର ନିଗମ ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା, ଅତିରିକ୍ତ ଉପ ଜିଲ୍ଲାପାଳ ରୀନା କୁମାରୀ ନାଏକ, ଡେ଼ପୁଟି କଲେକ୍ଟର ଅଲେଖ ରଞ୍ଜନ ମହାକୁଡ଼, ସୁବ୍ରତ ଶତପଥି, ତହସିଲଦାର ରାକେଶ କୁମାର ପରିଡ଼ାଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ସଭା ପ୍ରାରମ୍ଭରେ ଉପ ଜିଲ୍ଲାପାଳ ଉପସ୍ଥିତ ରାଜନୈତିକ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧନ କରି କହିଥିଲେ କି, ଚିଠା ଭୋଟର ତାଲିକା ପ୍ରକାଶନ ପର ପର୍ଯ୍ୟାୟ ହେଉଛି ଏସ୍. ଆଇ.ଆର୍ ପ୍ରକ୍ରିୟାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ । ତାଲିକାରେ ରହିଯାଇଥିବା ତ୍ରୁଟି ସଂଶୋଧନ, ଯୋଗ୍ୟ ଏବଂ ନୂତନ ଭୋଟରଙ୍କ ଅନ୍ତର୍ଭୁକ୍ତି, ଅଯୋଗ୍ୟ, ସ୍ଥାୟୀ ଭାବେ ସ୍ଥାନାନ୍ତରିତ, ମୃତ, ନକଲି ଭୋଟରଙ୍କ ନାମ ବାଦ୍ ଦେବା ପରି ପଦକ୍ଷେପ ଦ୍ୱାରା ସ୍ୱଚ୍ଛ ଭୋଟର ତାଲିକା ପ୍ରକାଶିତ ହୋଇପାରିବ ଏଥିପାଇଁ ଚଳିତ ପର୍ଯ୍ୟାୟରେ ଆଗାମୀ ଅଗଷ୍ଟ ମାସ ୪ ତାରିଖ ପର୍ଯ୍ୟନ୍ତ ତ୍ରୁଟି ସଂଶୋଧନ ନିମନ୍ତେ ଆବେଦନ ପ୍ରକ୍ରିୟା ଜାରି ରହିବ । ଏହି ପର୍ଯ୍ୟାୟରେ ରାଜନୈତିକ ଦଳର ପ୍ରତିନିଧିଗଣଙ୍କ ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ କାରଣ ବୁଥ୍ ସ୍ତରୀୟ ତର୍ଜମା କରି ସେମାନେ ଆବଶ୍ୟକ ପଦକ୍ଷେପ ଦିଗରେ ସହାୟକ ହୋଇପାରିବେ । ଏ ଦିଗରେ ସେମାନେ ସଂପୃକ୍ତ ବି.ଏଲ୍.ଓ ଙ୍କ ସହାୟତା ନେଇପାରିବେ ବୋଲି ଉପ ଜିଲ୍ଲାପାଳ କହିଥିଲେ ଏହି ଅବସରରେ ରାଜନୈତିକ ପ୍ରତିନିଧିଙ୍କ ଦ୍ୱାରା ଉତ୍ଥାପିତ ପ୍ରଶ୍ନର ଉତ୍ତର ଦେବା ସହ ସେମାନଙ୍କ ସନ୍ଦେହ ମୋଚନ ତଥା ଅଭିଯୋଗଗୁଡିକର ତତ୍କାଳ ସମାଧାନ ନିମନ୍ତେ ତାଙ୍କର ବ୍ୟକ୍ତିଗତ ପ୍ରୟାସ ରହିବ ବୋଲି ସେ ଆଶ୍ୱାସନା ଦେଇଥିଲେ ।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# ଲକ୍ଷ୍ମୀ ପୁରାଣ ବଣ୍ଟନ: ଶାସନର ପ୍ରାଥମିକତା ଉପରେ ଏକ ପ୍ରଶ୍ନ

ଗୋଟିଏ ସରକାରର ସଫଳତା ତାହାର ଘୋଷଣାରେ ନୁହେଁ, ବରଂ ପ୍ରାଥମିକତା ନିର୍ଦ୍ଧାରଣରେ ପ୍ରତିଫଳିତ ହୁଏ। ଜନତା କର ଦିଅନ୍ତି ଏହି ଆଶାରେ ଯେ ସେହି ଅର୍ଥ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଭିତ୍ତିଭୂମି, ରୋଜଗାର ଓ ସାମାଜିକ ସୁରକ୍ଷା ପରି କ୍ଷେତ୍ରରେ ବ୍ୟୟ ହେବ। ସେଥିପାଇଁ ସରକାରଙ୍କ ପ୍ରତ୍ୟେକ ନୀତି ଓ ଯୋଜନା ସ୍ୱାଭାବିକ ଭାବରେ ଏହି ପ୍ରଶ୍ନର ସମ୍ମୁଖୀନ ହୁଏଏହା କି ଲୋକଙ୍କ ଅତ୍ୟାବଶ୍ୟକ ଆବଶ୍ୟକତାକୁ ପୂରଣ କରୁଛି?

ଏହି ପ୍ରସଙ୍ଗରେ ସରକାରଙ୍କ ପକ୍ଷରୁ ଲକ୍ଷ୍ମୀ ପୁରାଣ ବଣ୍ଟନ କରିବାର ପ୍ରସ୍ତାବ ସ୍ୱାଭାବିକ ଭାବେ ଏକ ବ୍ୟାପକ ଆଲୋଚନାର ବିଷୟ ପାଲଟିଛି। ଏଠାରେ ସ୍ପଷ୍ଟ କରିବା ଆବଶ୍ୟକ ଯେ ଏହି ପ୍ରଶ୍ନ ଲକ୍ଷ୍ମୀ ପୁରାଣର ମହତ୍ତ୍ୱକୁ ନେଇ ନୁହେଁ। ବରଂ ପ୍ରଶ୍ନ ହେଉଛିଏପରି କାର୍ଯ୍ୟକ୍ରମ କି ସରକାରଙ୍କ ପ୍ରକୃତ ଦାୟିତ୍ୱର ଅନ୍ତର୍ଗତ?

ଓଡ଼ିଆ ଜାତିର ସାଂସ୍କୃତିକ ଜୀବନରେ ଲକ୍ଷ୍ମୀ ପୁରାଣ ଏକ ଅମୂଲ୍ୟ ଗ୍ରନ୍ଥ।ଏହା କେବଳ ଧାର୍ମିକ ଆସ୍ଥାର ପ୍ରତୀକ ନୁହେଁ ବରଂ ସାମାଜିକ ସମାନତା, ଅସ୍ପୃଶ୍ୟତା ବିରୋଧ, ନାରୀ ସମ୍ମାନ, ପରିଚ୍ଛନ୍ନତା ଓ ଶ୍ରମର ଗରିମାର ଏକ ଅସାଧାରଣ ସନ୍ଦେଶ ବହନ କରେ।

ଶତାବ୍ଦୀ ଧରି ଏହା ଘରେ ଘରେ ପଢ଼ାଯାଉଛି। ଆଜି ମଧ୍ୟ ପ୍ରାୟ ପ୍ରତ୍ୟେକ ଓଡ଼ିଆ ପରିବାରରେ ଏହା ଉପଲବ୍ଧ ଅଛି ଏବଂ ରାଜ୍ୟର ପ୍ରାୟ ସମସ୍ତ ପୁସ୍ତକ ଦୋକାନରେ ସହଜରେ ମିଳୁଛି। ଯେଉଁମାନେ ଏହାକୁ ପାଠ କରିବାକୁ ଚାହାନ୍ତି, ସେମାନେ ସ୍ୱଇଚ୍ଛାରେ ଏହାକୁ ସଂଗ୍ରହ କରିପାରନ୍ତି। ତେଣୁ ସରକାରୀ ଖର୍ଚ୍ଚରେ ଏହାର ବଣ୍ଟନ କେତେ ଆବଶ୍ୟକ, ତାହାର ଯୁକ୍ତି ସ୍ପଷ୍ଟ ହେବା ଦରକାର।

ଅନ୍ୟପଟେ, ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ସମାଲୋଚନାର ସମ୍ମୁଖୀନ। ଶିକ୍ଷାବର୍ଷ ଆରମ୍ଭ ହୋଇଥିଲେ ମଧ୍ୟ ଅନେକ ସ୍ଥାନରେ ଛାତ୍ରଛାତ୍ରୀଙ୍କ ହାତରେ ସମୟରେ ପାଠ୍ୟପୁସ୍ତକ ପହଞ୍ଚିନାହିଁ। ପାଠ୍ୟପୁସ୍ତକ କେବଳ ଏକ ବହି ନୁହେଁ ଏହା ଜଣେ ଛାତ୍ରର ମୌଳିକ ଶିକ୍ଷା ଅଧିକାରର ଆଧାର। ସମ୍ବିଧାନର ଅନୁଚ୍ଛେଦ ୨୧–କ ଏବଂ ଶିକ୍ଷାର ଅଧିକାର ଆଇନର ମୂଳ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ଉପଲବ୍ଧ କରାଇବା। ତେଣୁ ପ୍ରଥମେ ପାଠ୍ୟପୁସ୍ତକ, ପରେ ଅନ୍ୟ ପୁସ୍ତକଏହା ହିଁ ସ୍ୱାଭାବିକ ପ୍ରାଥମିକତା ହେବା ଉଚିତ।

ଗଣତାନ୍ତ୍ରିକ ଶାସନରେ ସରକାର ଧର୍ମର ବିରୋଧୀ ନୁହେଁ, କିନ୍ତୁ କୌଣସି ଧାର୍ମିକ ପରମ୍ପରାର ପ୍ରତ୍ୟକ୍ଷ ପ୍ରଚାରକ ମଧ୍ୟ ନୁହେଁ। ସମ୍ବିଧାନ ସରକାରକୁ ସମସ୍ତ ଧର୍ମ ପ୍ରତି ସମାନ ସମ୍ମାନ ରଖିବାର ଦାୟିତ୍ୱ ଦେଇଛି। ତେଣୁ ଜନସାଧାରଣଙ୍କ କରର ଅର୍ଥ କେଉଁ କାର୍ଯ୍ୟରେ ବ୍ୟୟ ହେବ, ତାହା ସର୍ବଦା ସାର୍ବଜନୀନ ଉପଯୋଗିତାର ମାପକାଠିରେ ବିଚାର କରାଯିବା ଉଚିତ।

ଯଦି ସରକାର ପ୍ରକୃତରେ ଲକ୍ଷ୍ମୀ ପୁରାଣର ଆଦର୍ଶକୁ ସମ୍ମାନ ଜଣାଇବାକୁ ଚାହାନ୍ତି, ତେବେ ସେହି ଗ୍ରନ୍ଥର ମୂଳ ବାର୍ତ୍ତାକୁ ଶାସନ ବ୍ୟବସ୍ଥାରେ ପ୍ରତିଫଳିତ କରନ୍ତୁ। ଦରିଦ୍ରଙ୍କ କଲ୍ୟାଣ, ନାରୀ ସଶକ୍ତିକରଣ, ପରିମଳ ବ୍ୟବସ୍ଥାର ଉନ୍ନତି, ସାମାଜିକ ବୈଷମ୍ୟ ଦୂରୀକରଣ ଏବଂ ଶ୍ରମଜୀବୀ ଲୋକଙ୍କ ସମ୍ମାନ ସୁନିଶ୍ଚିତ କରିବାଏହା ହେବ ଲକ୍ଷ୍ମୀ ପୁରାଣ ପ୍ରତି ସର୍ବୋତ୍ତମ ଶ୍ରଦ୍ଧାଞ୍ଜଳି।

ଏହା ମଧ୍ୟ ସତ୍ୟ ଯେ କୌଣସି ସରକାରଙ୍କ କାର୍ଯ୍ୟକାଳକୁ କେବଳ ପ୍ରତୀକାତ୍ମକ କାର୍ଯ୍ୟକ୍ରମ ଦ୍ୱାରା ନୁହେଁ, ବରଂ ଦୃଶ୍ୟମାନ ଓ ଦୀର୍ଘମିଆଦୀ ବିକାଶମୂଳକ ସଫଳତା ଦ୍ୱାରା ବିଚାର କରାଯାଏ। ଭଲ ବିଦ୍ୟାଳୟ, ଉନ୍ନତ ସ୍ୱାସ୍ଥ୍ୟସେବା, କୃଷକଙ୍କ ଆୟ ବୃଦ୍ଧି, ଯୁବକଙ୍କ ପାଇଁ ରୋଜଗାର ଏବଂ ଦୃଢ଼ ଭିତ୍ତିଭୂମିଏହିସବୁ ହିଁ ଏକ ସରକାରର ସଫଳତାର ପ୍ରକୃତ ମାପକାଠି।

ସରକାର ନିଶ୍ଚିତ ଭାବେ ଓଡ଼ିଆ ସଂସ୍କୃତିର ସଂରକ୍ଷଣ ଓ ପ୍ରସାର ପାଇଁ କାମ କରିପାରନ୍ତି। ପ୍ରାଚୀନ ପାଣ୍ଡୁଲିପିର ସଂରକ୍ଷଣ, ଓଡ଼ିଆ ସାହିତ୍ୟର ଡିଜିଟାଲାଇଜେସନ, ପୁସ୍ତକାଳୟର ଆଧୁନିକୀକରଣ, ଲେଖକ ଓ ଗବେଷକଙ୍କୁ ପ୍ରୋତ୍ସାହନଏହିସବୁ ପଦକ୍ଷେପ ଅଧିକ ସ୍ଥାୟୀ ଏବଂ ସାର୍ବଜନୀନ ଉପଯୋଗୀ ହୋଇପାରିବ।

ପରିଶେଷରେ, ପ୍ରଶ୍ନ ଲକ୍ଷ୍ମୀ ପୁରାଣକୁ ନେଇ ନୁହେଁ ପ୍ରଶ୍ନ ହେଉଛି ଶାସନର ପ୍ରାଥମିକତାକୁ ନେଇ। ଯେତେବେଳେ ଶିଶୁଙ୍କ ହାତରେ ସମୟରେ ପାଠ୍ୟପୁସ୍ତକ ପହଞ୍ଚିବ, ହସ୍ପିଟାଲରେ ଔଷଧ ଅଭାବ ରହିବ ନାହିଁ, କୃଷକ ନ୍ୟାୟସଙ୍ଗତ ମୂଲ୍ୟ ପାଇବେ ଏବଂ ଯୁବକ ରୋଜଗାରର ସୁଯୋଗ ପାଇବେ, ସେତେବେଳେ ସରକାରଙ୍କ ସାଂସ୍କୃତିକ ପଦକ୍ଷେପ ମଧ୍ୟ ଅଧିକ ଗ୍ରହଣଯୋଗ୍ୟ ହେବ। କାରଣ ସୁଶାସନର ପ୍ରଥମ ପରିଚୟ ହେଉଛିଜନସାଧାରଣଙ୍କ ମୌଳିକ ଆବଶ୍ୟକତାକୁ ସର୍ବାଗ୍ରେ ରଖିବା।

ସିତାଂଶୁ ଶେଖର ମିଶ୍ର
ଶାନ୍ତି ନଗର,ସୋନପୁର
ଦୁରଭାଷ.୮୧୪୪୮ ୭୦୭୨୯

# ରାମେଶ୍ୱର ବାବା

ମନ୍ଦିର ସହର ସୋନପୁର ଠାନେ ଦେଖବାକେ ମିଲିସି କେତିନି କେତିନି ପୁରୁଣା ଶିବମନ୍ଦିର। ସେଥିର ଭିତୁରୁ ମହାନଦୀ,ତେଲନଦୀ ଆରୁ କର୍ପୂର ନଦୀର ମିଶିଥିବାର ଯାଗାନେ ରହିଥିବା ମନ୍ଦିର ଆଜକେ ଶାତଶହ ଆଠଶହ ବଛର ଆଗର ବୋଲି ଇତିହାସରୁ ଯାନବାକେ ମିଲିସି। ଆରୁ ବାବାର ଇଠାନେ ସ୍ଥାପନାକେ ନେଇକରି ଗୁରୁଦୁଟେ କଥା ଶୁଣୁବାକେ ମିଲିସି। କିଏ ପ୍ରଭୁ ରାମଚନ୍ଦ୍ରଙ୍କ ଲଙ୍କା ଅଭିଯାନକେ ଯିବାର ବେଲ କେ ସ୍ଥାପନା କରିଥିବାର କହେ ସନତ । କେହିକେହି ଭଗବାନ ପର୍ଶୁରାମଙ୍କ ଦ୍ୱାରା ସ୍ଥାପନା କଥା କହେସନ। ହେଲେ ସେ ଜେ ବି ସ୍ଥାପନା କରିଥାଉ। ଇ ପୀଠଟା ଆମର ସଂସ୍କୃତି, ଜନ ଜୀବନ ସାଙ୍ଗେ ପୁରାପୁରି ଭାବେ ଜଡ଼ିତ ଆଏ। ହେଥିର ଲାଗି ଶିବ ମହାପ୍ରଭୁଙ୍କ ଅତି ପ୍ରିୟ ମାସ ଶରାବନ ଆସିଗଲେ ପୀଠରେ ବନେ ଗହଲଚହଲ ରହିସି। ଇଠାନେ ଥିବାର ବାବା ରାମେଶରଙ୍କ ମହିମା ଅପାର ଅପାର ଆଏ ବୋଲି ମାଏନତା ରହିଛେ। ବାବା ନିଜେ ଗୁଟେ ଇଚ୍ଛାଧାରୀ ଆଏନ। ସେ ଯେତେବେଳେ ଚାହେଁସନ ସେତେବେଳେ ଜଳଶାୟୀ ନିଜେ ନିଜେ ହେଉଥିବାର ବନେ ଲୋକମାନେ ଦେଖିଥିବାର କଥା କହେସନ।ସେଟାର୍ଫେ କେତେବେଳେ ଖିରରେ ତ କେତେବେଳେ ପୁରା ପର୍ଚ୍ଛା ପାନୀ ଲେଖେନ ତ ଆରୁ ଫେର କେତେବେଳେ ପଇଡ଼ ପାନୀ ଆରୁ ଗଙ୍ଗାଜଲ ଭଳିଆ ଥିସି। ବାବାକେ ଭକ୍ତମାନେ ଚାହିଁଲେ ବି କେଭେ ମହାଜଳଶାୟୀ ନାଇଁ କରିପାରନ। ଜେନ୍ତା ଉନିଆନେ ଶିବ ମନ୍ଦିର ମାନଙ୍କୁ ମହାଜଳଶାୟୀ ହେସି।ହେଲେ ବାବାର ମନ ହେଇଗଲେ ତାହା ଦେଖବାକେ ମିଲିସି। ଇଟା ସମକର ଭାଗ୍ୟରେ ନାଇଥାଏ। ହେଥିର ଲାଗି ମାଏନତା ରହିଛେ ତ୍ରିବେଣୀ ଘାଟେ ବୁଡ୍ ପକାଇକରି ବାବାକେ ଦର୍ଶନ କରି ନିଜର ଗୁହାରୀ ଜଣାଲେ ବାବା ସବୁ କଥା ଶୁଣି କରି ଭକ୍ତର ଗୁହାରୀ ପୂରଣ କରିଥିସନ। ହେଥିର ଲାଗି ବାବାର ନିକେ କାହିଁ କେନକେନ୍ ଆଡୁ ଭକ୍ତମାନେ ମାଡ଼ି ଆଇଥିସନ। ଆରୁବଡ଼ା ଖୁସ୍ ମନରେ ଘରକେ ଫେରୁଥିବାର କଥା କହିଥିସନ।

ସିତାଂଶୁ ଶେଖର ମିଶ୍ର, ସୋନପୁର, ଶାନ୍ତି ନଗର

# ନୀଳାଦ୍ରି ମହୋଦୟରେ ପଟିଦିଅଁ ଲୀଳା



ଶ୍ରୀଜଗନ୍ନାଥ ହେଉଛନ୍ତି ରହସ୍ୟମୟ ଠାକୁର। ଯାହାଙ୍କ ରହସ୍ୟ ବ୍ରହ୍ମାଦି ଶଙ୍କରଙ୍କୁ ଅଗୋଚର , ସେହି ରହସ୍ୟମୟଙ୍କ ରହସ୍ୟକୁ କିପରି ବା ସାମାନ୍ୟ ମଣିଷ ଜାଣିପାରିବ। ତେଣୁ ଶାସ୍ତ୍ରରେ କୁହାଯାଇଛି: ର୍ସ ରହସ୍ୟଂ ପୁରୁଷୋତ୍ତମସ୍ୟ ଦେବାଃ ନ ଜାନନ୍ତି କୁତଃ ମନୁଷ୍ୟା।। ଏହାଙ୍କ ଲୀଳା ମଧ୍ୟ ଅତ୍ୟନ୍ତ ରହସ୍ୟପୂର୍ଣ୍ଣ। ସେ କେବେ ମାନବୀୟ ଲୀଳା କରନ୍ତି ତ, କେବେ ଐଶ୍ୱରୀୟ ଲୀଳା। ସେଥିମଧ୍ୟରୁ ୧୫ ଦିନ ଅନବସର ସମୟରେ ଗୋଟାଏ ଲୀଳା ଅନୁଷ୍ଠିତ ହୋଇଥାଏ ଶ୍ରୀମନ୍ଦିର ଭିତରେ। ଯାହାକୁ କୁହାଯାଏ ପଟବ୍ରହ୍ମ ବା ପଟିଦିଅଁ ଲୀଳା।

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥି ଦିନ ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦେବସ୍ନାନ ନୀତି ବଢ଼ିବା ପରେ ଠାକୁରମାନେ ଗଜାନନ ବେଶରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହାପରେ ବେଶ ଗୁଡିକୁ ଓଲାଗି ( ବାହାର) କରାଯାଏ ଏବଂ ମହାପ୍ରଭୁଙ୍କ ଠାରୁ ପଟିଦିଅଁ ମାନଙ୍କ ପାଖକୁ ଆଜ୍ଞାମାଳ ଯାଇଥାଏ। ସ୍ନାନ ବେଦୀର ନୀତି ବଢ଼ିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସର ଘର ବା ଅଣସର ପିଣ୍ଡିକୁ ଅଣାଯାଏ ବୋଲି ନୀଳାଦ୍ରି ମହୋଦୟରେ ଏପରି ସ୍ନାନୋତ୍ସବସ୍ୟ ତସ୍ୟାନ୍ତେ ନୀରୋଧନଗୃହେ ବିଭୁମ୍ କୁହାଯାଇଛି । ଏଥି ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଟାଟିକୁ ଅଣସର ଘର ଆଗରେ ଆବରଣ କରାଯାଏ। ଏହି କାର୍ଯ୍ୟକୁ କୋଠ ସୁଆଁସିଆ ସେବକମାନେ କରିଥାନ୍ତି। ତାସହିତ ଅଣସର ଘର ଆଗରେ ଏକ ଖଟସହ ବାଉଁଶରୁ ତିଆରି ଟାଟିକୁ ରୁନ୍ଧା ( ବନ୍ଧା) ଯାଏ। ସେହି ଟାଟିର ପ୍ରଭୁ ବଳଭଦ୍ରଙ୍କ ବାଡ଼ରେ ବାସୁଦେବ, ମା ସୁଭଦ୍ରାଙ୍କ ବାଡ଼ରେ ଭୁବନେଶ୍ୱରୀ ଓ ମହାପ୍ରଭୁ ଜଗନ୍ନାଥଙ୍କ ବାଡ଼ରେ ନାରାୟଣ ଏପରି ତିନୋଟି ପଟିଦିଅଁଙ୍କୁ ସ୍ଥାପନ କରାଯାଏ। ଏହାସହ ଶ୍ରୀମନ୍ଦିରର ଦକ୍ଷିଣ ଘରୁ ପଞ୍ଚଟି ଧାତୁ ବିଗ୍ରହ ଯଥା: ବାଡ଼ି ନୃସିଂହ, ରାମ, କୃଷ୍ଣ, ମଦନମୋହନ ଓ ଦୋଳଗୋବିନ୍ଦ ଏବଂ ମନ୍ଦିର ଭିତରୁ ଦୁଇଟି ବିଗ୍ରହ ଶ୍ରୀଦେବୀ ଓ ଭୂଦେବୀ ଏପରି ସାତଟି ବିଗ୍ରହ ଅଣାଯାଏ।

ଶ୍ରୀବଳଭଦ୍ରଙ୍କ ବାଡ଼ରେ ଶୋଭା ପାଉଥିବା ଧବଳ ବର୍ଣ୍ଣର ବାସୁଦେବ ପଟିଦିଅଁ ଚତୁର୍ଭୁଜ ଅଟନ୍ତି ବୋଲି ନୀଳାଦ୍ରି ମହୋଦୟରେ କୁହାଯାଇଛି:

ତତ୍ରୈ ନିର୍ମିତଂ ରାମଂ ଧବଳଂ ଚ ଚତୁର୍ଭୁଜମ୍ ।
ଶଙ୍ଖଚକ୍ରଂ ହଳଂ ତାବଦ୍ଧାଧାନଂ ପଦ୍ମାସନ ଗତାଂ ଶୁଭାମ୍ ।।

ସେ ଉପର ବାମ ହାତରେ ଶଙ୍ଖ ଓ ଦକ୍ଷିଣ ହସ୍ତରେ ଚକ୍ର ଏବଂ ତଳ ବାମ ହାତରେ ହଳ ଓ ଦକ୍ଷିଣ ହସ୍ତରେ ମୂଷଳ ଧାରଣ କରିଥାନ୍ତି। ବକ୍ଷଦେଶରେ ଯଜ୍ଞ ଉପବିତ ଏବଂ ମସ୍ତକ ଉପରେ ସପ୍ତଫେଣୀ ଶେଷନାଗ ଶୋଭା ପାଉଥାଏ। ଠାକୁରଙ୍କ ଡାହାଣ ପାର୍ଶ୍ୱରେ ଭଗବାନ୍ ଶଙ୍କର ଓ ବାମରେ ନାରଦ ନମସ୍କାର ମୁଦ୍ରାରେ ଦଣ୍ଡାୟମାନ ରହିଥାନ୍ତି। ପ୍ରଭୁ ବାସୁଦେବ ଏକ ବହୁତଳ ବିଶିଷ୍ଟ କୁଞ୍ଜ ମଧ୍ୟରେ ପଦ୍ମାସନ ମୁଦ୍ରାରେ ବସିଥାନ୍ତି। ସେଭଳି ମା ସୁଭଦ୍ରାଙ୍କ ବାଡ଼ରେ ପୀତବର୍ଣ୍ଣା ଦେବୀ ଭୁବନେଶ୍ୱରୀଙ୍କୁ ସ୍ଥାପନ କରାଯାଏ ବୋଲି ବର୍ଣ୍ଣନା ରହିଛି:

ସୁଭଦ୍ରାଂ ପୀତବର୍ଣ୍ଣାଭାଂ ପଦ୍ମାସନ ଗତାଂ ଶୁଭାମ୍।
ଚତୁର୍ଭୁଜାଂ କରଦ୍ୱନ୍ଦେ ଧୃପପଦ୍ମଦ୍ୱୟଂ ପରମ୍।।

ସେ ଚତୁର୍ଭୁଜା, ଉପର ଦୁଇ ହାତରେ ପଦ୍ମ ଫୁଲ ଏବଂ ତଳ ବାମ ହାତ ବରଦା ମୁଦ୍ରା ଓ ଦକ୍ଷିଣ ଅଭୟ ମୁଦ୍ରା ସହ ପଦ୍ମାସନରେ ବିଶିଷ୍ଟ କୁଞ୍ଜ ମଧ୍ୟ ଦେଶରେ ବସିଥାନ୍ତି। ଦେବୀଙ୍କ ଦୁଇ ପାଖରେ ଜୟା ଓ ବିଜୟା ବେନି ସଖୀ ଆଲଟ ଚାମର ସେବା କରି ଚାଲିଥାନ୍ତି। ସେପରି ଜଗନ୍ନାଥଙ୍କ ବାଡ଼ରେ କୃଷ୍ଣ ବର୍ଣ୍ଣର ନାରାୟଣ ପଟିଦିଅଁ ସ୍ଥାପନ କରାଯାଏ ବୋଲି କଥିତ ରହିଛି:

ନୀଳାଜୀମୂତ ସଂକାଶଂ ପଦ୍ମାସନ ବିରାଜିତମ୍
ଶଙ୍ଖଚକ୍ରଗଦାପଦ୍ମ ବିଲସତ୍କର ପଙ୍କଜମ୍।।

ମହାପ୍ରଭୁ ପାଟପିତାମ୍ବରି ଏବଂ ଆଭୂଷଣରେ ଆଭୂଷିତ ହୋଇ ଏକ ସୁସଜ୍ଜିତ କୁଞ୍ଜ ମଧ୍ୟ ଭାଗରେ ଚତୁର୍ଭୁଜ ଯୁକ୍ତ ଛନ୍ଦା ଚରଣ ପଦ୍ମମୁଦ୍ରାରେ ଉପବେଶନ କରିଥାନ୍ତି। ଉପର ବାମ ହାତରେ ଶଙ୍ଖ ଓ ଦକ୍ଷିଣ ହସ୍ତରେ ଚକ୍ର ଏବଂ ତଳ ବାମ ହାତରେ ପଦ୍ମ ଓ ଦକ୍ଷିଣ ହସ୍ତରେ ଗଦା ଧରିଥାନ୍ତି। ଠାକୁରଙ୍କ ହୃଦ ପଦ୍ମରେ କୌସ୍ତୁବ ଏବଂ ହଳଦିଆ ରଙ୍ଗର ପଇତା ଶୋଭା ପାଉଥାଏ। ସେ ସ୍ମିତ ଗାଭିର୍ଯ୍ୟ ମୁଖରେ ଉଦ୍ଭାସିତ ହେଉଥାନ୍ତି। ବସିଥିବା ପଦ୍ମାସନର ଦକ୍ଷିଣ ପାଖରେ ଚାରିଜଣ ଓ ବାମ ପାଖରେ ତିନିଜଣ ସପ୍ତର୍ଷି ଦଣ୍ଡାୟମାନ ହୋଇ ବନ୍ଦନା କରୁଥାନ୍ତି।

ପୂର୍ବରୁ ଆସିଥିବା ସପ୍ତଗୋଟି ଧାତୁ ବିଗ୍ରହ ମଧ୍ୟରୁ ବାଡ଼ି ନୃସିଂହ, ରାମ ଓ କୃଷ୍ଣ ଆଦିଙ୍କୁ ବାସୁଦେବ ପଟିଦିଅଁଙ୍କ ଖଟ ଉପରେ ରଖାଯାଏ। ସେପରି ଭୁବନେଶ୍ୱରୀ ପଟିଦିଅଁଙ୍କ ଡାହାଣ ପାର୍ଶ୍ୱରେ ଭୂଦେବୀ ଓ ବାମ ପାଖରେ ଶ୍ରୀଦେବୀ ଏବଂ ନାରାୟଣ ପଟିଦିଅଁଙ୍କ ଡାହାଣରେ ମଦନ ମୋହନ ଓ ବାମରେ ଦୋଳଗୋବିନ୍ଦଙ୍କୁ ଯଥା ରୀତିରେ ସ୍ଥାପନ କରାଯାଏ। ଦୁଇଗୋଟି ଦୀପକୁ କାଠରୁଖା ଉପରେ ରଖାଯାଇ ଥାଏ। ଏହି ସ୍ଥାନରେ ପତିମହାପାତ୍ର ଉପସ୍ଥିତ ରହିଥାନ୍ତି। ପ୍ରତିଦିନ ମଙ୍ଗଳ ଆଳତୀ ଠାରୁ ପୌଢ ନୀତି ପର୍ଯ୍ୟନ୍ତ ସମସ୍ତ ବିଧି ବିଧାନ ବଢ଼ିଥାଏ। ଏହା ସହ ଷାଠିଏ ପଉଟି ସଙ୍ଖୁଡ଼ି (ଅମୁଣିଆ) ଭଣ୍ଡ ଘରେ ଏବଂ ସକାଳ ଧୂପ ( ଭୋଗ), ମଧ୍ୟାହ୍ନ ଧୂପ ଓ ସନ୍ଧ୍ୟା ଧୂପ ପଞ୍ଚୋପଚାର ବିଧିରେ ହିଁ ହୋଇଥାଏ। କିନ୍ତୁ ପୂଜା ସମୟରେ ଘଣ୍ଟି କିମ୍ବା ଝାଞ୍ଜାଦି ବାଜେନାହିଁ। କିନ୍ତୁ ଅନବସର ଘରେ ଚତୁର୍ଦ୍ଧାମର୍ତ୍ତିଙ୍କୁ ଚକଟା ଭୋଗ ହୋଇଥାଏ। କାରଣ ଠାକୁରମାନେ ଜ୍ୱରରେ ପୀଡ଼ିତ ଥାନ୍ତି। ଉଭୟ ପଟିଦିଅଁ ଓ ଦାରୁବ୍ରହ୍ମ ଭିତରେ କିଛିବି ପ୍ରଭେଦ ନାହିଁ। ଦାରୁବ୍ରହ୍ମ ଯେଭଳି ପ୍ରତି କାର୍ଯ୍ୟ ପାଇଁ ଆଜ୍ଞାମାଳ ପ୍ରଦାନ କରିଥାନ୍ତି, ସେଭଳି ପଟିଦିଅଁଙ୍କ ଆଜ୍ଞାମାଳ ମଧ୍ୟ ଯାଇଥାଏ। ଯେପରି ନବଯୌବନ ଦିନ ରଥ ତିନିକୁ ସିଂହ ଦ୍ୱାର ନିକଟକୁ ଆଣିବା ପାଇଁ।

ପଟିଦିଅଁ ମାନଙ୍କୁ ମହାପ୍ରଭୁଙ୍କ ପାରମ୍ପରିକ ଚିତ୍ରକର ସେବକମାନେ, ନିଜ ବାସ ଗୃହରେ ଜ୍ୟେଷ୍ଠ ମାସ ଶୀତଳ ଷଷ୍ଠୀ ଦିନ ଠାରୁ ନିର୍ମାଣ କର୍ମର ଆୟମାରମ୍ଭ କରିଥାନ୍ତି। ଏଥିରେ ସେମାନେ ପ୍ରାକୃତିକ ରଙ୍ଗ ଯଥା: ହିଙ୍ଗୁଳ, ହରିତାଳ, ନୀଳ ପୋଲାଙ୍ଗ କଳା ଏବଂ ଶଙ୍ଖ ଇତ୍ୟାଦିରୁ ନିର୍ମିତ୍ତ ଧଳା, କଳା, ନୀଳ, ହଳଦୀ ଓ ନାଲିର ବ୍ୟବହାର କରିଥାନ୍ତି। ଯେତେବଳେ ସମ୍ପୂର୍ଣ୍ଣ ଭାବରେ ତିଆରି ହୋଇଯାଏ, ସ୍ନାନ ପୂର୍ଣ୍ଣିମା ରାତ୍ରରେ ଚିତ୍ରକର ସେବକମାନେ ସେଠାରେ ଥିବା କାନ୍ଥରେ ଟାଙ୍ଗି ପଟିଦିଅଁ ମାନଙ୍କୁ ବନ୍ଦାପନା କରିଥାନ୍ତି। ଏହାପରେ ଶ୍ରୀମନ୍ଦିରରୁ ଆସିଥିବା ସ୍ୱତନ୍ତ୍ର କାହାଳୀ ଓ ଘସାବାଦ୍ୟ ବାଜଣାରେ ସେବକମାନେ ପତୁନି ଗୁଡ଼ାଇ ବଡ଼ଦେଉଳକୁ ନେଇଥାନ୍ତି। ସେଠାରେ ପନ୍ଦରଦିନ ପର୍ଯ୍ୟନ୍ତ ପୂଜିତ ହେବାପରେ ନବଯୌବନ ଦର୍ଶନ ଦିନ ବିସର୍ଜନ କରାଯାଏ। ଏହାପରେ ଉକ୍ତ ପଟିଦିଅଁ ମାନଙ୍କୁ ଶ୍ରୀମନ୍ଦିର ଭିତର ବେଢ଼ାର ମଣ୍ଡଣି ଘର ଅର୍ଥାତ୍ ଗୋପେଶ୍ୱର ମନ୍ଦିରରେ ରଖାଯାଏ।

ସ୍ୱୟଂ ପରଂବ୍ରହ୍ମ ହୋଇ ମଧ୍ୟ ଶ୍ରୀଜଗନ୍ନାଥ ଭକ୍ତ ଓ ଅଙ୍ଗଲାଗି ସେବକଙ୍କ ଇଚ୍ଛା ପୂରଣ ପାଇଁ ଏହି ଲୀଳା କରିଛନ୍ତି। ସେ ଅନବସର ପନ୍ଦର ଦିନ ଭିତରେ ଦଇତାପତି ସେବକଙ୍କୁ ସେବାର ସୁଯୋଗ ଦେଇଥାନ୍ତି। ଏହି ସେବକମାନଙ୍କର ଇତ୍ୟବସରେ ଏତେ କାର୍ଯ୍ୟ ବଢ଼ି ଯାଏ ଯେ, ସେମାନେ କ୍ଷଣେବି ସମୟ ପାନ୍ତି ନାହିଁ। ତେଣୁ ତାହାଙ୍କ ପାଇଁ ନ–ଅବସର ଅନବସର ବୋଲି କୁହାଯାଏ। ସେଭଳି ଅନ୍ୟ ଭକ୍ତମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଚର୍ମ ଚକ୍ଷୁରେ ଏ ସମୟରେ ଦର୍ଶନ କରିବାର ଅବସର ପାନ୍ତି ନାହିଁ। ଅତଃ ଏହିମାନଙ୍କ ପାଇଁ ମଧ ଏ ଶବ୍ଦର ବ୍ୟବହାର କରାଯାଇଛି। ମହାପ୍ରଭୁ ସେବକ ଓ ଭକ୍ତଙ୍କ ଲାଗି କାଳ କାଳ ଧରି ଏପରି ଲୀଳା ଖେଳା କରିଚାଲିଛନ୍ତି। ଯାହାକୁ ସମ୍ପୂର୍ଣ୍ଣ ରୂପରେ ବର୍ଣ୍ଣନା କରିବା ସାମାନ୍ୟ ବୁଦ୍ଧିର ପରର କଥା। କେବଳ ତାଙ୍କର ଲୀଳାମାଧୂର୍ଯ୍ୟକୁ ଦେଖି ଆନନ୍ଦିତ ହେବା, ଆମ ଭଳି ସଧାରଣ ମଣିଷଙ୍କ ପାଇଁ ଅତ୍ୟନ୍ତ ସୌଭାଗ୍ୟ ବିଷୟ।

ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ
ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ,
କବିସୂର୍ଯ୍ୟ ନଗର ।

# ମଳାନଇ

ନଈ ଭଳି ବହିଯାଉଥିବା ବୋଉ କୁ ପିଲାଦିନୁ ଦେଖି ଯେତିକି ଆଶ୍ଚର୍ଯ୍ୟ ହୁଏ ସେତିକି ଶିଖେ ମୁଁ ।ବୋଉ ମୋର ଛ ଟା ପିଲାଙ୍କୁ ଜନ୍ମଦେଇ ମଣିଷ କରିବା କି କଷ୍ଟ ସତରେ, ବାପା ରୋଜଗାର କରନ୍ତି ସତ, ହେଲେ ଘର ର ଯାବତୀୟ ମଇଳା କୁ ସ୍ରୋତ ପରି ବାହିନେଇ ନଈ ରୂପକ ବୋଉ ମୋର ସଭିଙ୍କ ମନ ରେ ଖୁସି ଭରିଦେଉଥାଏ, କେମିତି ବୁଝିପାରେ ସମସ୍ତଙ୍କ ମନ କଥା, କାହାକୁ ପଖାଳ ସାଙ୍ଗକୁ ପୋଡ଼ାପୋଡ଼ି ସହ ବଡ଼ିଭଜା ତ କାହାକୁ ଛେନା କ୍ଷୀର ରୁଟି ତ କାହାକୁ ଚୂନ ଚୂନ ଆଳୁଭଜା ସହ ଅଣ୍ଡାଭଜା ଓ ପଖାଳ, ପୁଣି କିଏ ଘୋଡିହେବ, ଚାଦର, ତ କିଏ କମଳ ତ କିଏ ରେଜେଇ ପୁଣି କିଏ କନ୍ଥା, ବୋଉ ମୋର ସକାଳୁ ସଞ୍ଜ ଯାଏ କୁଳୁ କୁଳୁ ବହୁଥାଏ ନଈ ଟିଏ ପରି, ନା ଥାଏ ପ୍ରତିବାଦ ନା ଥାଏ ବିରକ୍ତି !

ସେଥିରେ ପୁଣି ଚଢେଇ ପେଟ ଚିହ୍ନେ, ଅତିଥି ଅଭ୍ୟାଗତ ସେବା ରେ ଲାଗିଥାଏ ନଈ ର ନାମ ଗଙ୍ଗା ପରି, ଆମେ ପାଠ ପଢୁ ବୋଉ ଜଗିବସେ ନଶୋଇ ନଈ ସରସ୍ୱତୀଙ୍କ ପରି, ଦୀନ ଦୁଃଖି କେହି ଫେରିଯାନ୍ତି ନାହିଁ ଆମଘରୁ, କଥାରେ ଥାଏ ଅମୃତ, ଶିଖାଏ ନଈ କାବେରୀ ପରି, କେହି ମାଗୁଛି ତ ସାମର୍ଥ୍ୟ ଭିତରେ କିଛି ଦିଅ, ନଦେବାର କରନି, ମିଠା କଥାରେ ହୃଦୟ କିଣି ନିଅ ଅନ୍ୟର, ସତେ ଯେମିତି ତା ଉପଦେଶ ନଈ ର କୁଳୁ କୁଳୁ ଶବ୍ଦ ପରି ଭାରି ମନମୁଗ୍ଧକର ଆଉ ମାନିଗଲେ ଜୀବନ ଟା ନଈ କୂଳିଆ ସୁଲୁ ସୁଲୁ ବାଆ ପରି ମନେହୁଏ, ସତରେ ମୋ ବୋଉ ପରି କିଏ ହେବ, ଦୁଇକୂଳ ର ହିତ, ହିତ ର ଉଦାହରଣ ଦେବା ବି ମୋ ଭାଷା ହୋଇ ରହିଲାନି ଯେବେ ବାପା ତାକୁ ଛାଡି ଆଗ ଚାଲିଗଲେ ଆଉ କୁଳୁକୁଳୁ ବହୁଥିବା ନଈଟା ହଠାତ ନିଥର ପାଲଟିଗଲା ସତେ ଯେମିତି ମଳାନଈ ।

ସେଦିନ ଗୋଟେ ବନ୍ଧୁ ମିଳନ ଆସର ରେ ଏମିତି ସବୁ କଥାଭିତରେ ଆମ ସମାଜରେ, ନାରୀ, ତୁଳନା ରେ ପୁରୁଷ ଟିଏ, ଆଗ ଚାଲି ଯାଏ କାହିଁକି ର ଉତ୍ତରରେ କିଏ କହୁଥିଲା ଦୁହେଁ ସାତ ଜନ୍ମ ର ସାଙ୍ଗ ତ ମନ ଭରୁନଥିଲା, ପୁରୁଷ ବା ସ୍ୱାମୀ ଚାଲିଯିବାର ଢେର ସାରା ବର୍ଷ ଯାଏଁ ସ୍ତ୍ରୀ ଟି ତ ବଞ୍ଚିରହେ, ତ ଯଦି ପର ଜନ୍ମ ର ସାଥି ସ୍ୱାମୀ କଣ ସେତେଦିନ ଆଶରୀରୀ ହୋଇ ରହିଥାଏ ନା କଣ !ଏମିତି ଅନେକ ଅଛିଣ୍ଡା ପ୍ରଶ୍ନ ର ଉତ୍ତର ଭିତରେ ହଠାତ କେହି ଜଣେ କହିଲେ ଆରେ ନାରୀ ହୃଦୟ ଦୁଃଖ କଷ୍ଟ ଯନ୍ତ୍ରଣା ଭିତରେ ପଥର ହେଇଯାଇଥାଏ ତ ସେ ଦୁଃଖ ସହି ସହି ସଂସାର ରେ ନଈ ଭଳି ସେସବୁ ବାହି ଆଗକୁ ବହି ଚାଲେ ପରା, ମୋ ପାଟିରୁ ବାହାରି ପଡିଲା ଇଉରେକା ଇଉରେକା

ସତରେ ସେଦିନ ଦେଖିଲା ବେଳକୁ ବୋଉ ନାତୁଣୀ ର ଝିଅ କୁ ଗୋଡ଼ ଲମ୍ବେଇ ତେଲ ହଳଦୀ ଲଗେଇଦେଉଛି, ପୁଣି ଆଉଗୋଟିଏ ନାତୁଣୀ ର କଣ ହେବାକୁଥିବାରୁ ସାତମାସିଆ ପିଠା ପାଇଁ ଆରିଷା ପିଠା ଯୋଜନା ରେ ଅଛି, ମୋ ଆଖିରୁ ଗଡି ପଡିଲା ଦୁଇ ବୁନ୍ଦା ଅଶ୍ରୁ ଆଉ ବୋଉ ବାପାଙ୍କ ବେକରୁ ମଉଳା ଫୁଲ କାଢି ସଦ୍ୟ ମାଳା ପିନ୍ଧାଯାଉଥିଲା ତ, ନାରୀର ନଈ ଭଳି ଜୀବନ ଭିତରେ ମୁଁ ମୋ ବୋଉ କୁ କୁଣ୍ଢାଇ ମନ ଇଚ୍ଛା କାନ୍ଦିଥିଲି ଆଉ ବୋଉ ଶୁନ୍ୟ ମନ ଶୁନ୍ୟ ଆଖିରେ ମୋ ମୁହଁ ପୋଛୁ ଥିଲା ତା ମମତ୍ୱ ପୂର୍ଣ୍ଣ ପଣତରେ ।

ସବୁ ବୋଉମାନେ ବୋଧେ ଏମିତି!ଯେତେ ଟା ସନ୍ତାନ ଥାଆନ୍ତୁ ନା କାହିଁକି ସମସ୍ତଙ୍କୁ ସ୍ନେହ ଶ୍ରଦ୍ଧା ବାଣ୍ଟିଦେଇଥାନ୍ତି ସମାନ ଭାବେ । ନହେଲେ ପିଲାବେଳେ ଛଅ ଭାଇଭଉଣୀଙ୍କ ପସନ୍ଦ ଜାଣୁଥିବା ବୋଉ ତାଙ୍କର କେମିତି ବାଢିଦିଏ କାହାକୁ ଉଷୁମ ଉଷୁମ ଚାଉଁ ପଖାଳ ସାଙ୍ଗକୁ ପାଗ ପୁଗା ତ କାହାକୁ ଚୁନା ଚୁନା କଟା ଆଳୁ ଭଜା ସହ ଅଣ୍ଡା ଭୁଜିଆ ପୁଣି କାହାକୁ ଗରମ ଭାତ ସାଙ୍ଗକୁ ଚୁଙ୍ଗୁଡ଼ି କାଲିଆ । ଏବେ ସେହି ଛଅ ଭାଇଭଉଣୀ ଙ୍କ ଭିତରୁ ବଡ଼ ଝିଅ ସୁନିତାଙ୍କର ପୁଅଟିଏ ପରେ ଝିଅଟିଏ ଆସିଛି କୋଳକୁ ତ ସବୁ ସ୍ନେହ ଶ୍ରଦ୍ଧା ସହିତ ତା ସୁରକ୍ଷା ପାଇଁ ଖୁବ ଚିନ୍ତିତ ମା ସୁନିତା । ଜନ୍ମ ବେଳେ ଏକୋଇଶିଆରେ କୋଷ୍ଠି ଗଣନା କରି ଜଣେ ନାହାକ କାଳସର୍ପ ଦୋଷ ଅଛି କହିଥିବାରୁ ସେକଥା ସୁନିତାଙ୍କ ମନରେ ଗଭୀର ଭୟ ସୃଷ୍ଟି କରିଥିଲା ତ କୋଷ୍ଠୀ ଗଣନା ଚାଲିଥିଲା ବିଭିର୍ନ୍ନ ନାହାକମାନଙ୍କ ପାଖେ । ଜାତକ ଦେଖି କୋଉ ନାହାକ ପାଣିକୁ ଜଗିଥିବେ ତ କିଏ ନିଆଁ କୁ ଜଗିଥିବେ କହୁଥିଲା ବେଳେ କିଏ କହେ ଜଗତଜିତା ହେବ । ସୁନିତା କିନ୍ତୁ ଡାକୁଥାଆନ୍ତି ମା ଲୋ ମା କାକଟପୁର ମଙ୍ଗଳା ମାଆ ମୋ ଝିଅକୁ ରକ୍ଷା କର ମା । ତତେ ଡାକି ଡାକି କେତେ କଷ୍ଟରେ ମୋର ଏ ଝିଅ । ତା ଭାଇ ସହ ଝିଅକୁ ମୋର ବୁଦ୍ଧି, ବିଦ୍ୟା, ଧନ,ଜନ, ଗୋପ, ଲକ୍ଷ୍ମୀ ଦେବା ସହ ଆୟୁଷ, ଆଶିଷ ଓ ନିରୋଗୀ ରଖ ମା । ପୁଣି ଡାକୁଥାଆନ୍ତି ।ରହନୁମାନଙ୍କୁ କାରଣ ତାଙ୍କ ଝିଅ ନିଜେ ପିଲାଦିନୁ ବୀରହନୁମାନ ଙ୍କୁ ଦେଖି ଖୁବ ଖୁସି ହେବା ସଙ୍ଗେ ସଙ୍ଗେ ପଚାରି ବସେ ସେ କେମିତି ଖାଇବେ ଓ କଥା କହିବେ ମାଆ?ତାଙ୍କ ପାଟି କାହିଁକି ଏମିତି ହୋଇଛି? ତୁ ଭୋଗ ବଦଳରେ ଔଷଧ ଆଣିଲୁନି ତାଙ୍କ ପାଇଁ!ଝିଅର ପ୍ରଶ୍ନ ରେ ସୁନିତା କହନ୍ତି ସେ ପରା ଠାକୁର ଝିଅ!ସେ ନିଜେ ନିଜର ସବୁ ଅସୁବିଧା ଦୂରେଇ ନିଜ ସୁରକ୍ଷା ନିଜେ କରିପାରିବେ । ପିଲାଦିନେ କିଛି କିଛି ବୁଝୁଥିବା କିଛି କିଛି ବୁଝୁନଥିବା ଝିଅ ଏବେ ଗଭୀର ପାଣି ଭିତରେ ଯୋଗଭ୍ୟାସ କରିବା ଦେଖି ସୁନିତା ଆଶଙ୍କିତ ହୋଇପଡୁଥିଲା ବେଳେ ଝିଅ କହେ ତୁ ପରା କହୁ ମାଆ ଯେ ଡର କାହାକୁ ଭୟ କାହାକୁ । । । । ଇଶ୍ୱର ଅଛନ୍ତି ଚଉବାହାକୁ । ତୁ ପରା କହୁଥିଲୁ ମୋର ମାଆ କାକଟପୁର ମଙ୍ଗଳା ଓ ବୀରହନୁମାନ ସାହା ବୋଲି । ଝିଅକୁ ହଁ ହଁ କହିଦେଇ ଭାବନା ରେ ବୁଡି ଯାଆନ୍ତି ସୁନିତା ।

ଝିଅ ଜନ୍ମ ହେବା ଦିନର ଘଟଣା ମନେ ଅଛି ସୁନିତାଙ୍କର । ନର୍ସ ଦିଦି ତାଗିଦା କରି କହି ଗଲେ ପିଲାକୁ ଘୋଡେଇ ରଖି ବସ ଝିଅ । ଏତିକି କହି କହୁଥିଲେ ଏତେ ପିଲା ଆଜି ଏ ଓ୍ୱାର୍ଡରେ ଜନ୍ମ ହୋଇଛନ୍ତି । କୋଉ ବେଡ଼ ରେ ଏମିତି ପିଲାଟିଏ ଅଛି କହତ!ପ୍ରଥମ ସନ୍ତାନ ପୁଅ ହୋଇସାରିଛି ବୋଲି ଦ୍ୱିତୀୟ ସନ୍ତାନକୁ ଅଣଦେଖା କରିବା ଉଚିତ ନୁହଁ ।ଝିଅ ଜନ୍ମ ହୋଇଛି ବୋଲି ମନ ଟିକେ ନା ଟିକେ କୋଉଠି ଉଣା ଥିଲେ ବି ବୁଝିଗଲା ସୁନିତାଙ୍କ ମନ ।ଦିଦିଙ୍କ ସେହି କେଇପଦ ଶବ୍ଦ ସମାହାର ବାକ୍ୟଟିରେ ତ ସୁନିତା ଝିଅକୁ କୋଳକୁ ନେଇ କୋଳେଇ ଆଗ୍ରହରେ କ୍ଷୀର ଦେଉ ଦେଉ ଦେଖିଲେ ପାଖ ବେଡ଼ ରେ ବର୍ଷେ ପାଖା ପାଖି ଝିଅଟିଏ ର ନାକରେ ଅକ୍ସିଜେନ ନଳୀ ଲାଗି ହେଙ୍କା ଉଠୁଥାଏ ଛୁଆଟିର ଓ ପାଖରେ ମାଆ ଟି କାନ୍ଦୁଥାଏ । ସୁନିତାଙ୍କ ଦେଖାଶୁଣା କରିବା ପାଇଁ ତାଙ୍କ ପାଖରେ ଥିବା ତାଙ୍କ ନିଜ ଆଈ ଓ ମାଉସୀ ଶାଶୁ ପରସ୍ପର ଭିତରେ କଥା ହେଉଥାଆନ୍ତି ଯେ ବିବାହର ପନ୍ଦର ବର୍ଷ ପରେ ମାଆ ହୋଇଥିବା ସାନଯାଆ ଘର କାମ କରିବାକୁ ତା ଛୋଟ ଝିଅ ଛାଡୁନଥିବାରୁ ବଡ଼ଯା ଅର୍ଥାତ ଶିଶୁକନ୍ୟା ଝିଅର ବଡ଼ମାଆ ଛୁଆଟିକୁ ଅଫିମ ଦେଇ ଶୁଆଇବାର ନିର୍ଦ୍ଦେଶ ରେ ସେକଥା ଟି ସବୁଦିନିଆ ରୁଟିନ ହୋଇଯାଇଥିଲା ଆଉ ସେହି କାରଣରୁ ଏବେ ଛୋଟ ଝିଅର ବାନ୍ତି ଓ ଝାଡା ପୁଣି ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ତ ଡକ୍ଟର କହୁଛନ୍ତି ଭଗବାନଙ୍କୁ ଡାକ । ନିଜେ ଯୋଉ ଭୁଲ କରିଛ ତାକୁ ସୁଧାରିବାକୁ ଆମେ ଅସମର୍ଥ । ତଥାପି ଝିଅଟିର ହେଙ୍କା ଉଠୁଥାଏ ରାତିସାରା ଓ ମାଆଟି କାନ୍ଦୁ କାନ୍ଦୁ ହଠାତ ହେଙ୍କା ବନ୍ଦ ହୋଇଗଲା ଛୋଟ ଝିଅଟିର ତ କାନ୍ଦ ର ରୋଳରେ ହସ୍ପିଟାଲ ଫାଟି ପଡୁଥିଲା ବେଳେ ଏପଟ ବେଡ଼ ରେ ସୁନିତା ନିଜ ଝିଅ ବେବିନା ଦେହରୁ ମଶା ଉଡାଉ ଉଡାଉ କୋଳରେ ଚାପି ଧରି କାହିଁକି କେଜାଣି କାନ୍ଦିଥିଲେ ଖୁବ । ଆଜି ଝିଅ ଗଭୀର ପାଣି ଭିତରେ ଯୋଗ କରିବା ସେ ସହନ୍ତେ କେମିତି!

ସେଦିନ ଯୋଗ କରୁ କରୁ ଅନେକ ପିଲାଙ୍କ ଭିତରୁ ପୁଅଟିଏ ଗଭୀର ଜଳ ଭିତରେ ଶ୍ୱାସ ରୁଦ୍ଧ ହୋଇ ଚାଲିଗଲା ଆରପୁରକୁ । ଝିଅ ବେବିନା ଖୁବ ଡେରିରେ ଘରକୁ ଫେରିଲା ସେଦିନ । ସେଦିନ ରାତିରେ ସୁନିତା ଶୋଇପାରିନଥିଲେ । ଝିଅ ରୁମକୁ ପଶିଆସିବାରୁ ଝିଅ କହୁଥିଲା ତୁ ଏଯାଏଁ ଶୋଇନୁ ମାଆ!ତୁ ମଧ ଶୋଇନୁ ତ!ହଁ ସେଇ ପୁଅର ମୃତ୍ୟୁ ଗଭୀର ଦୁଃଖ ଦେଉଛି ମାଆ । ସୁନିତା କଇଁ କଇଁ ହୋଇ କାନ୍ଦି ବସିଲା ଝିଅ ବେବିନାକୁ କୋଳରେ ଧରି ଖୁବ କାନ୍ଦିଥିଲେ ସେ ରାତି ସାରା । କହୁଥିଲେ ପୁଅ ହେଉ ଅବା ଝିଅ, ମାଆ ପାଇଁ ତା ସନ୍ତାନ ସବୁକିଛି । ମାଆ ସୁନିତା ଙ୍କ କାନ୍ଦ ଓ କଥାରେ କେତେ ଗଭୀରତା ଥିଲା କେଜାଣି ଝିଅ ବେବିନା କିନ୍ତୁ ଏବେ ଆଉ ଗଭୀର ଜଳ ଭିତରେ ଯୋଗାଭ୍ୟାସ ଅଭ୍ୟାସ ଛାଡି ଦେଇଥିଲା । ଦିନେ କିନ୍ତୁ ଯୋଗରେ ବିଶ୍ୱ ରେକର୍ଡ ସୃଷ୍ଟି କରି ମାଆ ସହ ବାପାଙ୍କୁ ଚମତ୍କୃତ କରିଦେଇଥିଲା ବେବିନା । ଗଭୀର ଆବେଗରେ ବାପା କହୁଥିଲେ ଝିଅ କାହାର!ସୁନିତା ମଧ କହୁଥିଲେ ନାତୁଣୀ କାହାର!ଆଈଙ୍କ ଭଳି ହେଉଛୁ ତୁ ମାଆ ବୋଲି କହି ବେବିନା ପୁଣି କହୁଥିଲା କିଛି । ।ଆଈ ପରା କହନ୍ତି ଡର କାହାକୁ ଭୟ କାହାକୁ । ।ଇଶ୍ୱର ଅଛନ୍ତି ଚଉବାହାକୁ, ଯାହା ତୁ ମତେ ଓ ଭାଇକୁ କହୁ ସବୁବେଳେ ।

ବେବିନାର ଆଈ ଅର୍ଥାତ ସୁନିତା ଙ୍କ ସେଇ ବୋଉ ଆଜି ବଦଳି ଯାଇଛନ୍ତି । ବାପାଙ୍କ ଆବର୍ତ୍ତମାନରେ ଏକୁଟିଆ ହୋଇ ଯାଇଛନ୍ତି ।ବୋଉ ତାଙ୍କର ଆଇନା ଆଡକୁ ଚାହିଁ ଡାକ ପକେଇଥିଲା ଦଉଡି ଆସେ ଝିଅ ଭୂତ ।ଭୂତର ଇମୋଜି । ସତକୁ ସତ ଦଉଡି ଆସି ସୁନିତା ଦେଖିଲା ବୋଉ ନିଜ ଛବିର ପ୍ରତିବିମ୍ବକୁ ଦର୍ପଣରେ ଦେଖି କହୁଥିଲା ଭୂତ ଭୂତ ଭୁତର ଇମୋଜି ।ତା ପରଠୁ ବୋଉ ଏମିତି ଅନେକ ଅପ୍ରସାଙ୍ଗିକ କଥା କହୁଥିଲା ଯେମିତିକି ସକାଳୁ ଉଠି ପଚାରୁଥିଲା ଆଜି ପରା ସାବିତ୍ରୀ, ମୁଗ ବତୁରେଇନୁ କି ଝିଅ!କେତେ କାଳେ ଆସିଛୁ ମୋ ପାଖକୁ ପୁରୀ ଘରକୁ,ଏତିକି ତ ଅନ୍ତତଃ କରିଦେ । ସୁନିତା ଆଶ୍ଚର୍ଯ୍ୟରେ ବୋଉକୁ ଚାହିଁ କହୁଥିଲା ସାବିତ୍ରୀ ଆଜି!ଯଦି ଆଜି ତ ବଡ଼ମନ୍ଦିରର ଅବଢ଼ା ଖାଇ ସାତପୁରୁଷି ପରମ୍ପରା ଅନୁସାରେ ପୁରୀବାସୀଙ୍କ ଅଭ୍ୟାସ ଢଙ୍ଗରେ ଖାଇନେବା ଶାନ୍ତିରେ ।ଆଉ ମୁଗ ବତୁରେଇବା ଚିନ୍ତା ବୋଉର ଆସିଲା କୁଆଡୁ? ବୋଉର ଏମିତି ଏମିତି ଅନେକ କଥାରେ ନଥା ଲାଗୁଥିଲା ।ବୋଉ ଅନ୍ୟ ଦୁନିଆଁରେ ଅଛି ଯୋଉଠି ଅନେକ ଢଙ୍ଗ ଓ ରଙ୍ଗର ଇମୋଜି ତାକୁ ଓ ତାର ଭାବନାକୁ କାୟା ବିସ୍ତାର କରି ରଖିଛି । ବ୍ୟସ୍ତ ହୋଇପଡ଼ିଲୁ ଆମେ ଭାଇଭଉଣୀମାନେ । ସ୍ଥିର କଲୁ ଛଅ ଜଣ ଯାକ ମିଶି ବୋଉକୁ ନେଇଯିବା ପାଖକୁ । କିଛିନହେଲେ ଅନ୍ତତଃ ବାପାଙ୍କ ଆବର୍ତ୍ତମାନର ଦୁଃଖ ଭୁଲିଯିବ ତ ବୋଉ । ସେୟା ହେଲା ଓ ପ୍ରଥମ ପାଳି ବଡ଼ଝିଅ ସୁନିତା ଙ୍କ ଉପରେ ହିଁ ନ୍ୟସ୍ତ ଥିଲା । ଯା ହେଉ ବୋଉ ତା ପ୍ରିୟ ନାତି ନାତୁଣୀଙ୍କୁ ଦେଖି ଏମିତି ଭିର୍ନ୍ନ ଭିର୍ନ୍ନ ଚିନ୍ତାଧାରାର ଇମୋଜି ଅନ୍ତତଃ ପ୍ରକାଶ କରିବ ନାହିଁ କିନ୍ତୁ ଫଳ ଓଲଟା ହେଲା । ପ୍ରିୟ ନାତି ନାତୁଣୀ ଏଇଥି ପାଇଁକି ଯେ ବଡ଼ଝିଅର ପ୍ରଥମ ନାତି ଓ ନାତୁଣୀ ଦୁହେଁ ତାର ପ୍ରଥମ ଆଈ ହେବାର ଅନୁଭବ ହୋଇଥିବାରୁ ସେମାନଙ୍କୁ ଖୁବ ଭଲ ପାଉ ପାଉ ଅନ୍ୟମାନେ ଯିଏ ଯେତେ ଆସିଥିଲେ ବି ପ୍ରଥମ ପ୍ରେମକୁ ନଭୁଲି ପାରିଲା ପରି ପ୍ରଥମ ନାତି ନାତୁଣୀ ନିଶ୍ଚୟ ନିଆରା ଭାବି ବୋଉ ଏଣିକି ଠିକ ହୋଇଯିବ ଭାବୁଥିବା ଝିଅ ସୁନିତା କିନ୍ତୁ ଭୁଲ ପ୍ରମାଣିତ ହୋଇସାରିଥିଲେ କାରଣ ବଡ଼ ନାତି ରୁବା ଭିତରେ ସେ ଭଣଜା ବୁବୁନା ଙ୍କ ଇମୋଜି ଦେଖୁଥିଲା ତ ବଡ଼ନାତୁଣୀ ବେବିନା ଭିତରେ ଆଉ କାହା ଇମୋଜି ଦେଖି କେତେବେଳେ କଣ ବୋଲି ଭାବୁଥିଲା ତାକୁ ଓ ଡାକୁଥିଲା ସେହି ନାମରେ ।

ଯୋଗକୁ ସାବିତ୍ରୀ ଆସିଗଲା । ଏଇ ବୋଉ ଯିଏ ସାବିତ୍ରୀ ଆସିବା ପୂର୍ବରୁ କେତେ ଚଳଚଞ୍ଚଳ ଥିଲା ଆଜି ସେ ଇମୋଜିଟିଏ ମାତ୍ର ।ବାପାଙ୍କ ହାତରେ ସାବିତ୍ରୀ ଉପକରଣ ସହ ଅଭଡ଼ା ପଠେଇ ଦେଉଥିଲା ଝିଅ ବୋହୁମାନଙ୍କ ପାଇଁ । ପୁଣି ଝିଅ ବୋହୁମାନେ ତା ପାଇଁ ପଠେଇଥିବା ଶାଢ଼ୀ ଚୁଡ଼ି ଦେଖେଇ ହେଉଥିଲା ପଡୋଶୀ ସ୍ତ୍ରୀଲୋକମାନଙ୍କ ଆଗରେ । ଏମିତି କହିକି ଯେ ମୋ ବୋଉ(ଆମ ଆଈ )ସିନା ଚାଲିଗଲା ହେଲେ ଝିଅ ବୋହୁ ମୋ ପାଇଁ ପଠେଇଛନ୍ତି । କେତେବେଳେ କେମିତି ବାପାଙ୍କୁ ଲୁଚି ଲୁଚି ପାଦ ଛୁଇଁବା ବେଳର ଫୋଟୋ ମଧ ଉଠେଇ ତାକୁ ବନ୍ଧେଇ କରି ଦେଇଯାଇଥାନ୍ତି ଝିଅ ବୋହୁମାନେ ଯେ ପଣତରେ ଝଡା ପୋଛା କରୁଥାଏ ଧୂଳି ସେହି ଫଟୋସବୁରୁ । ସତରେ କେଡେ ଚଞ୍ଚଳ ଖୁସିର ଦିନ ତାର ସରିଗଲା!ତା ସହିତ ଆମଠୁ ଭାଗ୍ୟ ଛଡେଇ ନେଲା ବାପା ଡାକ ।ଏଇ ସମୟରେ ବୋଉର ବଡ଼ ପାଟି ଶୁଣି ଭାବନା ରାଜ୍ୟରୁ ଫେରି ଧାଇଁଯାଇଥିଲେ ତା ରୁମକୁ ସୁନିତା ତ ଡ୍ରେସିଂ ଟେବୁଲ ପାଖେ ଠିଆ ହୋଇ ଆଇନା ଦେଖି ବୋଉ ସେହିଭଳି କହୁଥାଏ ଦେଖ ଦେଖ ଝିଅ ସେ କିଏ? ଭୂତ । ନିଶ୍ଚୟ ଭୂତ । ଭୂତ ଇମୋଜି ତା ମୁଣ୍ଡରୁ ବାହାର କରିବାକୁ ଯାଇ ସୁନିତା କହିଲେ ଏ ପରା ତୁ । ତୋରି ଛବି । ଭୂତ କାହିଁ!ବୋଉ କହୁଥିଲା ନା ନା ଏ ମୋ ଛବି ନୁହେଁ । ହାତରେ ଚୁଡ଼ି ନାହିଁ, ମୁଣ୍ଡରେ କି ସିନ୍ଥିରେ ସିନ୍ଦୁର ନାହିଁ ପୁଣି ଗୋଡ଼ରେ ଝୁଣ୍ଟିଆ ନାହିଁ ।ଇଏ କାହିଁକି ମୁଁ ହେବି ମ!ଏହା ପରେ ବୋଉକୁ ଡାକ୍ତର ପାଖକୁ ନେବାକୁ ଆମେ ବାଧ ହୋଇଥିଲୁ । ନିଜେ ନିଜର ପୂର୍ବ ଇମୋଜି ବଦଳରେ ନୂତନ ସଂସ୍କରଣର ଇମୋଜିକୁ ତାକୁ ମାନିନେବାକୁ ହେବ । ଏହି ତ ଏ ସଂସାରର ନିୟମ କହି ସେଦିନ କଇଁ କଇଁ କାନ୍ଦିଲା ବେଳେ ଅନ୍ୟମାନେ ପ୍ରବୋଧନା ଦେଉଥିଲେ ବଡ଼ଭଉଣୀ ସୁନିତାଙ୍କୁ ।ବଡ଼ନାତୁଣୀ ବେବିନା କିନ୍ତୁ ଆଈ ଗୋଡ଼ରେ ଓ ହାତରେ ନେଲପଲିସ ଲଗେଇ ଚାଲିଥିଲା ବେଳେ ଝିଅ ସୁନିତା ତାଙ୍କ ବୋଉ ମୁହଁ ର ଖୁସି ଓ ଆନନ୍ଦ ର ଇମୋଜି କୁ ପଢିବାକୁ ଚେଷ୍ଟା କରୁଥିଲେ ।

ସୁନନ୍ଦା ମହାନ୍ତି
ସାକ୍ଷୀଗୋପାଳ, ପୁରୀ

# ଆମ୍ବଦଳା--ବିଷମକଟକକୁ ରେଳବାଇର ନା, କାକିରୀଗୁମା--ଲକ୍ଷ୍ମୀପୁରକୁ ହଁ

## ଦୁଇ ଏକ୍ସପ୍ରେସ ଟ୍ରେନ୍ ରହଣିକୁ ନେଇ ବଢ଼ିଲା କ୍ଷୋଭ

■ ବିଧାୟକଙ୍କ ଦାବି ଖାରଜ କଲା ପୂର୍ବତଟ ରେଳବାଇ
■ ଯାତ୍ରୀ ସଂଖ୍ୟା ଓ ଖର୍ଚ୍ଚ ଦର୍ଶାଇଲା ବିଭାଗ ।
■ ବୈମାତୃକ ମନୋଭାବ ନେଇ ଅଭିଯୋଗ କଲେ ଅଞ୍ଚଳବାସୀ

ମୁନିଗୁଡା,୫।୭(ଆନିସ): ଆମ୍ବଦଳା ଓ ବିଷମକଟକ ରେଳ ଷ୍ଟେସନରେ ପ୍ରସ୍ତାବିତ ପୁରୀ-କୋରାପୁଟ- -ପୁରୀ ଏକ୍ସପ୍ରେସ (୧୮୪୦୭/ ୧୮୪୦୮) ଏବଂ ଅମୃତ ଭାରତ ଏକ୍ସପ୍ରେସ (୧୯୦୨୧/ ୧୯୦୨୨) ଟ୍ରେନ୍‌ର ରହଣି ଦାବିକୁ ପୂର୍ବତଟ ରେଳବାଇ ଖାରଜ କରିବା ପରେ ସମଗ୍ର ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଦୀର୍ଘଦିନ ଧରି ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧିମାନେ ଏହି ଦାବି ଉଠାଇ ଆସୁଥିବା ବେଳେ ରେଳବାଇର ଏହି ନିଷ୍ପତ୍ତି ଅଞ୍ଚଳବାସୀଙ୍କ ଆଶାରେ ପାଣି ଢାଳି ଦେଇଛି।ବିଷମକଟକ ବିଧାୟକ ନୀଳମାଧବ ହିକକା ପୂର୍ବତଟ ରେଳବାଇର ମହାପ୍ରବନ୍ଧକଙ୍କୁ ଲେଖିଥିବା ପତ୍ରରେ ଅମ୍ବାଦଳା ଷ୍ଟେସନର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଉଲ୍ଲେଖ କରିଥିଲେ। ମୁନିଗୁଡ଼ା ଆଇଟିଡିଏ ଅଞ୍ଚଳ ଅନ୍ତର୍ଗତ ଏହି ଷ୍ଟେସନ ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାର ପ୍ରାୟ ୫୦ ହଜାରରୁ ଅଧିକ ଲୋକଙ୍କ ପାଇଁ ପ୍ରମୁଖ ରେଳ ଯାତାୟାତ କେନ୍ଦ୍ର। ବେଦାନ୍ତ ଲାଞ୍ଜିଗଡ଼ ପ୍ରକଳ୍ପର ବ୍ୟାପକ ରେଳ ପରିବହନ ମଧ୍ୟ ଅମ୍ବାଦଳା ଷ୍ଟେସନ ଉପରେ ନିର୍ଭରଶୀଳ। ତପସ୍ୱିନୀ ଇଣ୍ଟରସିଟି ଏକ୍ସପ୍ରେସରୁ ସ୍ଲିପର କୋଚ୍ ପ୍ରତ୍ୟାହାର ପରେ ଅମ୍ବାଦଳାରୁ ଶ୍ରୀଜଗନ୍ନାଥ ଧାମ ପୁରୀକୁ ସିଧାସଳଖ ରେଳ ସଂଯୋଗ ମଧ୍ୟ ବନ୍ଦ ହୋଇଯାଇଛି। ଏସବୁ ଦିଗକୁ ବିଚାର କରି ନୂତନ ପୁରୀ-କୋରାପୁଟ ଏକ୍ସପ୍ରେସ ଓ ଅମୃତ ଭାରତ ଏକ୍ସପ୍ରେସର ରହଣି ଦେବାକୁ ସେ ଅନୁରୋଧ କରିଥିଲେ।ଏହାର ଉତ୍ତରରେ ପୂର୍ବତଟ ରେଳବାଇର ଅତିରିକ୍ତ ମହାପ୍ରବନ୍ଧକ ପ୍ରେମ ନାରାୟଣ ଜଣାଇଛନ୍ତି ଯେ, ବର୍ତ୍ତମାନ ଅମ୍ବାଦଳା ଷ୍ଟେସନରେ ୯ ଯୋଡ଼ା ଏକ୍ସପ୍ରେସ ଓ ୨ ଯୋଡ଼ା ପାସେଞ୍ଜର ଟ୍ରେନ୍ ଏବଂ ବିଷମକଟକ ଷ୍ଟେସନରେ ୩ ଯୋଡ଼ା ଏକ୍ସପ୍ରେସ ଓ ୨ ଯୋଡ଼ା ପାସେଞ୍ଜର ଟ୍ରେନ୍ ରହୁଛି। ଆମ୍ବାଦଳାରେ ଦୈନିକ ହାରାହାରି ୩୯ ଜଣ ଯାତ୍ରୀଙ୍କଠାରୁ ପ୍ରାୟ ୩,୯୨୫ ଟଙ୍କା। ଏବଂ ବିଷମକଟକରେ ୨୮ ଜଣ ଯାତ୍ରୀଙ୍କଠାରୁ ପ୍ରାୟ ୧,୬୯୯ ଟଙ୍କା ରାଜସ୍ୱ ମିଳୁଥିବା ବେଳେ ୨୦ ବଗି ବିଶିଷ୍ଟ ଏକ ଏକ୍ସପ୍ରେସ ଟ୍ରେନ୍‌କୁ ମାତ୍ର ଦୁଇ ମିନିଟ୍ ରଖିବା ପାଇଁ ପ୍ରାୟ ୧୨,୮୨୦ ଟଙ୍କା ଖର୍ଚ୍ଚ ହୋଇଥାଏ। ଏଥିସହ ଟ୍ରେନ୍‌ର ସମୟ ସମନ୍ୱୟ ଓ ରେଳପଥର କ୍ଷମତାଗତ ସୀମାବଦ୍ଧତା ଯୋଗୁଁ ବର୍ତ୍ତମାନ ଏହି ଦୁଇ ଷ୍ଟେସନରେ ରହଣି ସମ୍ଭବ ନୁହେଁ ବୋଲି ବିଭାଗ ସ୍ପଷ୍ଟ କରିଛି।ତେବେ ରେଳବାଇର ଏହି ଯୁକ୍ତିକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ଅଞ୍ଚଳବାସୀ। ସେମାନଙ୍କ ଅଭିଯୋଗ ହେଉଛି, ଅମ୍ବାଦଳାଠାରୁ ଛୋଟ ଓ କମ୍ ଗୁରୁତ୍ୱପୂର୍ଣ୍ଣ କାକିରୀଗୁମା ଓ ଲକ୍ଷ୍ମୀପୁର ରେଳ ଷ୍ଟେସନରେ ନୂତନ ପୁରୀ-କୋରାପୁଟ ଏକ୍ସପ୍ରେସର ରହଣିକୁ ଅନୁମୋଦନ ମିଳିଥିବା ବେଳେ ଅମ୍ବାଦଳାକୁ ବଞ୍ଚିତ କରାଯିବା ରେଳ ବିଭାଗର ବୈମାତୃକ ମନୋଭାବକୁ ପଦାରେ ପକାଇଛି। ଶିଳ୍ପ ପ୍ରକଳ୍ପ ପାଇଁ ଅଞ୍ଚଳ ଦୀର୍ଘଦିନ ଧରି ବିଭିନ୍ନ କ୍ଷତି ସହିଥିଲେ ମଧ୍ୟ ତାହାର ପ୍ରତିଫଳ ସ୍ୱରୂପ ଆବଶ୍ୟକ ରେଳ ସୁବିଧା ମିଳୁନଥିବାରୁ ଜନଅସନ୍ତୋଷ ଆହୁରି ବଢ଼ିଛି।ସ୍ଥାନୀୟ ବୁଦ୍ଧିଜୀବୀ, ବ୍ୟବସାୟୀ, ଜନପ୍ରତିନିଧି ଓ ରେଳ ଯାତ୍ରୀମାନେ ରେଳବାଇକୁ ଏହି ନିଷ୍ପତ୍ତିର ପୁନଃ ସମୀକ୍ଷା କରି ଅମ୍ବାଦଳା ଓ ବିଷମକଟକ ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସ ଏବଂ ଅମୃତ ଭାରତ ଏକ୍ସପ୍ରେସର ରହଣି ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ସେମାନଙ୍କ ମତରେ, ଏହା କେବଳ ଗୋଟିଏ ଟ୍ରେନ୍ ରହଣିର ପ୍ରସଙ୍ଗ ନୁହେଁ, ବରଂ ସମଗ୍ର ଆଦିବାସୀ ଓ ପଛୁଆ ଅଞ୍ଚଳର ଯାତାୟାତ, ବିକାଶ ଏବଂ ସାମାଜିକ-ଆର୍ଥିକ ସ୍ୱାର୍ଥ ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ।

# ମାଲକାନଗିରି ଜିଲ୍ଲାରେ ୧୪୩୭ ପରୀକ୍ଷାର୍ଥୀ ଦେଲେ ଓଟିଇଟି



ମାଲକାନଗିରି, ୫।୭ (ଆନିସ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୬ ଆଜି ୪ଟି କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି।

ପେପର-୧ ପରୀକ୍ଷା ସକାଳ ୯ ଘଟିକା ରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୧ ଟା ୩୦ ମିନିଟ୍? ପର୍ଯ୍ୟନ୍ତ ଚାଲିବା ସହ ପେପର-୨ ପରୀକ୍ଷା ଅପରାହ୍ନ ୨ଟା ରୁ ୪:୩୦ ପର୍ଯ୍ୟନ୍ତ ଚାଲିଲା ବୋଲି ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ଅନୁସାରେ ପ୍ରଥମ ପେପର ୪୦୦ଜଣ ଓ ଦ୍ୱିତୀୟ ପେପର ୧୦୩୭ଜଣ , ଏ ପ୍ରକାର ମୋଟ ୧୪୩୭ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୬୫ଜଣ ଅନୁପସ୍ଥିତ ଥିଲେ ।

ବର୍ଷାରେ ବିଜୁଳି କାଟ ହେଲେ ଜେନ୍ରେଟ, ପିଇବା ପାଣି, ସୁରକ୍ଷା ପାଇଁ ପୋଲିସ ମୁତୟନ ଆଦି ଜିଲ୍ଲା ପ୍ରଶାସନ ତରଫରୁ କରାଯାଇଥିଲା ଯାହା ଯୋଗୁଁ ସୁରକ୍ଷିତ ପରିବେଶରେ ପରୀକ୍ଷା ଆୟୋଜନ ହୋଇଥିଲା। ପରୀକ୍ଷାରେ ଅନିୟମିତା ରୋକିବା ପାଇଁ ଆନ୍ତରିକ ଓ ବାହ୍ୟ ନିରୀକ୍ଷକ ସହ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ଉପରେ ସିସିଟିଭି ନଜରର ବ୍ୟବସ୍ଥା ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ହୋଇଥିବା ସହ ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ୍? ଆଦି ବର୍ଜିତ ହୋଇଥିଲା । ପରୀକ୍ଷା ସୁପରିଚାଳନା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ୍? ଜଣାଇଛନ୍ତି।

# ପୁଣି ଜଣେ ଦାଦନର ଅପମୃତ୍ୟୁ

ରାୟଗଡା,୫।୭(ଆନିସ): ଦାଦନ ଖଟିବାକୁ ଯାଇଥିବା ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିବା ଜଣାପଡିଛି ।

ଏକ ଅଭାବନୀୟ ଘଟଣାରେ କାଶିପୁର ଅଂଚଳର ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ କେରଳ ରାଜ୍ୟରେ ଦେଖିବାକୁ ମିଳିଛି । ମୃତକ ଜଣକ ହେଲେ ରାୟଗଡା ଜିଲ୍ଲା ଖଣି ଖାଦାନ ଭରା କାଶୀପୁର ବ୍ଲକର ଚନ୍ଦ୍ରଗିରି ପଞ୍ଚାୟତର ଚାନ୍ଦଗିରି ଗ୍ରାମର କୁଳଧର ଗୌଡ଼ । ସନ୍ଦେହଜନକ ଭାବେ ତାଙ୍କ ମୃତ୍ୟୁ ଦେହ ଗୋଟିଏ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। କୁଳଧର କେଉଁ ପରିସ୍ଥିତିରେ ଆତ୍ମହତ୍ୟା କରିଛନ୍ତି କିମ୍ବା ତାଙ୍କୁ ହତ୍ୟା କରି ଟାଙ୍ଗି ଦେଇଛନ୍ତି ସେ ନେଇ କୌଣସି ତଥ୍ୟ ମିଳିପାରିନାହିଁ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ପରିବାର ସୂଚନା ଦେଇ ପାରୁନାହାନ୍ତି । ଏନେଇ ପରିବାର ବର୍ଗ ଶବକୁ ଜନ୍ମ ମାଟିକୁ କାଶିପୁର ଆଣିବା ପାଇଁ ଶ୍ରମ ବିଭାଗକୁ ନିବେଦନ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଗତକାଲି ଗୁଣପୁର ବ୍ଲକ ସଗଡା ଗ୍ରାମ ପଞ୍ଚାୟତ ର ଆଲଙ୍ଗଗଡ଼ା ଗ୍ରାମର ପ୍ରଦୀପ ଶବରଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା । ଗତ ମେ ମାସରେ ଗୁଣପୁର ବ୍ଲକ ଅନ୍ତର୍ଗତ ସଗଡ଼ା ଗ୍ରାମର ଜଣେ ଯୁବତୀ ବିଲମା ଗମାଙ୍ଗ ମଧ୍ୟ ଆନ୍ଧ୍ର ପ୍ରଦେଶ ଗୋଦାବରୀ ଜିଲ୍ଲା ଭିମାବରମ ର ଏକ ଚିଙ୍ଗୁଡି କମ୍ପାନୀରେ କାର୍ଯ୍ୟ କରିବାକୁ ଯାଇଥିଲେ । କମ୍ପାନୀ ହଷ୍ଟେଲ ନିକଟରେ ସନ୍ଦେହଜନକ ଭାବେ ଏକ ଗଛରେ ବିଲମାଙ୍କୁ ଝୁଲନ୍ତା ମୃତ ଦେହ ମିଳିଥିଲା । ଜିଲ୍ଲାର ଯୁବକ ଯୁବତୀ ଦାଦନ ଖଟିବାକୁ ଯାଇ ଏଭଳି ଅପମୃତ୍ୟୁର ଶିକାର ହେଉଥିବାରୁ ଦାଦନ ଶ୍ରମିକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ୩୫ ଦିନରେ ୩ଟି ଏଭଳି ଅପମୃତ୍ୟୁ ଘଟଣା ଘଟିଛି ରାୟଗଡା ଜିଲ୍ଲାରୁ ପାଖାପାଖି ୫୦ ହଜାରରୁ ଉର୍ଦ୍ଧ୍ ଯୁବକ ଯୁବତୀ ଦାଦନ ଶ୍ରମିକ ଭାବେ ଦେଶର ବିଭିନ୍ନ ରାଜ୍ୟରେ ଖଟୁଛନ୍ତି । ରାୟଗଡା ଜିଲ୍ଲାର ଅଧିକାଂଶ ଯୁବକ ଯୁବତୀ ଦକ୍ଷିଣ ଭାରତରେ ଦାଦନ ଖଟୁଛନ୍ତି ରାୟଗଡା ଜିଲ୍ଲାର କାଶୀପୁର ଏବଂ କଲ୍ୟାଣସିଂହପୁର ବ୍ଲକରୁ ସର୍ବାଧିକ ଦାଦନ ଯାଇଥିବା ତଥ୍ୟ ଖୋଦ ସରକାର ସୂଚନା ଦେଇଛନ୍ତି । କାଶିପୁର ବ୍ଲକ ରେ ସର୍ବାଧିକ ଖଣି ଖାଦାନ ଓ ଶିଳ୍ପ ରହିଥିବା ବେଳେ ସେହି ଅଂଚଳରୁ ହିଁ ଦାଦନ ଖଟିବାକୁ ଅଧିକା ଯୁବକ ଯୁବତୀ ଯାଉଛନ୍ତି ।

# ଚୋରି ଘଟଣା ଗ୍ୟାଙ୍ଗର ପର୍ଦ୍ଦାଫାସ କଲା ପୋଲିସ୍

# ଚାରି ଅଭିଯୁକ୍ତ ଗିରଫ ସହ ସୁନା ଓ ଟଙ୍କା ଜବତ



ଗୋଲାମୁଣ୍ଡା, ୫।୭ (ଆନିସ): କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଧର୍ମଗଡ଼ ଏସଡିପିଓ ଆଇ ପିଏସ ଭର୍ସିତା ଆଡ଼େ ପୋ, ଗୋଲାମୁଣ୍ଡା ଥାନା ଅଧିକାରୀ ଯଶୋବନ୍ତ ସେଲମା, କେ ଗାଁ ଥାନା ଅଧିକାରୀ ସଙ୍ଗୀତା ବେକ, କୋକସରା ଥାନା ଅଧିକାରୀ ଶୁଭ୍ରାଂଶୁ ବାରିକ ଓ ଦଶ ପୁର ଫାଣ୍ଡି ଅଧିକାରୀ ଚନ୍ଦ୍ର ହାସ୍ୟ ସାହୁ ଙ୍କ ଆପ୍ରାଣ ଉଦ୍ୟମରେ ଧର୍ମଗଡ଼ ସବଡିଭିଜନ ଅଂଚଳରେ ଘଟି ଥିବା ଚୋରି ଘଟଣାର ଗ୍ୟାଙ୍ଗର ଚାରି ଜଣ ଅଭିଯୁକ୍ତ ମାନଙ୍କୁ ଗିରଫ କରି ପର୍ଦ୍ଦା ଫାସ କରିଛି ପୋଲିସ । ଅଭିଯୁକ୍ତ ମାନଙ୍କ ଠାରୁ ପ୍ରାୟ ୭୮ଗ୍ରାମ ସୁନା ଓ ୪ ଲକ୍ଷ ୪୨ହଜାର ନଗଦ ଟଙ୍କା ଜବତ କରି ଥିବାରୁ ଗୋଲାମୁଣ୍ଡା ଥାନା ଓ ଫାଣ୍ଡି ଅଧିକାରୀ ଚନ୍ଦ୍ର ହାସ୍ୟ ସାହୁଙ୍କ ସୂଚନା ମିଳିଛି । ଗୋଲାମୁଣ୍ଡା, କେ ଗାଁ ଓ କୋକସରା ଅଞ୍ଚଳରେ ଘଟି ଥିବା ଏକାଧିକ ଚୋରି ଘଟଣାର ଗ୍ୟାଙ୍ଗରେ ସଂପୃକ୍ତ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି, ତଦନ୍ତ ବେଳେ ଅଭିଯୁକ୍ତ ମାନେ ସୁନା ଅଳଙ୍କାର ଓ ନଗଦ ଟଙ୍କା ଓ ଅନ୍ୟାନ ମୂଲ୍ୟବାନ ଜିନିଷ ଚୋରି କରି ଥିବା ଓ ସୁନାକୁ ସ୍ଥାନିୟ ରିସିଭର ଙ୍କ ନିକଟରେ ବିକ୍ରି କରି ଥିବା ପୋଲିସ୍ ନିକଟରେ ପ୍ରକାଶ କରିଛନ୍ତି, ସୁଚନା ଅନୁସାରେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇଥିଲା ଏବଂ ଗୋଲାମୁଣ୍ଡା ଥାନା ୫୨,୬୧, ଓ ୭୬, କେ ଗାଁ ଥାନା ୧୦୧ନମ୍ବର ଏବଂ କୋକସରା ଥାନାର ୨୪୭,୧୨୫, ଓ ୨୯ ମାମଲା ସହ ସଂପୃକ୍ତ ସୂଚନା ଦେଇଛିପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ କେଦାର ନାଥ ଦାସ ( ୪୬) ପିତା ଉପେନ୍ଦ୍ର ଦାସ, ଗ୍ରାମ କୋପିଆ, ଥାନା ସିନାପାଲି, ଜିଲ୍ଲା ନୂଆପଡ଼ା, ରାଜେଶ ବାଗ (୨୪) ପିତା ଉଁଶୁ ବାଗ ଗ୍ରାମ କପିଆ (ବାଗ ବାହାଲ) ସିନାପାଲି ଥାନା, ଜିଲ୍ଲା ନୁଆପଡ଼ା, ଦୁର୍ଯ୍ୟଧନ ହରିଜନ (୫୨) ପିତା ଅଙ୍କ ହରିଜନ ଗ୍ରାମ ଦଧିଆ ଗୁଡା ଥାନା ଡାବୁଗାଁ ଜିଲ୍ଲା ନବଙ୍ଗରଙ୍ଗ ପୁର ଓ ରାମା ସଗରିଆ ଓରଫ ରାଜୁ, ପ୍ରମୁଖ ଅଟନ୍ତି,ଏହା ସହିତ ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଲିମସେର ଗ୍ରାମର ଝସକେତନ ମେହେର ପିତା ତ୍ରିନାଥ ମେହର କୁ ଚୋରି ସାମର୍ଗିର ରିସିଭର ଭାବେ ଚିହ୍ନଟ କରାଯାଇଛି । ଧର୍ମଗଡ଼ ଏସଡିପିଓ ଆଇ ପି ଏସ,ଭର୍ଶିତା ଆଡ଼େପୁର, ଗୋଲାମୁଣ୍ଡା ଥାନା ଅଧିକାରୀ ଯଶୋବନ୍ତ ସେଲମା, କୋକସରା ଥାନା ଅଧିକାରୀ ଶୁଭ୍ରାଂଶୁ ବାରିକ ଓ ଦଶ ପୁର ଫାଣ୍ଡି ଅଧିକାରୀ ଚନ୍ଦ୍ର ହାସ୍ୟ ସାହୁ ଙ୍କ ମିଳିତରେ ଅଭିଯୁକ୍ତ ମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ର ଧାରାରେ ମାମଲା ରୁଜୁ କରି ଗତ କାଲି ଶନିବାର ଦିନ ଧର୍ମଗଡ଼ ଏସଡ଼ିଜେଏମ୍ କୋର୍ଟକୁ ଚାଲାଣ କରା ଯାଇଛି ବୋଲି ଦଶ ପୁର ପୁଲିସ ଫାଣ୍ଡି ଅଧିକାରୀ ଚନ୍ଦ୍ର ହାସ୍ୟ ସାହୁ ପକ୍ଷରୁ ସୂଚନା ପ୍ରଦାନ କରିଥିଲେ, ଉକ୍ତ ଘଟଣାକୁ ନେଇ ଧର୍ମଗଡ ଏସଡିପିଓ, ଗୋଲାମୁଣ୍ଡା ଥାନା ଅଧିକାରୀ, କେ ଗାଁ ଥାନା ଅଧିକାରୀ ଓ ଦଶପୁର ପୋଲିସ ଫାଣ୍ଡି ଅଧିକାରୀଙ୍କ ବ୍ୟାପକ ଭାବେ ଜାରି ରଖୀ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରି ଥିବାରୁ ଅଞ୍ଚଳବାସୀ ଓ ବୁଦ୍ଧି ଯିବି ମହଲରେ ବେସ ପ୍ରଶଂସା କରାଯାଇ ଥିବା ଚର୍ଚ୍ଚା ଜୋର ଧରିଥିଲା ।

# ବନ ମହୋତ୍ସବ ସପ୍ତାହ ଅନୁଷ୍ଠିତ




ଜୟପୁର, ୫।୭ (ଆନିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଆନୁକୂଲ୍ୟରେ ଆଜି ପ୍ରୋଜେକ୍ଟ ହାଇସ୍କୁଲ, ବାରିଣିପୁଟ ଠାରେ ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଅଧକ୍ଷ ଶ୍ରୀ ପ୍ରଦୀପ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ବନ ମହୋତ୍ସବ ସପ୍ତାହ ଅବସରରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ତାପରେ ସ୍କୁଲ ପରିସରରେ ଛାତ୍ର ଛାତ୍ରୀ ମାନଙ୍କ ସହିତ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରାଯାଇଥିଲା ସେଥି ମଧ୍ୟରେ ପିଜୁଳି, ଓଉ, ପଣସ, କଦମ୍ବ, ଆମ୍ବ, ପଣସ, ଅଁଳା. ନିମ ଜାମୁକୋଳି, ଇତ୍ୟାଦି। ପୁଣି ସନ୍ଧ୍ୟା ୪ ଘଣ୍ଟିକାରେ ଜିଲ୍ଲା ନ୍ୟାୟାଳୟ ଜୟପୁର ପରିସରେ ବୃକ୍ଷ ରୋପଣ କରାଯାଇଥିଲା। ଏଥିରେ ଜିଲ୍ଲା ଦୌରା ଜଜ କୋରାପୁଟ ଶ୍ରୀ ପ୍ରଦୀପ କୁମାର ମହନ୍ତ, ପରିବାର ଅଦାଲତ ବିଚାରପତି ଶ୍ରୀ ନିଶିଥ୍ ନିଶାଙ୍କ, ଭିଜିଲାନ୍ସ ଜଜ୍ ଶ୍ରୀ ମାନସ କୁମାର ପଣ୍ଡା, ବରିଷ୍ଠ ଦେବାନି ବିଚାରପତି ଶ୍ରୀ ସ୍ୱୟଂ ପ୍ରକାଶ ଦାସ, ମହିଳା ଅଦାଲତ ବିଚାରପତି ଶ୍ରୀମତୀ ଅଳକନନ୍ଦା ମହାନ୍ତି, ସଚିବ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ଶ୍ରୀମତୀ ପ୍ରଦ୍ୟେମୟୀ ସୁଜାତା, ରେଜିଷ୍ଟ୍ରାର ସିଭିଲ୍ କୋର୍ଟ ଜୟପୁର, ଶ୍ରୀ ମତୀ ମଧୁସ୍ମିତା ଜେନା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକରି ଶ୍ରୀମତୀ ସୁମିତ୍ରା କୁମାରୀ ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରି ଶ୍ରୀ ହରମୋହନ ଦାସ, ଶୁଶ୍ରୀ ଦୀକ୍ଷ୍ୟା ରାଉତରାଏ, ଡେପୁଟି ଚିଫ ଲିଗାଲ ଡେଫେନ୍ସ କାଉସେଲ, ଶ୍ରୀ ହିରିଶ ଚନ୍ଦ୍ର ମୁଦୁଲି, ବିଭାଗୀୟ ବନ ଅଧିକାରୀ ଶ୍ରୀ ପ୍ରଶାନ୍ତ ପଟେଲ, ଏ.ସି.ଏଫ ଶ୍ରୀ ଅମିତ ନାୟକ ,ଡେପୁଟି ଫରେଷ୍ଟ ରେଞ୍ଜର ଶ୍ରୀ ଦେବେନ୍ଦ୍ର ମାଝୀ , ଉପଖଣ୍ଡ ବନ ଭିବାଗର ବନ ରକ୍ଷକ, ଏବଂ ପ୍ରୋଜେକ୍ଟ ହାଇସ୍କୁଲ, ବାରିଣିପୁଟ ର ପ୍ରଧାନ ଶିକ୍ଷକ, ଶ୍ରୀ ପର୍ଶୁରାମ ସେଠି, ଏବଂ ଜୟପୁର ବିଚାରାଳୟର କର୍ମଚାରୀ ବୃନ୍ଦ, ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମଚାରୀ ଏବଂ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ।

# ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମକୁ ନେଇ ସାମ୍ବାଦିକ ସମ୍ମିଳନୀ



ଜୟପୁର,୫।୭ (ଆନିସ): ୧୪୩ ନିର୍ବାଚନ ମଣ୍ଡଳି ରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ-୨୦୨୬। ଏହି ଅବସରରେ ଜୟପୁର ଉପ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସଭା ଗୃହ ଠାରେ ବାଲାଜୀ ପ୍ରସାଦ ବର୍ମା ସହକାରୀ ଜିଲ୍ଲାପାଳ ଙ୍କ ଅଧକ୍ଷା ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଛି। ଏହି ସଂଶୋଧନ ପ୍ରକ୍ରିୟାରେ ଭୋଟରମାନେ ନିଜ ନାମ ଯାଞ୍ଚ କରିବା ସହ ନୂତନ ନାମ ସଂଯୋଗ, ତ୍ରୁଟି ସଂଶୋଧନ, ଠିକଣା ପରିବର୍ତ୍ତନ ଏବଂ ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ପରିବର୍ତନ ପାଇଁ ଆବେଦନ କରିପାରିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଯୋଗ୍ୟ ମତଦାତାଙ୍କୁ ଚିଠା ଭୋଟର ତାଲିକା ଯାଞ୍ଚ କରି ଆବଶ୍ୟକ ସଂଶୋଧନ ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବେଦନ କରିବାକୁ ଅନୁରୋଧ କରାଯାଇଛି। ଜିଲ୍ଲାରେ ଯେପରି ପ୍ରକୃତ ଭୋଟର ବାଦ ନ ପଡନ୍ତି ସେଠି ପ୍ରତି ଦୃଷ୍ଟି ଦିଆ ଯିବ ବୋଲି ଜୟପୁର ସହକାରୀ ଜିଲ୍ଲାପାଳ ବର୍ମା କହିଥିଲେ।ଏହି କାର୍ଯ୍ୟକ୍ରମ ରେ ବାଲାଜୀ ପ୍ରସାଦ ବର୍ମା ସହକାରୀ ଜିଲ୍ଲାପାଳ,ଜୟପୁର,ସନିଆ ନାୟକ ସହକାରୀ ଜିଲ୍ଲାପାଳ ଜୟପୁର, ସସ୍ମିତା କୁମାରି ଜେନା,ଡେପୁଟି ଜିଲ୍ଲାପାଳ ଜୟପୁର,ମୋନଜ କୁମାର ବାରିକ,ବରିଷ୍ଠ କିରାଣୀ ଏବଂ ବିଭିନ୍ନ ଦଳ ର ନେତା ଓ ଜୟପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ ।

# ସ୍ୱତନ୍ତ୍ର ସଘନ ସଂଶୋଧନ ଚିଠା ଭୋଟର ତାଲିକା ପ୍ରକାଶିତ



ଗୁଣପୁର,୫।୭ (ଆନିସ): ଦିନ ନିର୍ବାଚକ ପଞ୍ଜିକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ଗୁଣପୁର ଦୁଧାଲ ଅଭିଷେକ ଦିଲ୍ଲୀପଙ୍କ ଅଧକ୍ଷତା ରେ ୧୩୮ ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ସ୍ୱତନ୍ତ୍ର ସଘନ ସଂଶୋଧନର ଚିଠା ଭୋଟର ତାଲିକା ପ୍ରକାଶିତ ହୋଇ ଯାଇଛି । ଏହି ପରିପ୍ରେକ୍ଷିରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା. ବୈଠକ ରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଯୋଗଦେଇ ସେମାନଙ୍କ ମତାମତ ଉପସ୍ଥାପନା କରିଥିଲେ. ମୋଟ ୩୩୮ବୁଥରେ ୨୦୬୮୬୭ଭୋଟର ରହିଥିବା ବେଳେ ସେଠି ମଧ୍ୟରୁ ୧୦୦୪୫୯ ପୁରୁଷ, ୧୦୬୩୫୬ ମହିଳା, ୫୨ତୃତୀୟ ଲିଙ୍ଗ ଭୋଟର ତାଲିକାଭୁକ୍ତ ହୋଇଛନ୍ତି ।

ନିର୍ବାଚକ ପଞ୍ଜୀକରଣ ନିୟମାବଳୀ, ୧୯୬୦ ଅନୁଯାୟୀ ଖସଡ଼ା ଭୋଟର ତାଲିକା ପ୍ରସ୍ତୁତ କରାଯାଇଛି। ଏହାର ଏକ ନକଲ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏବଂ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ମତଦାନ କେନ୍ଦ୍ରରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଉପଲବ୍ଧ ଅଟେ ।

ଏହି ଭୋଟର ତାଲିକା ପ୍ରସ୍ତୁତି ପାଇଁ ଯୋଗ୍ୟତା ତାରିଖ ୦୧.୦୭.୨୦୨୬ ଅଟେ। ଉକ୍ତ ଯୋଗ୍ୟତା ତାରିଖକୁ ଆଧାର କରି ଯଦି କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରିବା ପାଇଁ ଦାବି କିମ୍ବା କୌଣସି ନାମ ସାମିଲ କରିବା ବା ତାଲିକାରେ ଥିବା ବିବରଣୀ ସମ୍ବନ୍ଧରେ ଆପତ୍ତି ଥାଏ, ତେବେ ୦୫.୦୭.୨୦୨୬ ଠାରୁ ୦୪.୦୮.୨୦୨୬ ମଧ୍ୟରେ ଉପଯୁକ୍ତ ଭାବେ ଫର୍ମ-୬, ୭ କିମ୍ବା ୮ ରେ ଆବେଦନ/ଆପତ୍ତି ଦାଖଲ କରିପାରିବେ। ଯେଉଁ ଯୋଗ୍ୟ ନାଗରିକ ୨୦୨୬ ମସିହାର ପରବର୍ତ୍ତୀ ଯୋଗ୍ୟତା ତାରିଖ, ଅର୍ଥାତ୍ ୦୧ ଅକ୍ଟୋବର ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିବେ, ସେମାନେ ମଧ୍ୟ ଏହି ସୂଚନା ପ୍ରକାଶ ତାରିଖଠାରୁ ଅଗ୍ରୀମ ଭାବେ ଫର୍ମ-୬ ରେ ନିଜ ନାମ ଅନ୍ତର୍ଭୁକ୍ତି ପାଇଁ ଦାବି ଦାଖଲ କରିପାରିବେ। ସମ୍ବନ୍ଧିତ ଯୋଗ୍ୟତା ତାରିଖ ଅନୁଯାୟୀ ସେହି ଦାବି ବିଚାର କରାଯାଇ ନିଷ୍ପତ୍ତି ନିଆଯିବ। ସମସ୍ତ ଦାବି କିମ୍ବା ଆପତ୍ତି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସହାୟକ ନିର୍ବାଚକ ପଞ୍ଜିକରଣ ଅଧିକାରୀ, ବୁଥ ଲେଭୁଲ ଅଧିକାରୀଙ୍କ ଠାରେ ସିଧାସଳଖ ଦାଖଲ କରାଯାଇପାରିବ କିମ୍ବା ଉପ ଜିଲ୍ଲାପାଳ, ଗୁଣପୁରଙ୍କ ଠିକଣାକୁ ଡାକ ଯୋଗେ ପଠାଇପାରିବେ ବୋଲି ଉପ ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ ସୂଚନା ଦେଇଥିଲେ । ଆଜିର ଏହି ବୈଠକ ରେ ସହକାରୀ ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକ, ନିର୍ବାଚନ ସହାୟକ ସୁଶାନ୍ତ ଦାସ, ରାଜେଶ ବିଶୋଇ ଉପସ୍ଥିତ ଥିଲେ ।

# କୁନ୍ଦୁରା ବ୍ଲକର ଶତାଧିକ ମହିଳା ମଦ ବନ୍ଦ କରିବା ନେଇ ଜିଲ୍ଲପାଳଙ୍କ ଦ୍ୱାରସ୍ଥ

## ଉପଜିଲ୍ଲପାଳ ଏବଂ ଅବକାରୀ ଅଧିକ୍ଷକଙ୍କ ଦ୍ୱାରା ତଦନ୍ତ ସହ ସଚେତନତା ଆରମ୍ଭ



କୁନ୍ଦୁରା,୫।୭(ଆନିସ ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକର ଶତାଧିକ ମହିଳା କୋରାପୁଟ ଜିଲ୍ଲାପାଳ ଙ୍କ ନିକଟରେ ମଦ ବନ୍ଦ କରିବାକୁ ନେଇ ଅଭିଯୋଗ କରିଥିଲେ ଗତ ଏକ ମାସ ହେବ ମଦ ମୁକ୍ତ ଅଭିଯାନରେ କୁନ୍ଦୁରା ବ୍ଲକର ପ୍ରାୟ ୫ ଟି ପଞ୍ଚାୟତ ର ଶତାଧିକ ମହିଳା ବାରମ୍ବାର କୁନ୍ଦୁରା ଥାନା ରେ, କୁନ୍ଦୁରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁମଦ ବନ୍ଦ କରିବାକୁ ଅଭିଯୋଗ କରିଆସୁଥିଲେ ମରିଯିବୁ ପଛେ ମଦ ବିକ୍ରି କରିବାକୁ ଦେବୁନାହିଁ ବୋଲି ନାରାବାଜି କରି କୁନ୍ଦୁରା ରାଜରାସ୍ତା ରେ ରାଲି କରି ବୁଲିବା ମଧ୍ୟ ଦେଖିବାକୁ ମିଳିଛି ପ୍ରଥମେ କୁନ୍ଦୁରା ଥାନା, କୁନ୍ଦୁରା ବିଡ଼ିଓ, ଅବକାରୀ ବିଭାଗ, ଶେଷରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଙ୍କୁ ଭେଟି ମଦ ତିଆରି ଏବଂ ବିକ୍ରିକୁ ବିରୋଧ ନେଇ ଦରଖାସ୍ତ ପ୍ରଦାନ କରିଛନ୍ତି। ଏହାକୁ ନେଇ ଜିଲ୍ଲପାଳ କୋରାପୁଟ ଜୟପୁର ଉପ ଜିଲ୍ଲପାଳ ଯଦୁମଣି ନାୟକ ଏବଂ ଜିଲ୍ଲା ଅବକାରୀ ଅଧିକ୍ଷକ ଅରୁଣ ପାଢ଼ୀ ଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଶନିବାର ଉପ ଜିଲ୍ଲପାଳ ଏବଂ ଅବକାରୀ ଅଧିକ୍ଷକ ଫୁପୁଗାଁ ଏବଂ ଲିମା ଠାରେ ପହଞ୍ଚି ମହିଳା ସଂଗଠନ ଏବଂ ଗ୍ରାମବାସୀ ଙ୍କ ସହ ଆଲୋଚନା କରିଥିଲେ। ମହିଳା ସଂଗଠନ କହିବା ପ୍ରକାରେ ଲିମା ଠାରେ ଦେଶୀ ମଦ ପ୍ରସ୍ତୁତି କରି ଏଠାରେ ବିଭିନ୍ନ ଲୋକଙ୍କ ଦ୍ୱାରା ବିକ୍ରି ହେଉଛି। ସେହିଭଳି ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନ ଏବଂ ବିହାରୀ ଭାଟି ପକ୍ଷରୁ କିଛି ଲୋକଙ୍କ ନିକଟରେ ମଦ ଯୋଗାଇ ଦିଆଯାଉଛି।ଏସବୁ ସମସ୍ୟା କୁ ନେଇ ପ୍ରଶାସନ ଏବଂ ପୋଲିସ କୁ ନାକେଦମ ହେବାକୁ ପଡିଛି।

ଫୁପୁଗାଁ ଠାରେ ପ୍ରଶାସନ ଏବଂ ମହିଳା ସଂଗଠନ ମଧ୍ୟରେ ପ୍ରାୟ ଏକ ଘଣ୍ଟା ଧରି ଆଲୋଚନା ହେଲା।ମଦ ବିରୋଧୀ ଆନ୍ଦୋଳନ କୁ ନେଇ ଉପ ଜିଲ୍ଲପାଳ ଏବଂ ଅବକାରୀ ଅଧିକ୍ଷକ ସମସ୍ତ ପ୍ରକାରର ସହାୟତା ନେଇ ପ୍ରତିଶୃତି ଦେଇଛନ୍ତି।ଫୁପୁଗାଁ ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ଶୁଣ୍ଢୀଗୁଡା ଠାରେ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଇଛି। ଆଗାମୀ ଦିନରେ ଦେଶୀ ମଦ କାରବାରରେ ସଂଶ୍ଳିଷ୍ଟ ରହିଥିବା ଲୋକଙ୍କ ନିମନ୍ତେ କୋଠାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକ୍ଷକ ଅରୁଣ ପାଢ଼ୀ କହିଛନ୍ତି।ସେହିଭଳି କୁନ୍ଦୁରା ବିଡ଼ିଓ ପି ମନସ୍ମିତା ମଧ୍ୟ ମହିଳା ସଂଗଠନକୁ କହିଛନ୍ତି ଯେ ସେ ଯେକୌଣସି ବ୍ୟକ୍ତି ହୁଅନ୍ତୁ ଯଦି ଚୋରା ଦେଶୀ ମଦ କାରବାରରେ ସମ୍ପୃକ୍ତ ରୁହନ୍ତି ତେବେ ମୋତେ କୁହନ୍ତୁ। ପ୍ରଶାସନ, ପୋଲିସ, ଅବକାରୀ ବିଭାଗର ପ୍ରତିଶୃତି ପରେ ଶାନ୍ତ ପଡିଛି ମହିଳା ସଂଗଠନ। ସେହିଭଳି ଲିମା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ମଧ୍ୟ ଗ୍ରାମବାସୀ ଏବଂ ମହିଳାଙ୍କୁ ନେଇ ପ୍ରଶାସନ ପକ୍ଷରୁ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଅବକାରୀ ଅଧିକ୍ଷକ ଉପସ୍ଥିତ ଲୋକଙ୍କୁ ନିବେଦନ କରିଥିଲେ ଯେ ଏଠାରେ ଦେଶୀ ମଦ ତିଆରି କରି ବାହାରକୁ ନେଇ ବିକ୍ରି ହେଉଛି। ତାହା ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଅନ୍ୟ କାମ କରି ପରିବାର ପୋଷଣ କରିବାକୁ କହିଥିଲେ। ଏଠାରେ କିନ୍ତୁ ପ୍ରଶାସନକୁ କିଛି ଯୁବକ ଲାଇସେନ୍ସ ଧାରୀ ମଦ ଦୋକାନୀ ବିରୋଧରେ କହିଥିଲେ ସେମାନେ ଲାଇସେନ୍ସ ଧାରୀ ଭାବେ ଦୋକାନ ରେ ବିକ୍ରି କରିବା ନିୟମ ରହିଛି। ଉକ୍ତ ଲାଇସେନ୍ସ ଧାରୀ ମାନେ ବାହାର ଅଞ୍ଚଳକୁ ନେଇ ହୋଟେଲ, ଦୋକାନ ଏବଂ ଘର ଗୁଡିକରେ ବିକ୍ରି କରିବାକୁ ଦେଉଛନ୍ତି। ସେମାନଙ୍କ ବିରୋଧରେ ପୋଲିସ କିମ୍ବା ଅବକାରୀ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ଲାଇସେନ୍ସ ମଦ ଦୋକାନୀଙ୍କ ଠାରୁ ମଦ ନଆଣି ଦେଶୀ ମଦ ବିକ୍ରି କରୁଥିବା ଲୋକଙ୍କୁ ପୋଲିସ ଗିରଫ କରୁଛି ଯାହାକି ନ୍ୟାୟ ସଂଗତ ନୁହେଁ ବୋଲି ଗ୍ରାମବାସୀ କହିଛନ୍ତି। ପରସ୍ପର ମଧ୍ୟରେ ଅନେକ ସମୟ ଆଲୋଚନା ପରେ ମଦ ବନ୍ଦ କରିବାକୁ ପ୍ରତିଶୃତି ମିଳିଛି। ଅବକାରୀ ଅଧିକ୍ଷକଙ୍କ କହିବା ଅନୁସାରେ ଲିମା ଗ୍ରାମରେ ମଦ ତିଆରି ହୋଇ ବିଭିନ୍ନ ସ୍ଥାନକୁ

ବିକ୍ରି ନିମନ୍ତେ ଚାଲାଣ କରାଯାଉଥିବା ନେଇ ଜିଲ୍ଲପାଳ ଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଗତ କିଛି ଦିନ ଭିତରେ କୁନ୍ଦୁରା ଥାନା ପକ୍ଷରୁ ଏକାଧିକ ଥର ଦେଶୀ ମଦ ଭାଟି ଠାବ କରାଯାଇ ମଦ ଓ ପୋଚ ନଷ୍ଟ କରିବା ସହ ମଦ ରନ୍ଧା ସାମଗ୍ରୀ ଜବତ କରିଛି କିନ୍ତୁ ଅବକାରୀ ବିଭାଗ ଗୋଟେ ମଧ୍ୟ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ କୁନ୍ଦୁରା ବ୍ଲକରେ କରିଥିବା ଦେଖିବାକୁ ମିଳିନଥିବା ଅଭିଯୋଗ ହୋଇଛି ।

ଏସବୁ ବିଷୟ ଶୁଣିବା ପରେ ସଚେତନତା କରିବା ସହ ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ମଦମୁକ୍ତ ଅଞ୍ଚଳ କରିବା ସହ ଆଦର୍ଶ ଅଞ୍ଚଳ ତିଆରି କରିବା ଲକ୍ଷ ରଖାଯାଇଛି ବୋଲି ଉପ ଜିଲ୍ଲପାଳ କହିଛନ୍ତି। କିଛି ଯୁବକ ଶେଷରେ ଅବକାରୀ ଅଧିକ୍ଷକ ଙ୍କୁ କହିଛନ୍ତିଯେ ବିଦେଶୀ ନକଲିମଦ କୁନ୍ଦୁରା ଠାରେ ତିଆରି କରାଯାଉଛି। କିନ୍ତୁ ଅଧିକ୍ଷକ ଏହାକୁ ନସୁଣିଲା ଭଳି ଏଡାଇ ଦେଇ ଚାଲି ଯାଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରେ ଆୟୋଜିତ ଏହି ଆଲୋଚନା କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧକ୍ଷ ତରଣୀସେନ ବିଷୋୟୀ,ଶିଶୁ ବିକାଶ ଯୋଜନା ଅଧିକାରୀ ଶର୍ମିଷ୍ଠା ନାୟକ, ଅତିରିକ୍ତ ତହସିଲଦାର ଅଶୋକ କୁମାର ପାଲ, ବୈପାରୀଗୁଡା ଅବକାରୀ ଅଧିକାରୀ ଅଜୟ ନାୟକ,ବିଧାୟକ ପ୍ରତିନିଧି ବଦ୍ରି ଆଚାର୍ଯ୍ୟ,ଫୁପୁଗାଁ ସରପଞ୍ଚ ମୁକୁନ୍ଦ ସମରଥ, ସମିତି ସଭ୍ୟା ଚନ୍ଦ୍ରିକା କାନ୍ଦଲିଆ, ଲିମା ସରପଞ୍ଚ ଭାନୁମତି ମସିଆ ପ୍ରମୁଖ ଉପସ୍ଥିତ ଥିଲେ। ଯେତେବେଳ ପର୍ଯ୍ୟନ୍ତ ଅସାମାଜିକ କାର୍ଯ୍ୟକଳାପ ରେ ଲିପ୍ତ ଥିବା ବ୍ୟକ୍ତି ବିଶେଷ ଙ୍କୁ ସୁରକ୍ଷା ଦେବା କାର୍ଯ୍ୟ ସମାଜର ମୁଖିଆ ତଥା ନେତା କୁଜିନେତା କରୁଥିବେ ସେତେବେଳ ଯାଏଁ ଆମ ସମାଜ ଏମିତିକା ସମସ୍ୟାରେ ଘାଣ୍ଟି ହେଉଥିବ ବୋଲି କୁନ୍ଦୁରା ଅଞ୍ଚଳର କିଛି ବରିଷ୍ଠ ବୁଦ୍ଧିଜୀବୀ ଓ ସମାଜସେବୀ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ।

## ପୁରୀ ପୋଲିସର ତତ୍ପରତା

# ୧୦ ମତ୍ସ୍ୟଜୀବୀ ସୁରକ୍ଷିତ ଉଦ୍ଧାର

ପୁରୀ, ୫।୭ (ଆନିସ): ପୁରୀ ଏସ୍ପି ଶ୍ରୀ ପ୍ରତୀକ ସିଂଙ୍କ ନିକଟକୁ ସୂଚନା ଆସିଥିଲା ଯେ ଆନ୍ଧ୍ରପ୍ରଦେଶର କାକିନାଡା ଫିସିଙ୍ଗ ହାର୍ବରରୁ ମାଛ ଧରିବା ପାଇଁ ବାହାରିଥିବା ଏକ ମାଛଧରା ଡଙ୍ଗା ସମୁଦ୍ରରେ ଫସି ରହିଛି। ଡଙ୍ଗାଟିର ଇଞ୍ଜିନ ସମ୍ପୂର୍ଣ୍ଣ ଅଚଳ ହୋଇଯିବା ସହ ନଙ୍ଗର ମଧ୍ୟ କାର୍ଯ୍ୟକ୍ଷମ ନଥିବାରୁ ଏହା ପୁରୀର ତାଜ ହୋଟେଲ ଉପକୂଳ ନିକଟରେ, ସମୁଦ୍ରର ପ୍ରାୟ ୨ରୁ ୩ କିଲୋମିଟର ଦୂରରେ ପ୍ରତିକୂଳ ସମୁଦ୍ର ପରିସ୍ଥିତି ମଧ୍ୟରେ ଅଟକି ରହିଥିଲା। ଏହି ସୂଚନା ପାଇବା ପରେ ଏସ୍ପି ପୁରୀ ତୁରନ୍ତ ସମସ୍ତ ସମ୍ପୃକ୍ତ ଟିମ୍‌କୁ ସତର୍କ କରି ଉଦ୍ଧାର କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବଳିଆପଣ୍ଡା ଥାନା ଓ ପେଣ୍ଟକଟା ମେରାଇନ୍ ପୋଲିସ ଥାନାର ଅଧିକାରୀମାନେ ତୁରନ୍ତ ସମନ୍ୱୟ ରକ୍ଷା କରି ନିକଟସ୍ଥ ମାଛଧରା ଡଙ୍ଗା ସହ ଯୋଗାଯୋଗ ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ବିଶାଖାପଟ୍ଟଣମର ଏକ ନିକଟବର୍ତ୍ତୀ ମାଛଧରା ଡଙ୍ଗା ଘଟଣାସ୍ଥଳରେ ପହଞ୍ଚି ସମସ୍ତ ୧୦ ଜଣ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ଉଦ୍ଧାର ପାଇଥିବା ମତ୍ସ୍ୟଜୀବୀମାନେ ସୁରକ୍ଷିତ ଥିବା ସହ ସେମାନେ ନିଜ ଘରକୁ ଫେରିଛନ୍ତି। ଅଚଳ ଡଙ୍ଗାଟିକୁ ପରବର୍ତ୍ତୀ ସମୟରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ । ଉଦ୍ଧାର ପାଇଥିବା ମତ୍ସ୍ୟଜୀବୀମାନେ ବିଜୟନଗରମ ଜିଲ୍ଲାର ଚିନ୍ତାପଲ୍ଲୀ ଗ୍ରାମର ବାସିନ୍ଦା ହୋଇଥିବା ବେଳେ ପୁରୀ ପୋଲିସର ତ୍ୱରିତ ପଦକ୍ଷେପ, ସମନ୍ୱୟ ଓ ମାନବିକ ଉଦ୍ୟମ ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି।

## ଯୁକ୍ତଦୁଇ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ନେଇ ସଚେତନତା

ସୁବର୍ଣ୍ଣପୁର /ବିନିକା, ୫।୭ (ଆନିସ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ଇନ୍ଦିରା ଗାନ୍ଧୀ ମୁକ୍ତ ବିଦ୍ୟାଳୟ ଆନୁକୂଲ୍ୟରେ ଯୁକ୍ତଦୁଇ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ସଚେତନତା ଓ ବୃତ୍ତିଗତ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକଟି ସୋନପୁର



ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା ମହାବିଦ୍ୟାଳୟ ଅଧକ୍ଷ୍ୟ ଶ୍ରୀଯୁକ୍ତ ରାଧାକାନ୍ତ ନାଏକ ଙ୍କ ଅଧକ୍ଷ୍ୟତାରେ ଅନୁଷ୍ଠିତ ଏହି ବୈଠକରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଡ଼ଃ. ବିନୟ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ।ଅଧକ୍ଷ୍ୟ ଶ୍ରୀଯୁକ୍ତ ନାଏକ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ମୁଖ୍ୟ ଅତିଥି ଡ଼ଃ. ସାହୁ ଇନ୍ଦିରା ଗାନ୍ଧୀ ମୁକ୍ତ ବିଦ୍ୟାଳୟ ତରଫରୁ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କରାଯାଉଥିବା ଶିକ୍ଷା ଓ ସୁବିଧା ସୁଯୋଗ ବିଷୟରେ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରିଥିଲେ। ସୋନପୁର ମହାବିଦ୍ୟାଳୟ ଶୈକ୍ଷିକ କେନ୍ଦ୍ର ସଂଯୋଜକ ଡ଼ଃ. କମଳ ହରିପାଲ ମୁକ୍ତ ବିଶ୍ୱ ବିଦ୍ୟାଳୟ ମାଧ୍ୟମରେ ଛାତ୍ରଛାତ୍ରୀ ମାନେ କିଭଳି ଭାବରେ ସର୍ବଗୃହିତ ପ୍ରମାଣପତ୍ର ହାସଲ କରି ଖ୍ୟାତି ଅର୍ଜନ କରିପାରିବେ ସେ ସମ୍ପର୍କରେ ବିଷଦ ବର୍ଣ୍ଣନା କରିଥିଲେ। ଶେଷରେ ବାଣିଜ୍ୟ ବିଭାଗର ଅଧ୍ୟାପକ ଶ୍ରୀଯୁକ୍ତ ଦାମୋଦର ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼ଃ. ସୌଭାଗ୍ୟ ରଞ୍ଜନ ଖମାରୀ, ଶ୍ରୀଯୁକ୍ତ ଆଦିତ୍ୟ ପଧାନ ଓ ସୁଶ୍ରୀ ସଂଗୀତା ରାୟଗୁରୁ ଯୋଗଦାନ କରିଥିଲେ।

## ସମୁଦ୍ରରେ ଗାଧୋଇବା ବେଳେ ପର୍ଯ୍ୟଟକ ଆହତ

ପୁରୀ, ୫।୭ (ଆନିସ): ରବିବାର ସକାଳ ପ୍ରାୟ ୧୧:୩୦ ସମୟରେ ଚୈତନ୍ୟ ଛକ ସମୁଦ୍ରତଟ ନିକଟରେ ଜଣେ ପର୍ଯ୍ୟଟକ ସମୁଦ୍ରରେ ଗାଧୋଉଥିବା ସମୟରେ ଅନ୍ୟ ଜଣେ ବ୍ୟକ୍ତି ଅସାବଧାନତାବଶତଃ ତାଙ୍କ ଉପରେ ପଡ଼ିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ଏହି ଦୁର୍ଘଟଣାରେ ଆହତ ପର୍ଯ୍ୟଟକଙ୍କ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ୧୧୨ ଜରୁରୀ ସେବାରେ କଲ୍ ମିଳିବା ପରେ –୩ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ପ୍ରାଥମିକ ସହାୟତା ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଉନ୍ନତ ଚିକିତ୍ସା ପାଇଁ ପଠାଯାଇଥିଲା। ପୁରୀ ପୋଲିସ ସମସ୍ତ ପର୍ଯ୍ୟଟକଙ୍କୁ ସମୁଦ୍ରରେ ଗାଧୋଇବା ସମୟରେ ସତର୍କତା ଅବଲମ୍ବନ କରିବା ଏବଂ ଲାଇଫଗାର୍ଡ ଓ ପୋଲିସର ନିର୍ଦ୍ଦେଶାବଳୀ ପାଳନ କରିବାକୁ ଅନୁରୋଧ କରୁଛି।

## ରଣିପଥର ଜଙ୍ଗଲରେ ୩ହାତୀ, ଲୋକେ ଭୟଭୀତ

ଫୁଲବାଣୀ –୫/୦୭( ଆନିସ) : କଂଧମାଳ ଜିଲ୍ଲା ଫୁଲବାଣୀ ଜଙ୍ଗଲ ବିଭାଗ ଡ଼ିଭିଜନ ଅନ୍ତର୍ଗତ ରାଣୀ ପଥର ଜଙ୍ଗଲ ରେ ତିନିଟି ହାତୀ ବୁଲୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି ତେବେ ହାତୀ ପଲ ଏଯାଏଁ କାହାରି କ୍ଷତି କରିନଥିବା ଜଣା ପଡ଼ିଛି ତେବେ ବନ ବିଭାଗ ପକ୍ଷରୁ ହାତୀ ଙ୍କ ଗତିବିଧି ଉପରେ ସତର୍କ ଦୃଷ୍ଟି ରଖା ଯାଇଥିବା ରେଞ୍ଜର ମାନସ ସାହୁ କହିଛନ୍ତି ରେଞ୍ଜର ମାନସ ରଞ୍ଜନ ସାହୁ ଙ୍କ ନେତୃତ୍ୱ ରେ ବନ ବିଭାଗ କର୍ମଚାରୀ ଅନ୍ତରିକତା ର ସହ ହାତୀ ପଲ ଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ କରୁଥିବା ଦେଖାଯାଉଛି ଗ୍ରାମବାସୀ ଜଙ୍ଗଲ କୁ ନ ଯିବା, ହାତୀ ପଲ ଙ୍କୁ ଉତ୍ୟକ୍ତ ନ କରିବା ପାଇଁ ରେଞ୍ଜର ସାହୁ ପରାମର୍ଶ ଦେଇ ଛନ୍ତି ଖାଦ୍ୟ ଅନ୍ୱେଷଣ ରେ ହା ତୀ ପଲ ନିକଟବର୍ତୀ ଜିଲାରୁ ଚାଲି ଆସିଥିବା ଶୁଣିବାକୁ ମିଳୁଛି ।

## ସବୁଜ ଯୁଗର କାବ୍ୟ ଚେତନା - ସାହିତ୍ୟର ଆଲୋଚନାଚକ୍ର

ଖୋର୍ଦ୍ଧା, ୫।୭ (ଆନିସ): ରବିବାର ଦିନ ଆମରି ସତ୍ୟ ବିକାଶ ପରିଷଦ ,ଜଟଣୀ ତରଫରୁ ଏକ ଆଲୋଚନା ଚକ୍ର ଶ୍ରୀଯୁକ୍ତ ଜବାହର ଲାଲ ସୁବୁଦ୍ଧିଙ୍କ ସଭାପତିତ୍ୱରେ ବଡତୋଟାଠାରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚ୍ୟ ବିଷୟବସ୍ତୁ ସବୁଜ ଯୁଗର କାବ୍ୟ ଚେତନା। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବେଗୁନିଆଁ ମହାବିଦ୍ୟାଳୟ ଅଧ୍ୟାପକ ଡ: ସୋମନାଥ ବିଷୋୟୀ କହିଲେ ସବୁଜ ଯୁଗର କବିତା ନୂତନ ସାହିତ୍ୟର ସୃଷ୍ଟି, ନୂତନ ଚେତନା ଜାଗ୍ରତ କରିବା ଓ ନବୀନ ତରୁଣ ମାନଙ୍କୁ ଉଜ୍ଜୀବିତ କରିବାରେ ଅଗ୍ରଣୀ ଥିଲା। ମୂଖ୍ୟ ଅତିଥି ଭାବେ ଯୋଗଦାନ କରି ଡ: ଶଶାଙ୍କ ଶେଖର ରଥ କବିର ଚେତନା ଏକ ଯୁଗର ଚେତନା। ସବୁଜ ସାହିତ୍ୟ ସମାଜକୁ ଓ ଯୁବକମାନଙ୍କୁ ଉନ୍ନତ ମାର୍ଗ ଦର୍ଶକ ବୋଲି କହିଥିଲେ । ସମ୍ମାନୀତ ଅତିଥି ଆମରି ସତ୍ୟ ପ୍ରତିଷ୍ଠାତା ଡ: ପ୍ରମୋଦ ଚନ୍ଦ୍ର ଦାଶ ଓଡିଆ କାବ୍ୟ ସାହିତ୍ୟ ଆଲୋଚନା କରିବାଦ୍ୱାରା ମାତୃଭାଷା ଓ ସାହିତ୍ୟର ଅଭିବୃଦ୍ଧି ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଆଦି ନାରାୟଣ ଖଣ୍ଟୁଆଳ,ରାମ ଶଙ୍କର, ସାରଙ୍ଗଧର ବଳିଆରସିଂହ, ସୁଦର୍ଶନ ମହାପାତ୍ର, ଶକ୍ତିଧର ମହାପାତ୍ର, ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ ସଭାରେ ଆୟୋଜକ ଶ୍ରୀ ପ୍ରତାପ କୁମାର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଷ୍ଣୁ ଚରଣ ସ୍ୱାଇଁ, ଅର୍ଜୁନ ବାରିକ, ପ୍ରତାପ କୁମାର ବାରିକ ଓ ବିଜୟାନନ୍ଦ ପଟ୍ଟନାୟିକ ଆୟୋଜନ ଓ ପରିଚାଳନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଡ: ସୁକାନ୍ତି ମହାପାତ୍ର ଙ୍କ ସଭାପତିତ୍ୱ ଓ ବ୍ରଜବନ୍ଧୁ ନାୟକ, ପଦ୍ମଲୋଚନ ସାହୁଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଭାସ ମଙ୍ଗରାଜ, ରବୀନ୍ଦ୍ର ଖଣ୍ଟୁଆଳ, ଦେବନାଥ ଦାଶ, ଜଗନ୍ନାଥ ନାୟକ , ସାରଙ୍ଗ ଧର ବେହେରା ,ଧାରିତ୍ରି ମାହାକୁଡ , ଅଙ୍କିତା ଶର୍ମା ପ୍ରଭୃତି କବି, କବୟିତ୍ରୀ ମାନେ ସ୍ବରଚିତ କବିତା ପାଠ କରିଥିଲେ। ଶ୍ରୀ ପ୍ରତାପ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ରଥଯାତ୍ରା ପାଇଁ ସମନ୍ୱିତ ସୁରକ୍ଷା ପ୍ରସ୍ତୁତି ନେଇ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ

ପୁରୀ, ୫।୭ (ଆନିସ): ପବିତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ୨୦୨୬ର ସୁରକ୍ଷିତ, ଶୃଙ୍ଖଳିତ ଓ ସୁଚାରୁ ପରିଚାଳନାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆଜି ପୁରୀ ପୁଲିସ ପକ୍ଷରୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ), ପୁରୀଠାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ପୁରୀ ଏସ୍ପି ପୁରୀ ଶ୍ରୀ ପ୍ରତୀକ ସିଂ ଅଧ୍ୟକ୍ଷତା କରି ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ଓ ସଜାଗତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ପୁରୀ ପୁଲିସର ବରିଷ୍ଠ ଅଧିକାରୀମାନଙ୍କ ସହ ଜିଲ୍ଲା ପ୍ରଶାସନ, ଅଗ୍ନିଶମ ସେବା, ସ୍ପେଶାଲ୍ ଅପରେସନ୍ ଗ୍ରୁପ୍ , ରେଳବାଇ, ସ୍ୱାସ୍ଥ୍ୟ ବିଭାଗ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ରଥଯାତ୍ରା ସମୟରେ ବିଭିନ୍ନ ବିଭାଗ ମଧ୍ୟରେ ତ୍ୱରିତ ସମନ୍ୱୟ, ସୂଚନା ଆଦାନ ପ୍ରଦାନ



ଓ ଜରୁରୀକାଳୀନ ପରିସ୍ଥିତିରେ ଶୀଘ୍ର ପ୍ରତିକ୍ରିୟା ସୁନିଶ୍ଚିତ କରିବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଭିଡ଼ ପରିଚାଳନା, ଟ୍ରାଫିକ୍ ବ୍ୟବସ୍ଥାପନ, ଜରୁରୀକାଳୀନ ଉଦ୍ଧାର ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ରେଳ ଷ୍ଟେସନ ଓ ବସ୍ ଟର୍ମିନାଲରେ ସୁରକ୍ଷା, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଅତିରିକ୍ତ ନଜରଦାରି, ଆଧୁନିକ ପ୍ରଯୁକ୍ତିର ବ୍ୟବହାର, ସିସିଟିଭି ନିରୀକ୍ଷଣ, ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ଓ ବିଭିନ୍ନ ଆକସ୍ମିକ ପରିସ୍ଥିତିକୁ ସଫଳତାର ସହ ମୁକାବିଲା ପାଇଁ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହାସହ ବିଭିନ୍ନ ସୁରକ୍ଷା ଏଜେନ୍ସି ଓ ବିଭାଗ ମଧ୍ୟରେ ଏକ ସମନ୍ୱିତ କାର୍ଯ୍ୟପଦ୍ଧତି ଅନୁସରଣ କରି ଯେକୌଣସି ଆକସ୍ମିକ କିମ୍ବା ଜରୁରୀ ପରିସ୍ଥିତିରେ ଶୀଘ୍ର, ସଠିକ୍ ଓ ପ୍ରଭାବଶାଳୀ ପ୍ରତିକ୍ରିୟା ପାଇଁ ସମସ୍ତଙ୍କୁ ସଜାଗ ଓ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଥିଲା। ସମସ୍ତ ବିଭାଗ ନିଜ ନିଜ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିବା ସହ ପରସ୍ପର ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ପାଇଁ ମତାମତ ରଖିଥିଲେ।

ଏହି ଅବସରରେ ପୁରୀ ଏସ୍ପି ଶ୍ରୀ ପ୍ରତୀକ ସିଂ କହିଥିଲେ ଯେ, ରଥଯାତ୍ରା ବିଶ୍ୱପ୍ରସିଦ୍ଧ ଧାର୍ମିକ ମହୋତ୍ସବ ହୋଇଥିବାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ପୁରୀକୁ ଆସିଥାନ୍ତି। ସେମାନଙ୍କର ସୁରକ୍ଷା, ସୁବିଧା ଓ ନିର୍ବିଘ୍ନ ଦର୍ଶନ ପୁଲିସର ସର୍ବୋଚ୍ଚ ପ୍ରାଥମିକତା। ଏଥିପାଇଁ ସମସ୍ତ ବିଭାଗ ମଧ୍ୟରେ ନିରନ୍ତର ସମନ୍ୱୟ, ପୂର୍ବ ପ୍ରସ୍ତୁତି ଓ ସତର୍କତା ଅତ୍ୟନ୍ତ ଆବଶ୍ୟକ। ପୁରୀ ପୁଲିସ ରଥଯାତ୍ରା ୨୦୨୬କୁ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛି ଏବଂ ଆଗାମୀ ଦିନରେ ମଧ୍ୟ ଏଭଳି ସମୀକ୍ଷା ବୈଠକ ଓ ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମ ଜାରି ରହିବ।

## ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି ଘଟଣା

# ତେଲକୋଇରେ ପିସିସି ସଭାପତି

କେନ୍ଦୁଝର ୫ । ୭ (ଆନିସ): ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି ସମ୍ବେଦନଶୀଳ ଘଟଣା ରେ କେନ୍ଦୁଝର ଜିଲ୍ଲା ର ୧୩ ଜଣଙ୍କ ର ମୃତ୍ୟୁ ଘଟିଥିଲା। ଏବଂ ଏନେଇ ଜିଲ୍ଲା ର ତିନୋଟି ବ୍ଲକ ତେଲକୋଇ,ବାଶଂପାଳ, ହରିଚନ୍ଦନପୁର ବ୍ଲକ ଅଞ୍ଚଳ ର ବିଭିନ୍ନ ଗାଁ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସରକାର ଗ୍ୟାସ୍ ଦୁର୍ଘଟଣା ରେ ମୃତ୍ୟୁ ବରଣ କରି ଥିବା ପ୍ରତ୍ୟକ ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କୁ ୧୦ ଲକ୍ଷ ଅର୍ଥ ରାଶି ପ୍ରଦାନ ପାଇଁ ପ୍ରତିଶୃତି ଦେଇଛନ୍ତି। ଆଜି ତେଲକୋଇ ବ୍ଲକ ବିମଳା ପଞ୍ଚାୟତ କୁଡବିଲ ଗାଁ ଦୁବନାଳି ସାହି ଠାରେ ଗ୍ୟାସ ଟ୍ରାଜେଡି ରେ ମୃତ୍ୟୁ ଘଟିଥିବା ସମସ୍ତ ପରିବାର ସେଠାରେ ଯୋଗ ଦେଇଥିଲେ। ଏଇ ପରିପ୍ରେକ୍ଷୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିଡିତ ପରିବାର ଙ୍କୁ ଭେଟି ସହାୟତା ରାଶି ପ୍ରଦାନ କରିବା ସହ ସେମାନଙ୍କ ସହିତ ଆଲୋଚନା କରିଥିଲେ। କିଭଳି ଆଉ କେଉଁ ପରିସ୍ଥିତିରେ ଜୁଆଙ୍ଗ ଯୁବତୀ ମାନେ ଦାଦନ ପାଇଁ ଯାଇଥିଲେ ସେକଥା ପଚାରି ବୁଝିଥିଲେ। ସମସ୍ତ ମୃତକ ପ୍ରାୟ ନାବାଳିକା ହୋଇଥିବା ବେଳେ କିଭଳି ରାଜ୍ୟ ବାହାରକୁ ଚାଲାଣ ହେଲେ ସରକାରଙ୍କ ବିଧି ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେହିପରି ଖଣି ଖାଦାନ ଭରା କେନ୍ଦୁଝର ଜିଲ୍ଲାରେ ଦାଦନ



ଶ୍ରମିକ ଚାଲାଣ ହେବା ଓ ଶବ ହୋଇ ଫେରିବା ସରକାରଙ୍କ ଦାଦନମୁକ୍ତ ନାରା ପ୍ରହସନ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ ଆଣିଛନ୍ତି। ଏଥିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ସଭାପତି, ନିରଞ୍ଜନ ପଟନାୟକ, ଜୟଦେବ ଜେନା, ବିରୋଧୀ ଦଳ ନେତା ରାମଚନ୍ଦ୍ର କାଡାମ, ଆଦିବାସୀ ନେତା ଯଶୋବନ୍ତ ଲାଗୁରୀ, ଜିଲ୍ଲା ସଭାପତି ମନୋଜ ଜେନା, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ,ନିର୍ମଳ ନାୟକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧିର, ଛାତ୍ର କଂଗ୍ରେସ ସଭାପତି ଶୁଭମ୍ ରାଜ, ଯୁବ କଂଗ୍ରେସ ନେତା ସୋମ୍ୟ ରଞ୍ଜନ ରାଉତ, ସନତ ପାଢ଼ୀ, ଦୀପକ ମୁଖୀ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ୧୩ ଜଣ ମୃତକ ପରିବାର କୁ ୧୦ ହଜାର ଟଙ୍କା ଲେଖାଏଁ ଜିଲ୍ଲା ସଭାପତି ମନୋଜ ଜେନା ପ୍ରଦାନ କରିଥିଲେ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ଆଦିବାସୀ ମାନଙ୍କ ପାଇଁ ଯୋଜନା ଗୁଡିକ ଲାଗୁ କରିବା ପାଇଁ ଆଗାମି ଅକ୍ଟୋବର ମାସରୁ ପଦଯାତ୍ରା ସହିତ କେନ୍ଦୁଝର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ଓ ସମସ୍ତ ଲୋକଙ୍କୁ ଏ ସମ୍ପର୍କରେ ଜଣାଇବା ପାଇଁ ପ୍ରୟାସ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି।ସମସ୍ତ ମୃତକ ପରିବାର ପକ୍ଷରୁ କଂଗ୍ରେସ କମିଟି କୁ ଧନ୍ୟବାଦ ଜଣାଇଥିଲେ।

# କେନ୍ଦୁଝର ଡେଭେଲପମେଣ୍ଟ ଟ୍ରଷ୍ଟର ବନ ମହୋତ୍ସବ ଅଭିଯାନ

କେନ୍ଦୁଝର, ୫।୭ (ଆନିସ): ଗତ ଶନିବାର ଦିନ କେନ୍ଦୁଝର ଡେଭେଲପମେଣ୍ଟ ଟ୍ରଷ୍ଟ ଏବଂ ଓଡିଶା ସରକାର ଙ୍କ ଜଳବାୟୁ ପରିବର୍ତ୍ତନ ଓ ବନବିଭାଗ ର ମିଳିତ ସହଯୋଗ ରେ କେନ୍ଦୁଝର ବନ ଖଣ୍ଡ ଅଧିକାରୀ ଶ୍ରୀ ଧନରାଜ ଏଚ. ଡି. ଙ୍କ ମାର୍ଗଦର୍ଶନ ରେ କେନ୍ଦୁଝର ସଦର ରେଞ୍ଜ ରେ ଅରମ୍ଭ ହୋଇଛି କେ. ଡି. ଟ୍ରଷ୍ଟ ର ସମ୍ପାଦକ ପରିବେଶ ବିତ ତଥା ବୃକ୍ଷ ପ୍ରେମୀ ଶ୍ରୀ ଭକ୍ତ ବତ୍ସଳ ମହାନ୍ତି ଙ୍କ ସଂଯୋଜନା ରେ ଆରମ୍ଭ ହୋଇଥିବା ବନ ମହୋତ୍ସବ ଅଭିଯାନ ରେ ସାମିଲ ହୋଇଛନ୍ତି ଗାୟତ୍ରୀ ପରିବାର ଓ ସମ ଧର୍ମୀ ଅନୁଷ୍ଠାନ ସମୂହ କେନ୍ଦୁଝର ବନାଞ୍ଚଳ ଅଧିକାରୀ ଶ୍ରୀ ଅଜିତ କୁମାର ଦାସ ସଦର ରେଞ୍ଜ ଅଧିନସ୍ଥ ରଘୁନାଥ ପୁର,ଡିମ୍ବୋ, ମଇଦାନ କେଲ ଓ ନେଲୁଙ୍ଗ ପଞ୍ଚାୟତ ର ବିଭିନ୍ନ ହାତୀ–ମଣିଷ ଲଢେଇ ପ୍ରପୀଡ଼ିତ ଗ୍ରାମ ମାନଙ୍କ ରେ ଦଶ ହଜାର ବୃକ୍ଷ ରୋପଣ



କରିବାକୁ କେ.ଡ଼ି ଟ୍ରଷ୍ଟ ସହିତ ରଣନୀତି ପ୍ରସ୍ତୁତ କରିଛନ୍ତି ଜ୍ଞାନ ଗଙ୍ଗା ଅଭିଯାନ ଓ ଗାୟତ୍ରୀ ପରିବାରର ପରିବେଶ ବିତ ଶ୍ରୀ ରମେଶ ମିଶ୍ର ଆମ୍ବ, ପଣସ, ସାପେଇଟା, ଜାମୁ, ଜାମୁରୁଳ, ଅଁଳା, ବାହାଡା, ପେସ୍ତା ବାଦାମ, ଯେଉଟ, ଲେମ୍ବୁ, କମଳା, ଡାଳିମ୍ବ ପରି ଫଳ ଚାରା ସହିତ ଶାଳ, ପିଆଶାଳ, ଶାଗୁଆନ, ଡ଼ିମିରି, କୃଷ୍ଣ ଚୁଡା, ରାଧାଚୂଡ଼ା, ଲିମ୍ବ, ମହାଲିମ୍ବ, ଗମ୍ଭାରୀ, ଓସ୍ତ ଓ ବାଉଁଶ ଭଳି ଜାଳିଣି ପନ୍ଦର ହଜାର ଚାରା ତାଙ୍କ ନର୍ସରୀ ରୁ ମାଗଣାରେ ଯୋଗାଇ ଦେବାକୁ ନିର୍ଭର ପ୍ରତିଶୃତି ପ୍ରଦାନ କରିଛନ୍ତି ଓ ଆଜିର ଦିନରେ ୧୦୦୦ ଫଳନ୍ତି ଚାରା ମାଗଣାରେ ଯୋଗାଇଛନ୍ତି କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ର କାର୍ଯ୍ୟକ୍ରମ ପରାମର୍ଶ ଦାତା ଡ଼କ୍ଟର ବିଦ୍ୟାଧର ବେହେରା ଙ୍କ ନେତୃତ୍ୱରେ ଅଭିଯାନ କୁ କ୍ରିୟାଶୀଳ କରିବା ପାଇଁ ଏକ ଟାକ୍ସ ଫୋର୍ସ ଗଠନ କରାଯାଇଛି ଟ୍ରଷ୍ଟି ମୁର୍ଗାବତୀ ବେହେରା,ବେଣୁଧର ମହାନ୍ତ,ଶ୍ରୀ କୈଳାସ ନାଏଙ୍କ, ରଂଜିତା ମହାନ୍ତ, ଡାକ୍ତର ସଂଜୀବ କୁମାର ହୋତ ଏବଂ କ୍ଷେତ୍ରୀୟ କର୍ମୀ ଭାଗିରଥି ମହାନ୍ତି, କଳ୍ପନା ନାଏକ, ହୈମ ବତୀ ମହାନ୍ତ ଟାକ୍ସ ଫର୍ସ ର ସଦସ୍ୟ ସଦସ୍ୟା ଅଛନ୍ତି ଅଭିଯାନ କୁ ସଫଳ କରିବା ପାଇଁ ସମଧର୍ମୀ ଅନୁଷ୍ଠାନ ସ୍ୱସ୍ତି ଫାଉଣ୍ଡେସନ, ଅନ୍ତରିକ୍ଷ ଫାଉଣ୍ଡେସନ, ପ୍ରଗତି ଫାଉଣ୍ଡେସନ, ବନ ସୁରକ୍ଷା ସମିତି ଓ ପଞ୍ଚାୟତ ସ୍ତରୀୟ ମିଶନ ଶକ୍ତିର ଫେଡେରେସନ ମଙ୍ଗୁଆଳ ସାଜିଛନ୍ତି ବୋଲି ସମ୍ପାଦକ ଶ୍ରୀ ମହାନ୍ତି ଜଣାଇଛନ୍ତି ।

# ପଟ୍ଟାମୁଣ୍ଡାଇ ମଡେଲ ପୋଲିସ ଷ୍ଟେସନ ତରଫରୁ ନିଶା ମୁକ୍ତ ଓଡିଶା ଅଭିଯାନ

ପଟ୍ଟାମୁଣ୍ଡାଇ, ୫।୭ (ଆନିସ): ପଟ୍ଟାମୁଣ୍ଡାଇ ମଡେଲ ପୋଲିସ ଷ୍ଟେସନ ତରଫରୁ ନିଶା ମୁକ୍ତ ଓଡିଶା ଅଭିଯାନ କାର୍ଯ୍ୟକ୍ରମ ରେ ମଡେଲ ପୋଲିସ ଷ୍ଟେସନ ର ଲୋକପ୍ରିୟ ଆଇଆଇସି ଶ୍ରୀମତୀ ବନ୍ଦନା ପାତ୍ର ନିଶା ମୁକ୍ତ ଓଡିଶା ଅଭିଯାନ ଉପରେ ତାଙ୍କ ବକ୍ତବ୍ୟ ରଖି କହିଲେ ଯଦି ସମାଜ ନିଶାମୁକ୍ତ ହେବ ତାହା ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ।ବର୍ତ୍ତମାନ ନିଶା ଯୁବ ସମାଜ କୁ ନଷ୍ଟ କରୁଛି।ଯଦି ଆମେମାନେ ଏକାଠି ହୋଇ ନିଶା ବିରୁଦ୍ଧରେ ନ ଲଢ଼ିବା ଆଗାମୀ ଦିନ ରେ ଯୁବ ସମାଜ ନିଶା ଗ୍ରସ୍ତ ହୋଇ ନଷ୍ଟ ଆଡ଼କୁ ଗତି କରିବ।ପଟ୍ଟାମୁଣ୍ଡାଇ ର ଲୋକ ପ୍ରିୟ ଆଇଆଇସି ଶ୍ରୀମତୀ ପାତ୍ର ସମସ୍ତ ଉପସ୍ଥିତ ଥିବା ଜନସାଧାରଣ ଓ ସାମ୍ବାଦିକ ମାନଙ୍କୁ ବହୁ ଉପଦେଶ ଦେଇ ନିଶା ଉପରେ ସଚେତନ ବାର୍ତ୍ତା ଦେଇ ଥିଲେ। ଏହି ଅଭିଯାନ ସଭା ରେ ଉପସ୍ଥିତ ଥିଲେ ଥାନା ର ଦୁଇ ଏସ ଆଇ ସୁମନ୍ତ ସେଠୀ ,କୈଳାଶ ଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥାଇ ନିଶାମୁକ୍ତ ଉପରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଏହି ସମୟରେ ବହୁ ସାମ୍ବାଦିକ ଓ ଜନସାଧାରଣ ଉପସ୍ଥିତି ରହି ନିଶାରୁ ନିବୃତ୍ତ ରହିବାପାଇଁ ସପଥପାଠ କରିଥିଲେ।

## ଓଡ଼ଗାଁ ବନାଞ୍ଚଳ କାର୍ଯ୍ୟାଳୟ ଠାରେ ଚାରା ବିତରଣ କେନ୍ଦ୍ର ଉଦଘାଟିତ

ଓଡ଼ଗାଁ ୦୫/୦୭ (ଆନିସ):ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ କାର୍ଯ୍ୟାଳୟ ସାମ୍ନାରେ ଓଡ଼ଗାଁ ସେକ୍ସନ ତରଫରୁ ଏକ ଚାରା ବିତରଣ କେନ୍ଦ୍ର



ରବିବାର ଅପରାହ୍ନରେ ଉଦଘାଟିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲିକ ବିତରଣ କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ପରେ ଅଁଳା, ଗଙ୍ଗଶିଉଳି, ପିଜୁଳି, ଡାଳିମ୍ବ, ସଜନା ଭଳି ନାନା ରକମର ଚାରା ଉପସ୍ଥିତ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଲୋକଙ୍କୁ ବଣ୍ଟନ କରାଯାଇଥିଲା। ଅଧିକ ପରିମାଣର ଚାରା ଆବଶ୍ୟକ ପଡ଼ିଲେ ଯେକେହି ଲୋକ ନାଉଖାଲଠାରେ ଥିବା ଚାରା ଉତ୍ପାଦନ କେନ୍ଦ୍ରକୁ ଯାଇ ପ୍ରତି ଚାରା ପିଛା ୧ ଟଙ୍କା ବିନିମୟରେ ଆବଶ୍ୟକ ସଂଖ୍ୟକ ଚାରା ଆଣିପାରିବେ ବୋଲି ବନପାଳ ସରିତା ବରାଳ ସୂଚନା ଦେଇଥିଲେ। ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଆଧାରରେ ସବୁଆଡେ ଚାରା ରୋପଣ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଚାରା ଟିଏ ନେଇ ରୋପଣ କରିବା ନିମନ୍ତେ ସାଧାରଣରେ ଆଗ୍ରହ ପ୍ରକାଶ ପାଇଥିବା ଦେଖାଯାଇଥିଲା।

## ମଦ ବିକ୍ରୀ ବନ୍ଦ୍ ପାଇଁ ବିଧାୟକଙ୍କୁ ଭେଟିଲେ ଗ୍ରାମବାସି

ବିନିକା, ୫।୭ (ଆନିସ): ବିନିକା ଥାନା ଅନ୍ତର୍ଗତ ବିଶାଳପାଳିରେ



ମଦ ବିକ୍ରୀ ବନ୍ଦ୍ ପାଇଁ ବିଧାୟକଙ୍କୁ ଭେଟି ଦାବି କରିଛନ୍ତି ଗ୍ରାମବାସି ଗ୍ରାମରେ ଦିନକୁ ବେଆଇନ୍ ମଦ ବିକ୍ରୀ ବୃଦ୍ଧି ପାଉଛି ଫଳରେ ମଦ ପିଇ ଯୁବ ଗୋଷ୍ଠି ପଥଭ୍ରଷ୍ଟ ହେବ। ଶହ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି ମଦ୍ୟପଙ୍କ ଉତ୍ପାତ ଯୋଗୁଁ ମହିଳା ମାନେ ରାସ୍ତାରେ ମୁଣ୍ଡ ଟେକି ଚାଲି ପାରୁନାହାନ୍ତି ଏପରିକି ପାରିବାରିକ କଳହ ଲାଗି ରହିବା ସହ ଅସାନ୍ତି ସୃଷ୍ଟି ହେଉଛି ଏଣୁ ଗ୍ରାମରେ ମଦ ବିକ୍ରୀ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଦାବି କରିଛନ୍ତି ଆଜି ବିଶାଳପାଲିକୁ ବିଧାୟକ ଗସ୍ତ କରିଥଲେ ସେଠାରେ ଗ୍ରାମବାସୀ ବିଧାୟକ ରଘୁନାଥ ଜଗଡଲାଙ୍କୁ ଭେଟି ଗ୍ରାମରେ ମଦ ବିକ୍ରି ବନ୍ଦ କରିବା ପାଇଁ ପଦକ୍ଷେପ ନେବା ପାଇଁ ଦବି କରିଥଲେ ବିଧାୟକ ଗ୍ରାମବାସି ଦାବିକୁ ଗୁରୁତ୍ତର ସହ ମେଇ ବିନିକା ଥାନା ଆଇଆଇସି ଙ୍କ ଫୋନରେ ଯୋଗାଯୋଗ କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଉଥିଲେ ।

# ଯାଜପୁରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ

ଯାଜପୁର ,୫। ୭(ଆନିସ): ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ଆଇନଗତ ଅଧିକାରର ସୁରକ୍ଷା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଯାଜପୁର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଶନିବାର ଏକ ସଚେତନତା ଓ ସମ୍ବେଦନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁର ଠାରେ ଆୟୋଜିତ ଏହି ସ୍ୱେଚ୍ଛାସେବୀ ଓ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ, ୨୦୧୬ ( , ୨୦୧୬) ର ବିଭିନ୍ନ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଯୋଗଦେଇ ଏହାର ଅଧ୍ୟକ୍ଷତା କରିଥିଲେ। ସଭାକୁ ସମ୍ବୋଧିତ କରି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର କହିଥିଲେ ଯେ, ଭିନ୍ନକ୍ଷମ ବ୍ୟକ୍ତିମାନେ ସମାଜର ଅବିଚ୍ଛେଦ୍ୟ



ଅଙ୍ଗ। ସେମାନଙ୍କ ପାଇଁ ସମାନ ସୁଯୋଗ ଓ ଏକ ବାଧାମୁକ୍ତ ସୁଗମ ପରିବେଶ ସୃଷ୍ଟି କରିବା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ କରି ସେମାନଙ୍କ ଆର୍ଥିକ ଓ ସାମାଜିକ ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ସେ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଜିଲ୍ଲାର ପ୍ରତ୍ୟେକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଖରେ ଯେପରି ସରକାରୀ ସୁବିଧା ପହଞ୍ଚିପାରିବ, ସେଥିପାଇଁ ସମସ୍ତ ବିଭାଗ ମିଳିତ ଓ ସମନ୍ୱିତ ପ୍ରୟାସ କରିବା ଆବଶ୍ୟକ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।

ଏହି ସଚେତନତା ସଭାରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ରାଜ୍ୟ କମିଶନର ଶ୍ରୀମତୀ ବ୍ରତତୀ ହରିଚନ୍ଦନ ଯୋଗଦେଇ ଭିନ୍ନକ୍ଷମମାନଙ୍କ ସଶକ୍ତିକରଣ ଉପରେ ସ୍ୱତନ୍ତ୍ର ଆଲୋକପାତ କରିଥିଲେ। ସେ ନିଜ ବକ୍ତବ୍ୟରେ କହିଥିଲେ, ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମାଜରେ ସମାନ ମର୍ଯ୍ୟାଦା ଓ ଅଧିକାର ଦେବା ଆମ ସମସ୍ତଙ୍କର ସାମାଜିକ ତଥା ସାମ୍ବିଧାନିକ ଦାୟିତ୍ୱ। ୨୦୧୬ ଅଧିନିୟମ କେବଳ କାଗଜପତ୍ରରେ ସୀମିତ ନରହି ଏହାର ପ୍ରତିଟି ବ୍ୟବସ୍ଥା ଯେପରି ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେବ, ସେଥିପାଇଁ କମିଶନ ଦୃଢ଼ ପଦକ୍ଷେପ ନେଉଛନ୍ତି। ଭିନ୍ନକ୍ଷମତା କୌଣସି ଅକ୍ଷମତା ନୁହେଁ, ସେମାନଙ୍କ ପ୍ରତିଭାକୁ ଚିହ୍ନି ସୁଯୋଗ ଦେଲେ ସେମାନେ ସମାଜ ଗଠନରେ ବଡ଼ ଭୂମିକା ଗ୍ରହଣ କରିପାରିବେ।

ଏହି ଅବସରରେ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ, ଯାଜପୁର ଶ୍ରୀ ଯୁଧିଷ୍ଠିର ନାଏକ ନିଜର ବକ୍ତବ୍ୟ ରଖି କହିଥିଲେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପ୍ରତି କେବଳ ସହାନୁଭୂତି ଦେଖାଇଲେ ହେବନାହିଁ, ବରଂ ସେମାନଙ୍କୁ ସମ୍ବେଦନଶୀଳତାର ସହ ସମ୍ମାନ ଓ ଅଧିକାର ଦେବାକୁ ହେବ। ଆଇନଗତ ଭାବେ ସେମାନେ ଯେଉଁ ସବୁ ସୁବିଧା ପାଇବା କଥା, ତାହା ସେମାନଙ୍କର ଅଧିକାର। ସମାଜରେ ଏକ ସମାବେଶୀ ବାତାବରଣ ତିଆରି କରିବା ପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପଦକ୍ଷେପ ନିଆଯାଉଛି ଏବଂ କୌଣସି ବି ଭିନ୍ନକ୍ଷମ ବ୍ୟକ୍ତି ଯେପରି ନିଜର ହକ୍‌ରୁ ବଞ୍ଚିତ ନ ହେବେ, ତାହା ସୁନିଶ୍ଚିତ କରାଯିବ। ଏହି ଅବସରରେ କାର୍ଯ୍ୟକ୍ରମରେ ମୁଖ୍ୟ ରିସୋର୍ସ ପର୍ସନ ଭାବେ ଯୋଗଦେଇ ଶ୍ରୀ ଆର. କେ. ଶର୍ମା ଉପସ୍ଥିତ ସମସ୍ତ ଅଧିକାରୀ ଓ ଜନସାଧାରଣଙ୍କୁ , ୨୦୧୬ ର ଜଟିଳ ଆଇନଗତ ଦିଗଗୁଡ଼ିକୁ ଅତି ସରଳ ଭାଷାରେ ବୁଝାଇଥିଲେ।ଏହି ଶିବିରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଆଇନଗତ ଅଧିକାର, ସୁରକ୍ଷା ଏବଂ ସେମାନଙ୍କ ସଶକ୍ତିକରଣ ଦିଗରେ ବିଭିନ୍ନ ବିଭାଗର ଭୂମିକା ଉପରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା ହୋଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀମତୀ ଜାନକୀ ହେମ୍ବ୍ରମ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପାର୍ବତୀ ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରଶାନ୍ତ କୁମାର ମାଝୀ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଜିଲ୍ଲାର ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବହୁ ସଂଖ୍ୟାରେ ଭିନ୍ନକ୍ଷମ ବ୍ୟକ୍ତି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପାଞ୍ଚଦିନିଆ ଆନ୍ତର୍ଜାତୀୟ କର୍ମଶାଳା ଓ କୃଷକ ମେଳା




ଜୟପୁର,୫ା୭ (ଆନିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର କୃଷି ବିଭାଗ ପକ୍ଷରୁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର) ଅଧୀନସ୍ଥ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ରେପସିଡ୍-ମଷ୍ଟାର୍ଡ ରିସର୍ଚ୍ଚ (ଆଇଆଇଆରଏମଆର), ଭରତପୁର, ରାଜସ୍ଥାନ ସହଯୋଗରେ ଜୁଲାଇ ୬ରୁ ୧୦ ପର୍ଯ୍ୟନ୍ତ ପାଞ୍ଚଦିନିଆ ଆନ୍ତର୍ଜାତୀୟ କର୍ମଶାଳା ଓ କୃଷକ ମେଳା ଆୟୋଜିତ ହେବ। ଜନଜାତି ଅଧ୍ୟୁଷିତ ପାହାଡ଼ିଆ ଅଞ୍ଚଳରେ କୃଷି ପରିବେଶ ଆଧାରିତ ଚାଷ ପ୍ରଣାଳୀ ଓ ତୈଳବୀଜଭିତ୍ତିକ ସ୍ଥାୟୀ ବିକାଶ ପାଇଁ ଗବେଷଣା ଓ କ୍ଷେତ୍ରସ୍ତରୀୟ ପ୍ରୟୋଗର ସମନ୍ୱୟ ଶୀର୍ଷକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଏନ୍. ସି. ପଣ୍ଡା ସୂଚନା ଦେଇ କହିଥିଲେ ଯେ, ଜନଜାତି ଉପଯୋଜନା (ଟିଏସପି) ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ଜନଜାତି ଅଞ୍ଚଳର କୃଷକଙ୍କ ଜୀବିକା ବିକାଶ, ବୈଜ୍ଞାନିକ କୃଷି ପ୍ରଯୁକ୍ତିର ପ୍ରସାର ଓ ସ୍ଥାୟୀ କୃଷିକୁ ପ୍ରୋତ୍ସାହନ ଦେବା।

ଏହି ଅବସରରେ ବିଶ୍ୱବିଦ୍ୟାଳୟର ବିଭିନ୍ନ କୃଷିଭିତ୍ତିକ ଉନ୍ନୟନ ପଦକ୍ଷେପ ଉପସ୍ଥାପନ କରାଯିବ। ଗୁଜରାଟର ନବସାରୀ କୃଷି ବିଶ୍ୱବିଦ୍ୟାଳୟ ସହଯୋଗରେ ୩୫ ପ୍ରଜାତିର ବାଉଁଶ ନର୍ସରୀ ସ୍ଥାପନ, ବାଉଁଶ ଆଧାରିତ ଭାଲ୍ୟୁ ଆଡିସନ୍ ଉପରେ କୃଷକଙ୍କୁ ପ୍ରଶିକ୍ଷଣ, ସେମିଳିଗୁଡ଼ା ବ୍ଲକର ଚଲାଣପୁଟ ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରି ସେଠାରେ ବୈଜ୍ଞାନିକ କୃଷି ପ୍ରଣାଳୀର ପ୍ରସାର ଭଳି କାର୍ଯ୍ୟକ୍ରମ ହାତକୁ ନିଆଯିବ। ସେହିପରି ପେରୁର ଇଣ୍ଟରନ୍ୟାସନାଲ ପୋଟାଟୋ ସେଣ୍ଟର (ସିଆଇପି) ସହଯୋଗରେ ବିଶ୍ୱବିଦ୍ୟାଳୟ ପରିସରରେ ଉନ୍ନତମାନର ଆଳୁ ବିହନ ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯିବା ସହ ୧,୫୦୦ରୁ ଅଧିକ ପ୍ରଜାତିର ଔଷଧୀୟ ଓ ସୁଗନ୍ଧିତ ଉଦ୍ଭିଦ ଉଦ୍ୟାନ ମଧ୍ୟ ବିକଶିତ କରାଯିବ। ଏହା ଓଡ଼ିଶାରେ ଗୁଣାତ୍ମକ ଆଳୁ ବିହନ ଉପଲବ୍ଧତା ବଢ଼ାଇବା ସହ କୃଷକଙ୍କ ଆୟ ବୃଦ୍ଧିରେ ସହାୟକ ହେବ ବୋଲି କୁହାଯାଇଛି। କୃଷି ଶିକ୍ଷା ଓ ଗବେଷଣାକୁ ଆହୁରି ସୁଦୃଢ଼ କରିବା ପାଇଁ ନବସାରୀ କୃଷି ବିଶ୍ୱବିଦ୍ୟାଳୟ, ଆଇସିଏଆର-ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସଏଲ୍ ଆଣ୍ଡ ୱାଟର କନଜର୍ଭେସନ୍, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଓ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ସହ ସହଯୋଗକୁ ମଧ୍ୟ ଆହୁରି ମଜବୁତ କରାଯିବ।ଆନ୍ତର୍ଜାତୀୟ କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ କୁଳପତି ପ୍ରଫେସର ଏନ୍. ସି. ପଣ୍ଡା ଉଦ୍ଘାଟନ କରିବେ। ଏଥିରେ ଦେଶ-ବିଦେଶର ବୈଜ୍ଞାନିକ, ଶିକ୍ଷାବିତ୍, ବିଶେଷଜ୍ଞ, କୃଷକ ଓ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ସାମ୍ବାଦିକ ସମ୍ମିଳନୀରେ ରେଜିଷ୍ଟ୍ରାର ଡ଼. ସଞ୍ଜୟ ପ୍ରଧାନ, ବିତ୍ତ ଅଧିକାରୀ ଡ଼. ଦୁର୍ଯ୍ୟୋଧନ ସେଠୀ, କୃଷି ବିଭାଗର ମୁଖ୍ୟ ଡ଼. ମଞ୍ଜୁଶ୍ରୀ ସିଂହ, ଗଣମାଧ୍ୟମ ସମ୍ପର୍କ କମିଟିର ଅଧ୍ୟକ୍ଷ ସୁମିତ କୁମାର ବେହେରାଙ୍କ ସମେତ ଡେୟରୀ ସାଇନ୍ସ ବିଭାଗର ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ଲଗାଣ ବର୍ଷାରେ ୩ଟି ସ୍ଥାନରେ ଘର ଉପରେ ଉପୁଡ଼ି ପଡିଲା ଗଛ, ସଫା କଲେ ଅଗ୍ନିଶମ ବିଭାଗ କର୍ମଚାରୀ



ଚିତ୍ରକୋଣ୍ଡା,୫ା୭ (ଆନିସ): ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଗତ ୪ ଦିନ ଧରି ଲଗାଣ ବର୍ଷା ଜାରି ରହିଛି।ଚିତ୍ରକୋଣ୍ଡା ଅଞ୍ଚଳରେ ଗତ ଦୁଇ ଦିନ ମଧ୍ୟରେ ୫୨ ମିଲିଲିଟର ବର୍ଷା ହୋଇଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣା ପଡିଛି।ରବିବାର ସକାଳୁ ଚିତ୍ରକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ମଧ୍ୟ ଲଗାଣ ବର୍ଷା ଜାରି ରହିଛି।ବର୍ଷା ଯୋଗୁ ସକାଳ ୮ ଟା ସମୟରେ ଚିତ୍ରକୋଣ୍ଡା ପଞ୍ଚାୟତ ଅଧୀନ ବନଗୁରୁ ଗ୍ରାମରେ ରହୁଥିବା ଈଶ୍ୱର ପାଙ୍ଗିଙ୍କ ଘର ପାଖରେ ଥିବା ଏକ ବିରାଟକାୟ ଗଛ ଉପୁଡି ପଡି ତାଙ୍କ ଘର ଉପରକୁ ପଡିଥିଲା। ଚିତ୍ରକୋଣ୍ଡା ଅଗ୍ନିଶମ ବିଭାଗ ଏ ସମ୍ପର୍କରେ ସୂଚନା ପାଇବା ମାତ୍ରେ ଅଗ୍ନିଶମ ବିଭାଗର ଅଧିକାରୀ ମଙ୍ଗଳ ଦାନ ହିକକାଙ୍କ ନେତୃତ୍ୱରେ ହାବିଲଦାର ବି. ବି. କୁଣ୍ଡୁଲାନା, କର୍ମଚାରୀ କୁଶ ଖିଲ,ଗୁପ୍ତେଶ୍ୱର ନାୟକ, ଧନୁର୍ଜୟ ନାୟକ ଓ ଅନ୍ୟ କର୍ମଚାରୀମାନେ ଘଟଣା ସ୍ଥଳରେ ପହଁଞ୍ଚି ମେସିନ ସାହାଯ୍ୟରେ ଉକ୍ତ ଗଛକୁ କାଟି ସଫା କରିଥିଲେ। ଏହା ପରେ ଆଜି ସକାଳ ପ୍ରାୟ ୧୦ ଟା ସମୟରେ ଦୋରାଗୁଡା ପଞ୍ଚାୟତ ଅଧୀନ ଆରଏସସି-୬ ନମ୍ବର ଗାଁରେ ଥିବା ଅଙ୍ଗନାୱାଡି କେନ୍ଦ୍ର ସମ୍ମୁଖରେ ଥିବା ଏକ ଗଛ ଅଙ୍ଗନାୱାଡି ଘର ଉପରକୁ ଉପୁଡି ପଡିଥିଲା। ଏ ସମ୍ପର୍କରେ ଖବର ପାଇବା ମାତ୍ରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସେଠାରେ ପହଁଞ୍ଚି ପଡ଼ିଥିବା ଗଛକୁ କାଟି ସଫା କରିଥିଲେ।ଆଜି ସକାଳ ପ୍ରାୟ ୧୦ ଟା ୩୦ମିନିଟ ସମୟରର କପାତୁଟି ପଞ୍ଚାୟତ ବାଡେଙ୍ଗା ଗ୍ରାମରେ ରହୁଥିବା ଚନ୍ଦ୍ର ଖିଲ ନାମକ ବ୍ୟକ୍ତିଙ୍କ ଘର ପାଖରେ ଥିବା ଏକ ବିରାଟ ତେନ୍ତୁଳି ଗଛ ତାଙ୍କ ଘର ଉପରେ ପଡ଼ିଥିବା ନେଇ ଉକ୍ତ ପଞ୍ଚାୟତର ସରପଞ୍ଚ ପଦଲାମ ହନ୍ତାଳ ଚିତ୍ରକୋଣ୍ଡା ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବର ପାଇବା ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ବଡେଙ୍ଗା ଗାଁରେ ପହଁଞ୍ଚି ଦୀର୍ଘ ଘଣ୍ଟା ଧରି କଠୋର ପରିଶ୍ରମ କରି ଘର ଉପରେ ପଡ଼ିଥିବା ଗଛକୁ କାଟି ବାହାର କରିଥିଲେ।

# ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତାଲିମ ଶିବିରରେ ଟାଙ୍ଗଣାପଲ୍ଲୀ ହାଇସ୍କୁଲ ଛାତ୍ର ଛାତ୍ରୀଙ୍କ କୃତିତ୍ୱ




ଛତ୍ରପୁର, ୫ା୭ (ଆନିସ): ଓଡିଶା ତୃତୀୟ କମ୍ପାନୀ ଏନ୍. ସି. ସି.ର ତାଲିମ ଶିବିର ଗତ ଜୁନ୍ ୨୬ ତାରିଖ ଠାରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ପାରଳା ମହାରାଜା ଯାନ୍ତ୍ରିକ ମହା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ଶିବିର କମାଣ୍ଡେଣ୍ଟ ମେଜର ଇକ୍ଷିତ ଶର୍ମା ଶିବିର ଉଦ୍ ଘାଟନ କରିଥିଲେ ଶିବିରରେ କ୍ୟାଡେଟ ମାନଙ୍କୁ ବିଭିନ୍ନ ବିଷୟରେ ଶିକ୍ଷା ଦାନ ସହ ବିଭିନ୍ନ ପ୍ରତିଯୋଗିତା ପରିଚାଳନା କରାଯାଇଥିଲା ଏହ ସମସ୍ତ ପ୍ରତିଯୋଗିତାରେ ଟାଙ୍ଗଣା ପଲ୍ଲୀ ଶ୍ରୀ ନୀଳକଣ୍ଠେଶ୍ୱର ନଡାଲ୍ ଉଚ୍ଚ ବିଦ୍ୟାପୀଠର ଛାତ୍ର ଛାତ୍ରୀ ସର୍ବାଧିକ ପୁରସ୍କାର ଓ ପ୍ରମାଣ ପତ୍ର ପାଇ ବିଦ୍ୟାଳୟର ଗୌରବ ବଢ଼ି କରିଛନ୍ତି ରାଗିଣୀ ପ୍ରଧାନ ତର୍କରେ ପ୍ରଥମ, ଆର୍ଯ୍ୟନ ମହାରଣା ତର୍କରେ ଦ୍ୱିତୀୟ, ଶାକା ତ୍ରିପ୍ତି କୁଇଜ୍ ରେ ପ୍ରଥମ, ସୁଶ୍ରୀ ଅଂଶିତା ପାତ୍ର କୁଇଜରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ର ଛାତ୍ରଛାତ୍ରୀ ମାନଙ୍କ ଉତ୍ସାହ ସୃଷ୍ଟି ହୋଇଛି ବିଦ୍ୟାଳୟର ଏନ୍. ସି. ସି ଶିକ୍ଷକ ଫାଷ୍ଟ ଅଫିସର ସୁଧାକର ବଳୀଙ୍କ ତତ୍ତ୍ୱାବଧାନରେ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟ ପାଇଁ ଏହି ଗୌରବ ଆଣିଥିବାରୁ ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀ, ପୂର୍ବତନ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି ।

# ରେଳ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ

ଧର୍ମଗଡ଼,୫ା୭ (ଆନିସ): ଧର୍ମଗଡ଼ ଥାନା ଅନ୍ତର୍ଗତ ବିକ୍ରମଗୁଡାର ଜଗବନ୍ଧୁ ସାଗର ପିତା ଧନେଶ୍ୱର ସାଗର ୩୬ବର୍ଷ ଗତକାଲି ସେ ଆନ୍ଧ୍ରପ୍ରଦେଶ ରାମଗୁଣ୍ଡା ସ୍ଥିତ ରେଳ ଷ୍ଟେସନରେ କାର୍ଯ୍ୟ ରତ ସମୟରେ ପଛପଟୁ ଏକ ମାଲବାହିଁ ଗାଡି ଚଢି ଯିବାରୁ ଘଟଣା ସ୍ଥଳରେ ତାଙ୍କ ମୃତ୍ୟୁ ହୋଇ ଯାଇଥିଲା । ଖବର ପାଇଁ ସେଠାକାର ରେଳୱେ ପୋଲିସ ଶବ ଜବତ କରି ଶବ ବ୍ୟବଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇ ଥିଲା । ପରେ ସେଠାକାର ସ୍ମଶାନରେ ତାଙ୍କ ଶେଷକୃତ ସମ୍ପନ କରାଯାଇ କରାଯାଇଛି । ତାଙ୍କ ପରିବାର କହିଲେ ବୃଦ୍ଧ ବାପା,ମା ଝିଅ,ପୁଅ ଓ ସ୍ତ୍ରୀ ଥିବାରୁ ପରିବାର ପ୍ରତିପୋଷଣ ପାଇଁ ସରକାରଙ୍କ ନିୟମ ଅନୁସାରେ ପରିବାର ଜଣକୁ ଚାକିରୀ ଓ କ୍ଷତି ପୂରଣ ଦେବା ପାଇଁ ଦାବୀ ହେଉଛି ତାଙ୍କ ବିୟୋଗରେ ନିଜ ଜନ୍ମ ମାଟି ବିକ୍ରମଗୁଡା ଓ ରାମଗୁଣ୍ଡା ରେଳବାଇ କଲୋନୀରେ ଶୋକର ଛାୟା ଖେଳି ଯାଇଛି । ସେ ଜଣେ ମିଷ୍ଟ ଭାଷୀ ମିଳାପି ଓ ପରୋପକାରୀ ହୋଇ ଥିବାରୁ ବିକ୍ରମ ସାଗର, ପ୍ରେମ ଲାଲ ସାଗର, ଶୁଭେନ୍ଦୁ ସାଗର, ଜନ୍ମଜୟ ନାଏକ, ବଂକିମ ସାଗର, ଅଶ୍ୱିନ ସାଗର ସମେତ ସାଙ୍ଗ ସାଥୀ, ସହ କର୍ମୀ ଶୋକ ପ୍ରକାଶ କରିଛନ୍ତି ।

# ଚିଠା ଭୋଟର ତାଲିକା ପ୍ରକାଶନ

ମାଥିଲି,୫ା୭ (ଆନିସ): ସ୍ଥାନୀୟ ଦଳପତିଗୁଡ଼ା ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଚିଠା ଭୋଟର ତାଲିକା ପ୍ରକାଶନ କରାଯାଇଛି । ସଘନ ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ ଅଧୀନରେ ବୁଥ ସ୍ତରୀୟ ଅଧିକାରୀମାନେ ନିଜ ନିଜ ବୁଥରେ ଚିଠା ଭୋଟର ତାଲିକା ପ୍ରକାଶନ କରିଛନ୍ତି । ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ କରିବା ପାଇଁ ଏବଂ ଯୋଗ୍ୟ ଭୋଟର ଯେପରି ତାଲିକାରୁ ବାଦ୍? ନ ପଡ଼ିବେ ସେଥିପାଇଁ ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଛି । ଆସନ୍ତା ୫ ଜୁଲାଇ ରୁ ୪ ଅଗଷ୍ଟ ମଧ୍ୟରେ ଭୋଟର ନିଜର ଆପତ୍ତି ଓ ଅଭିଯୋଗ ଦାଖଲ କରିପାରିବେ । ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ୍.ପ୍ରମୋଦ କୁମାର ବେହେରା କାର୍ଯ୍ୟକ୍ରମରେ ଯୋଗ ଦେଇ ଭୋଟର ତାଲିକା ପ୍ରକାଶନ କରିବା ସହ ଉପସ୍ଥିତ ଗ୍ରାମବାସୀଙ୍କୁ ବୁଝାଇଥିଲେ ଯେ ଯୋଗ୍ୟ ଭୋଟରଙ୍କୁ ତାଲିକାରେ ଯୋଡ଼ିବା ପାଇଁ ଫର୍ମ ୬ ବାଦ ଦେବାକୁ ହେଲେ ଫର୍ମ ୭ ଏବଂ ଭୋଟର ତାଲିକାରେ ଥିବା ନିଜ ନାମ କିମ୍ବା ଠିକଣାରେ ସଂଶୋଧନ କରିବା ପାଇଁ ଫର୍ମ ୮ ବ୍ୟବହାର କରିପାରିବେ । ଏଣୁ ଅବହେଳା ନ କରି ନିଜ ଗଣତାନ୍ତ୍ରିକ ଅଧିକାରକୁ ଅକ୍ଷୁଣ୍ଣ ରଖିବା ପାଇଁ ବିଡ଼ିଓ ଲୋକମାନଙ୍କୁ ସଚେତନ କରିଥିଲେ । ଏହି ଅବସରରେ ମାଥିଲି ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ସାମଲ ଚୁଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ୦୬.୦୯.୨୦୨୬ , ଦାବି ଓ ଆପତ୍ତି ଅଭିଯୋଗ ଦାଖଲ ନିମନ୍ତେ ଜନସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଦାବି ଓ ଆପତ୍ତିର ନିଷ୍ପତ୍ତି ନେବା ତାରିଖ ୦୫-୦୭-୨୬ ରୁ ୦୨.୦୯.୨୦୨୬ ଆଦି ଗୁରୁତ୍ୱପୂର୍ଣ୍ଣ ସମୟସୀମାର କାର୍ଯ୍ୟସୂଚୀ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ବୁଥ ନମ୍ବର ୭୯ର ବି ଏଲ୍? ଓ କାଟାରାଓ ସାରଙ୍କ ସହ ସୁପରଭାଇଜର ସନ୍ତୋଷ କୁମାର ପୂଜାରୀ, ମନୋଜ ବେହେରା, ସତ୍ୟନାରାୟଣ ଦାସ, ଦେବ ପ୍ରସାଦ ବିଶ୍ୱାଳ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ଶେଖର ପଣ୍ଡା ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁରେଶ କୁମାର ବ୍ରହ୍ମା ଉପସ୍ଥିତ ଥିଲେ ।

# ଲଗାଣ ବର୍ଷାରେ ଗଛ ପଡି ଓଡିଶା ଆନ୍ଧ୍ର ରାସ୍ତା ଜାମ



ରାୟଗଡା,୫ା୭(ଆନିସ): ମୌସମୀ ପ୍ରଭାବରେ ଗତ କାଲି ଠାରୁ ଲଗାଣ ବର୍ଷା ହେବା ଫଳରେ ଓଡିଶା ଆନ୍ଧ୍ର ରାସ୍ତାରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା ସୂଚନାରୁ ଜଣାପଡିଛି ବିଳମ୍ବିତ ରାତ୍ରିରେ ପ୍ରବଳ ବର୍ଷା ସମୟରେ ପାର୍ଟପୁର ଗ୍ରାମ ନିକଟରେ ରାସ୍ତା ଉପରେ ବିରାଟ ଗଛ ଉପୁଡି ପଡିଯାଇଥିଲା ଫଳରେ ପ୍ରାୟ ୫/୬ ଘଣ୍ଟା ଧରି ଓଡିଶା ଆନ୍ଧ୍ର ରାସ୍ତାରେ ଯାତାୟାତ ଠପ ହୋଇଯାଇଥିଲା ବିଳମ୍ବିତ ରାତିରେ ହୋଇଥିବାରୁ ଉଦ୍ଧାର କାର୍ଯ୍ୟ ହୋଇ ପାରିନଥିଲା ଫଳରେ ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହାନ ଅଟକି ରହିଥିଲା ଆଜି ସକାଳୁ ଅଗ୍ନିଶମ ବିଭାଗ, ପୁଲିସ ଓ ଅନ୍ୟ ବିଭାଗ ଯାଇ ଗଛକୁ ରାସ୍ତାରୁ ହଟାଇବା ପରେ ଓଡିଶା ଆନ୍ଧ୍ର ରାସ୍ତାରେ ଯାତାୟାତ ସୁଗମ ହୋଇପାରିଥିଲା ରାୟଗଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଗତ ୪୮ ଘଣ୍ଟା ଧରି ଲଗାଣ ବର୍ଷା ଜାରି ରହିଥିବାରୁ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଅବିରତ ବର୍ଷାର ପ୍ରଭାବରେ ମୁଖ୍ୟ ସଡ଼କ ସମେତ ଗ୍ରାମାଞ୍ଚଳର ବହୁ ରାସ୍ତା କ୍ଷତିଗ୍ରସ୍ତ ହୋଇ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାତାୟାତ ବ୍ୟବସ୍ଥା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଥିବାବେଳେ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଯାଇଛି। ବିଶେଷକରି ରାୟଗଡ଼ା-ବିଜୟନଗରମ୍? ମୁଖ୍ୟ ସଡ଼କର ଅନେକ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଗାଡ଼ି ଚଳାଚଳ ବିପଦପୂର୍ଣ୍ଣ ହୋଇପଡ଼ିଛି। ସେହିପରି ଆନ୍ଧ୍ରପ୍ରଦେଶ ସୀମାନ୍ତରେ ଥିବା କେରଡା-କୁନେରୁ ରାସ୍ତା ମଧ୍ୟ ପ୍ରବଳ ବର୍ଷାରେ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ଯାତ୍ରୀ ଓ ଗାଡ଼ି ଚାଳକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବ ଅଭିଯୋଗ କରିଛନ୍ତି ।ବର୍ଷା ସହ ପବନ ହେଉଥିବାରୁ ଗ୍ରାମାଞ୍ଚଳରେ ବହୁ ସ୍ଥାନରେ ଗଛର ଡାଳ ଭାଙ୍ଗି ବିଦ୍ୟୁତ୍? ତାର ଉପରେ ପଡ଼ିଥିବାରୁ ବିଦ୍ୟୁତ୍? ସେବା ବ୍ୟାହତ ହୋଇଛି। ଫଳରେ ଗତ ଦୁଇ ଦିନ ଧରି ଅନେକ ଗାଁ ଅନ୍ଧାରରେ ରହିଛି।ରାୟଗଡ଼ା ବ୍ଲକର ବାଇସିଙ୍ଗି, ଦୁର୍ଗାପାଡୁ, ପିପ୍ପଲଗୁଡ଼ା, ସିରିଗୁମ୍ମା, ମାଟିକଣା ଓ କୁଲି ପଞ୍ଚାୟତରେ ବିଭିନ୍ନ ଅଂଚଳ ବିଦ୍ୟୁତ୍? ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏହାଫଳରେ ସ୍ଥାନୀୟ ଲୋକମାନେ ପାନୀୟ ଜଳ ଯୋଗାଣ, ଯୋଗାଯୋଗ ଓ ଦୈନନ୍ଦିନ କାର୍ଯ୍ୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଟାଟା ପାୱାର ଅଧିକାରୀମାନଙ୍କ କହିବା ଅନୁସାରେ, ଭାଙ୍ଗିପଡ଼ିଥିବା ଗଛ ଡାଳ ହଟାଇ ବିଦ୍ୟୁତ୍? ତାରର ମରାମତି କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ପରିସ୍ଥିତି ସ୍ୱାଭାବିକ ହେବା ସହିତ ପର୍ଯ୍ୟାୟକ୍ରମେ ବିଦ୍ୟୁତ୍? ଯୋଗାଣ ପୁନଃ ସ୍ଥାପନ କରାଯିବ ବୋଲି ସେମାନେ ସୂଚନା ଦେଇଛନ୍ତି।

# ଜଙ୍ଗଲ ଭିତରୁ ଅଜଣା ଗାଡ଼ି ଠାବ, ନିଆଁ ଲଗାଇ ଦୁର୍ବୃତ୍ତ ଫେରାର, ତଦନ୍ତ କରୁଛି ପୋଲିସ



କାଲିମେଳା,୫ା୭(ଆନିସ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ମେଟାଗୁଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଏକ ଅଭାବନୀୟ ରହସ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏକ ଅଜଣା ଚାରି ଚକିଆ ଗାଡ଼ିକୁ ଜଙ୍ଗଲ ଭିତରକୁ ଆଣି ସେଥିରେ ନିଆଁ ଲଗାଇ ଦେଇ ଫେରାର ହୋଇଯାଇଥିବା ଜଣାପଡିଛି । ସୂଚନା ଅନୁଯାୟୀ, ରବିବାର ଦିନ ସକାଳେ ସ୍ଥାନୀୟ ଲୋକେ ଜଙ୍ଗଲ ରାସ୍ତା ଦେଇ ଯାଉଥିବା ସମୟରେ ଏକ ଗାଡ଼ି ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିବା ଦେଖିବାକୁ ପାଇଥିଲେ । ଏହାପରେ ସେମାନେ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ । ଖବର ପାଇ କାଲିମେଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଳାପୋଡ଼ା ଗାଡ଼ିକୁ ଜବତ କରିବା ସହ ଛାନଭିନ୍? ଆରମ୍ଭ କରିଛି । ଗାଡ଼ିଟି ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିବାରୁ ଏହାର ମାଲିକ କିଏ ଏବଂ ଏହା କେଉଁ ସ୍ଥାନରୁ ଆସିଛି, ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ । କୌଣସି ଅପରାଧିକ ମାମଲାକୁ ଲୁଚାଇବା ପାଇଁ କିମ୍ବା ଗାଡ଼ିଟି ଚୋରି ହୋଇଥିବାରୁ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଭିଆଇଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି । ଏନେଇ ପୋଲିସ ଏକ ମାମଲା ରୁଜୁ କରି ଗାଡ଼ିଟି କେଉଁଠାରୁ ଆସିଲା ଏବଂ କେଉଁ ପରିସ୍ଥିତିରେ ଏହାକୁ ଜଙ୍ଗଲ ଭିତରେ ଜଳାଇ ଦିଆଗଲା, ସେ ନେଇ ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି ।

# ଗୋପବନ୍ଧୁ ସ୍ମାରକ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା



ଥୁଆମୁଳ ରାମପୁର, ୫ା୭ (ଆନିସ): ପଣ୍ଡିତ ଗୋପବନ୍ଧୁ ଦାସ ପୁରୀରେ ହଇଜା ରୋଗରେ ପୀଡିତ ଲୋକମାନଙ୍କ ସେବା ପାଇଁ ପୁରୀ ସେବା ସମିତି ପ୍ରତିଷ୍ଠା କରିଥିଲେ।ଏହି ସଂଗଠନର ସାଥୀମାନଙ୍କ ସହ ସେ ରୋଗୀସେବା ,ପରିବେଶ ପରିଚ୍ଛନ୍ନତା ଓ ଶବ ସଂସ୍କାର ଇତ୍ୟାଦି କରୁଥିଲେ। ଏହି ଭଳି ମହାତ୍ମାଙ୍କ କାର୍ଯ୍ୟବଳି ଅତୁଳନୀୟ ତାଙ୍କର ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ ସାରା ଓଡ଼ିଶାରେ ୯୮ ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଗୋପବନ୍ଧୁ ସ୍ମାରକ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଆୟୋଜିତ ହେଉଥିବା ବେଳେ କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଠାରେ ମଧ୍ୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଗୋପବନ୍ଧୁ ସ୍ମାରକ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ସମାଜ ବ୍ଲକ ପ୍ରତିନିଧି ମନୋରଞ୍ଜନ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଥାନା ଅଧିକାରୀ କୈବଲ୍ୟ ସେଠ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଦୈନିକଆଶା ବ୍ଲକ ପ୍ରତିନିଧି ବଳଭଦ୍ର ବାଗ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ସକାଳ ବ୍ଲକ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରମେୟ ବ୍ଲକ ପ୍ରତିନିଧି କୈଳାସ ଚଡ଼ିଆ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଯୋଗଦେଇ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ,ଦ୍ୱିତୀୟ, ଓ ତୃତୀୟ ସ୍ଥାନରେ ରହି କୃତିତ୍ୱ ହାସଲ କରିଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଓଡିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ ମାନଙ୍କ ମଧ୍ୟରେ ଅନୀଲ ସାହୁ, ଯଯୋବନ୍ତ ସାହୁ,ପୂର୍ଣ୍ଣିମା ସାହୁ, ସୁଜାତା କୋଚିମ ସମେତ୍ ଅନ୍ୟାନ୍ୟ ଶିକ୍ଷକ ମାନେ ସହଯୋଗ କରିଥିଲେ।

# ମାଲକାନଗିରି ଜିଲ୍ଲା ଚିଠା ଭୋଟର ତାଲିକା- ୨୦୨୬ ପ୍ରକାଶିତ




ମାଲକାନଗିରି,୫ା୭ (ଆନିସ): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଏସଆଇଆର୍ ଚିଠା ଭୋଟର ତାଲିକା ୨୦୨୬ ପ୍ରକାଶନ କରାଯାଇ ବିଭିନ୍ନ ରାଜନୈତିକ ଦଳ କୁ ହସ୍ତାନ୍ତର କରାଯାଇଛି। ଜିଲ୍ଲାରେ ଚାଲୁ ରହିଥିବା ଏସଆଇଆର ପ୍ରକ୍ରିୟା ସହ ଗତ ୩୦.୦୫.୨୦୨୬ ରୁ ୨୮.୦୬.୨୦୨୬ ପର୍ଯ୍ୟନ୍ତ ଚାଲିଥିବା ଘରକୁ ଘର ବୁଲି ଗଣନା ପର୍ଯ୍ୟାୟର ସଂଗୃହିତ ତଥ୍ୟ ସମ୍ପର୍କରେ ଜିଲ୍ଲାପାଳ ସୂଚନା ପ୍ରଦାନ କରିଛନ୍ତି।

ଏହି ଗଣନା ପ୍ରକ୍ରିୟାରେ ଜିଲ୍ଲାର ସମୁଦାୟ ୪,୬୨,୧୭୧ ଭୋଟରଙ୍କ ମଧ୍ୟରୁ ୮୯.୭୫ ପ୍ରତିଶତ ଅର୍ଥାତ୍ ୪,୧୪,୮୧୬ ଜଣ ଭୋଟର ସଫଳତାର ସହ ନିଜର ଫର୍ମ ଦାଖଲ କରିଛନ୍ତି। ଏହାସହିତ ସର୍ଭେ ସମୟରେ ଜିଲ୍ଲାରେ ୨୫,୮୪୯ ଜଣ (୫.୫୯%) ମୃତ ଭୋଟର, ୧୨,୩୧୮ ଜଣ (୨.୬୭%) ସ୍ଥାନାନ୍ତରିତ ଭୋଟର, ୫,୩୦୮ ଜଣ (୧.୧୫%) ଏକାଧିକ ସ୍ଥାନରେ ନାମ ଲେଖାଇଥିବା ଭୋଟର ଏବଂ ୩,୭୫୨ ଜଣ (୦.୮୧%) ଅନୁପସ୍ଥିତ ଭୋଟର ଚିହ୍ନଟ ହୋଇଥିବା ବେଳେ ଅନ୍ୟାନ୍ୟ ବର୍ଗରେ ୧୨୮ ଜଣ (୦.୦୩%) ଭୋଟର ରହିଛନ୍ତି। କେତେକ ବ୍ୟକ୍ତି ଅନ୍ୟ ରାଜ୍ୟକୁ ସ୍ଥାନାନ୍ତରିତ ହୋଇଯାଇଥିବାରୁ, ପ୍ରକୃତ ଅସ୍ତିତ୍ୱ ମିଳିନଥିବାରୁ କିମ୍ବା ଧାର୍ଯ୍ୟ ସମୟ ମଧ୍ୟରେ ଫର୍ମ ଦାଖଲ ନକରିଥିବାରୁ ବି.ଏଲ୍.ଓ. ମାନଙ୍କ ଦ୍ୱାରା ସେମାନଙ୍କ ଫର୍ମ ଫେରସ୍ତ ହୋଇପାରି ନାହିଁ।

ଜିଲ୍ଲାପାଳ ଶ୍ରୀ ରାଜଶିର୍କେ ଏହି ସଂଶୋଧନ ପ୍ରକ୍ରିୟାର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି, ଯାହା ହେଉଛି ଜିଲ୍ଲାର ସମସ୍ତ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ଏବଂ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରକ୍ଷା କରି ତାଲିକାରୁ ସମସ୍ତ ଅଯୋଗ୍ୟ, ମୃତ ଓ ଏକାଧିକ ସ୍ଥାନରେ ଥିବା ନାମଗୁଡ଼ିକୁ ବାଦ୍ ଦେବା। ଏହି ବ୍ୟାପକ ପ୍ରକ୍ରିୟାକୁ ସଫଳ କରିବା ପାଇଁ ଜିଲ୍ଲାର ୦୨ ଜଣ ଇଆରଓ , ୨୦ ଜଣ ଏଇଆରଓ , ୫୪ ଜଣ ବିଏଲଓ ସୁପରଭାଇଜର, ୬୬୬ ଜଣ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ୧,୭୧୦ ଜଣ ବୁଥ୍ ସ୍ତରୀୟ ଏଜେଣ୍ଟ ନିରନ୍ତର କାର୍ଯ୍ୟ କରୁଛନ୍ତି। କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡ଼ନ୍ତି, ସେଥିପାଇଁ ଜିଲ୍ଲା ସ୍ୱିପ୍ ନୋଡାଲ ଅଫିସରଙ୍କ ସହ ମିଶି ବ୍ୟାପକ ସଚେତନତା ଜାରି ରହିଛି।

ଯଦି ସମ୍ପ୍ରତି ୦୫.୦୭.୨୦୨୬ ରେ ପ୍ରକାଶିତ ଚିଠା ଭୋଟର ତାଲିକାରେ କାହାର ନାମ ନାହିଁ, ତେବେ ସେମାନେ ଆଦୌ ବ୍ୟସ୍ତ ନହୋଇ ଘୋଷଣାନାମା ଫର୍ମ ସହ ଫର୍ମ-୬ ପୂରଣ କରି ନୂତନ ଭୋଟର ଭାବେ ଆବେଦନ କରିପାରିବେ। ଏହାଛଡ଼ା ପ୍ରବାସୀ ଭାରତୀୟଙ୍କ ପାଇଁ ଫର୍ମ ୬ଏ, ନାମ ବାଦ୍ ଦେବା କିମ୍ବା ଆପତ୍ତି ପାଇଁ ଫର୍ମ ୭ ଏବଂ ସଂଶୋଧନ କିମ୍ବା ବାସସ୍ଥାନ ସ୍ଥାନାନ୍ତର ପାଇଁ ଫର୍ମ ୮ ଉପଲବ୍ଧ ରହିଛି। ନାଗରିକମାନେ ନିଜର ସ୍ଥାନୀୟ ବିଏଲଓଙ୍କ ନିକଟରେ କିମ୍ବା ଅନଲାଇନରେ ଭୋଟର ହେଲ୍ପଲାଇନ୍

ଆପ୍ ଏବଂ ... ୱେବସାଇଟ୍ ମାଧ୍ୟମରେ ଫର୍ମ ଦାଖଲ କରିପାରିବେ। ଯେଉଁ ଯୁବ ନାଗରିକମାନେ ୦୧.୦୭.୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ହାସଲ କରିଛନ୍ତି ବା କରିବେ, ସେମାନଙ୍କ ନାମ ପଞ୍ଜୀକରଣ ପାଇଁ ଜିଲ୍ଲା ସାରା ସ୍ୱତନ୍ତ୍ର ଶିବିରମାନ ଆୟୋଜନ କରାଯିବ। ଚିଠା ଭୋଟର ତାଲିକା ସିଇଓଙ୍କ ୱେବସାଇଟ୍ ରେ ଉପଲବ୍ଧ ଅଛି। ନାଗରିକମାନେ ୦୫.୦୭.୨୦୨୬ରୁ ୦୪.୦୮.୨୦୨୬ ମଧ୍ୟରେ ନିଜର ଦାବି କିମ୍ବା ଆପତ୍ତି ଦାଖଲ କରିପାରିବେ। ୦୨ ଜଣ ଇଆରଓ ଏବଂ ୨୦ ଜଣ ଏଆଇଆରଓ ୦୨.୦୯.୨୦୨୬ ସୁଦ୍ଧା ଏହି ସମସ୍ତ ମାମଲାର ଯାଞ୍ଚ ଓ ସମାଧାନ କରିବେ। ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ଯେ ଏସଆଇଆର ନିର୍ଦ୍ଦେଶାବଳୀର ପାରା ୫(ବି) ଅନୁଯାୟୀ, ଉପଯୁକ୍ତ ନୋଟିସ୍ ଏବଂ ନିର୍ଦ୍ଦିଷ୍ଟ ଆଦେଶ ବିନା କୌଣସି ବି ଭୋଟରଙ୍କ ନାମ ବାଦ୍ ଦିଆଯାଇପାରିବ ନାହିଁ। ଯଦି କୌଣସି ବ୍ୟକ୍ତି ଏହାଦ୍ୱାରା ପ୍ରଭାବିତ ହୁଅନ୍ତି, ତେବେ ସେ ପ୍ରଥମେ ଜିଲ୍ଲାପାଳଙ୍କ ନିକଟରେ ଏବଂ ପରେ ଆରପି ଆକ୍ଟ, ୧୯୫୦ ର ଧାରା ୨୪ ଅଧୀନରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅପିଲ୍ କରିପାରିବେ। ମାଲକାନଗିରି ଜିଲ୍ଲାରେ ଏକ ସ୍ୱଚ୍ଛ, ଅଂଶଗ୍ରହଣମୂଳକ ଏବଂ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ଜିଲ୍ଲା ନିର୍ବାଚନ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ପ୍ରକାଶ କରିଛନ୍ତି। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ଥିଲେ।

# କେନ୍ଦୁଝର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଚିଠା ଭୋଟର ତାଲିକା ପ୍ରକାଶିତ

କେନ୍ଦୁଝର,୫/୦୭ (ଆନିସ): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ.ଆଇ.ଆର) କାର୍ଯ୍ୟକ୍ରମ ଅଧୀନରେ ଆଜି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ



କ୍ଷୁଦ୍ର ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରେ ଗଣମାଧ୍ୟମକୁ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ସିଂହ ଏସଆଇଆର ସମ୍ବନ୍ଧିତ ସୂଚନା ଉପସ୍ଥାପିତ କରିଥିଲେ। ଜିଲ୍ଲାର ୧,୯୧୫ଟି ବୁଥ୍ ପାଇଁ ଚିଠା ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ଏହି ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମସ୍ତ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ ଅଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରି ବାଦ୍ ଦେବା। ପରିଗଣନା ପର୍ଯ୍ୟାୟରେ ମୋଟ ୧୩,୦୮,୭୬୨ ଜଣ ଡିଜିଟାଇଜ୍ଡ୍ ଇଏଫ୍ ଚିହ୍ନଟ ହୋଇଥିବାବେଳେ, ମୃତ୍ୟୁ, ସ୍ଥାୟୀ ଭାବେ ସ୍ଥାନାନ୍ତରଣ ଏବଂ ଅନ୍ୟାନ୍ୟ କାରଣରୁ ୬୪,୩୭୫ ଜଣ ଭୋଟରଙ୍କୁ ବାଦ୍ ଦିଆଯାଇଛି।

ଏହି କାର୍ଯ୍ୟରେ ୨,୯୬୬ ଜଣ ବୁଥ୍ ସ୍ତରୀୟ ଏଜେଣ୍ଟ ସହଯୋଗ କରିଛନ୍ତି।

ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଜୁଲାଇ ୫ ତାରିଖ ଆଜିଠାରୁ ଆରମ୍ଭ ହୋଇଛି। ଏହି କ୍ରମରେ ଆଜି ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଯେଉଁ ନାଗରିକମାନେ ନିଜ ନାମ ସଂଶୋଧନ କରିବାକୁ ଚାହୁଁଛନ୍ତି କିମ୍ବା ତାଲିକା ନେଇ କୌଣସି ଆପତ୍ତି ରହିଛି, ସେମାନେ ଜୁଲାଇ ୫ ତାରିଖ ଠାରୁ ଆସନ୍ତା ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ନିଜର ଦାବି ଓ ଆପତ୍ତି ଦାଖଲ କରିପାରିବେ। ନିର୍ବାଚନ କମିଶନଙ୍କ କାର୍ଯ୍ୟସୂଚୀ ଅନୁଯାୟୀ, ଦାଖଲ ହୋଇଥିବା ଦାବି ଓ ଆପତ୍ତିଗୁଡ଼ିକର ଶୁଣାଣି ଏବଂ ଯାଞ୍ଚ ଜୁଲାଇ ୫ ତାରିଖ ଠାରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ, ଚୂଡ଼ାନ୍ତ ଭୋଟର ତାଲିକା ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ପ୍ରକାଶ ପାଇବ। ତେଣୁ ସମସ୍ତ ଯୋଗ୍ୟ ଭୋଟରମାନେ ନିଜ ନାମ ତାଲିକାରେ ଠିକ୍ ଅଛି କି ନାହିଁ, ତାହା ଯାଞ୍ଚ କରିନେବାକୁ ପରାମର୍ଶ ଦିଆଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତ ନାଗରିକଙ୍କୁ ଅନୁରୋଧ କରିଛନ୍ତି ଯେ, ସ୍ଥାନୀୟ ବୁଥ୍ ସ୍ତରୀୟ ଅଧିକାରୀ, ମୋବାଇଲ୍ ଆପ୍ କିମ୍ବା ... ୱେବସାଇଟ୍ ମାଧ୍ୟମରେ ନିଜ ନାମ ଯାଞ୍ଚ କରନ୍ତୁ। ଯଦି କାହାର ନାମ ନଥିବ, ତେବେ ସେମାନେ ଫର୍ମ-୬ ପୂରଣ କରି ନାମ ସାମିଲ ପାଇଁ ଆବେଦନ କରିପାରିବେ। ଏହି କାର୍ଯ୍ୟର ସୁପରିଚାଳନା ପାଇଁ ୬ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ୩୬ ଜଣ ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ନିୟୋଜିତ ହୋଇଛନ୍ତି। ଏସ.ଆଇ.ଆର ନିର୍ଦ୍ଦେଶାବଳୀର ପାରା ୫(ଖ) ଅନୁଯାୟୀ, ନିର୍ବାଚନ ପଞ୍ଜୀକରଣ ଅଧିକାରୀ/ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଙ୍କ ବିନା ନୋଟିସ୍ ଏବଂ ସ୍ପଷ୍ଟ ଆଦେଶରେ ପ୍ରକାଶିତ ଚିଠା ତାଲିକାରୁ କୌଣସି ନାମ ବାଦ୍ ଦିଆଯାଇପାରିବ ନାହିଁ। କୌଣସି କ୍ଷତିଗ୍ରସ୍ତ ଭୋଟର ଜନପ୍ରତିନିଧିତ୍ୱ ଆଇନ ୧୯୫୦ ର ଧାରା ୨୪ ଅଧୀନରେ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ତା'ପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅପିଲ୍ କରିପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ମନ୍ଦରଧର ମହାଲିକ, ଉପ-ଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ, ଅତିରିକ୍ତ ଉପଜିଲ୍ଲାପାଳ ପୁନମ ବିନିତା ବାଗେ, ଡେପୁଟି କଲେକ୍ଟର ଶ୍ରୀମତି ଅରୁଣିମା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ।

# ସରିଲା ଏସଆଇଆର: ବାଦ ପଡିଲେ ୩୯ହଜାର ଭୋଟର



ଫୁଲବାଣୀ୫/୦୭ (ଆନିସ): ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଏସ ଆଇ ଆର୍ ପରେ ୩୯ହଜାର ୫୬ଜଣ ଭୋଟର ତାଲିକା ରୁ ବାଦ୍ ପଡିଛନ୍ତି କନ୍ଧମାଳ ଜିଲ୍ଲା ରେ ମୋଟ ୫ଲକ୍ଷ ୭୦ହଜାର ୮୯୮ଭୋଟର ଙ୍କ ମଧ୍ୟରୁ ୫ଲକ୍ଷ ୩୧ହଜାର ୮୪୨ଜଣ ଏନୁମେରେଶନ ଫର୍ମ ଦାଖଲ କରିଥିବା ବେଳେ ୩୯ହଜାର ୫୬ଟି ଫର୍ମ ମୃତ, ସ୍ଥାନାନ୍ତରିତ, ଡୁ ପ୍ଲିକେଟଭୋଟର ଅନୁପସ୍ଥିତ କାରଣ ରୁ ସଂଗ୍ରହ ହୋଇପାରିନି ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ ବର୍ତ୍ତମାନ ପ୍ରତ୍ୟେକ ଭୋଟ ଗ୍ରହଣ କେନ୍ଦ୍ରରେ ସର୍ବାଧିକ ୧୨୦୦ଭୋଟର ରହିବେ ପୁର୍ବରୁ ଗୋଟିଏ ବୁଥ ରେ ପ୍ରାୟ ପ୍ରାୟ ୧୫୦୦ଭୋଟର ରହିଥିବା ବ୍ୟବସ୍ଥାକୁ ପରିବର୍ତ୍ତନ କରାଯାଇଥିବାରୁ ଜିଲ୍ଲାରେ ୧୫୧ଟି ନୂତନ ଭୋଟ ଗ୍ରହଣ କେନ୍ଦ୍ରସୃଷ୍ଟି କରଯାଇଛି ଏହା ଫଳରେ ଜିଲ୍ଲାର ମୋଟ ବୁଥ ସଂଖ୍ୟା ୬୬୧ରୁ ବୃଦ୍ଧି ପାଇ୮୧୨ ରେ ପହଞ୍ଚିଛି ଭୋଟର ତାଲିକା ରୁ ବାଦ୍ ପଡ଼ିଥିବା ବ୍ୟକ୍ତି ଙ୍କ ଜୁଲାଇ ୫ତାରିଖ ୨୦୨୬ରୁ ୪ଅଗଷ୍ଟ ୨୦୨୬ଯାଏ ଦାବୀ ଓ ଅପତି ର ଶୁଣାଣୀ ଓ ସମାଧାନ କରାଯିବ ଏହା ପରେ ୬ସେପ୍ଟେମ୍ବର ୨୦୨୬ରେ ଚୁଡାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ ବୈଠକ ରେ ଜିଲାପାଳ ବେଦ ଭୂଷଣ ଙ୍କ ସମେତ ଉପଜିଲା ପାଳ ଭିକାରୀ ସାହୁ, ଉପ ଜିଲ୍ଲା ନିର୍ବାଚନ ଅଧିକାରୀ କୁମୁଦିନୀ ମଲିକ, ଡେପୁଟି କଲେକ୍ଟର ଅଙ୍କିତ ଜେନା, ଏ ଡି ପି ଆର୍ ଓ ଇଥାନିଆଲ ନାୟକ ଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଓ ନିର୍ବାଚନ ବିଭାଗ ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ଏହି ଅବସରରେ ସମସ୍ତ ରାଜନୈତିକ ଦଳ ପ୍ରତିନିଧି କୁ ନିର୍ବାଚନ ଆୟୋଗ ଙ୍କ ନିର୍ଦ୍ଦେଶାବଳୀ ପାଳନ କରି ସ୍ୱଚ୍ଛ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ରେ ସହଯୋଗ କରିବା ପାଇଁ କୁହାଯାଇଥିଲା ଜିଲ୍ଲାପାଳ ବେଦ ଭୂଷଣ ଓ ଉପ ଜିଲ୍ଲାପାଳ ଭିକାରୀ ସାହୁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ କ୍ରମ ସୁଚାରୁରୂପେ ସମ୍ପାଦନ ହୋଇଥିଲା

# ଘରୋଇ ଅଲଟ୍ରାସାଉଣ୍ଡ କ୍ଲିନିକରେ ସ୍ୱାସ୍ଥ୍ୟବିଭାଗର ଚଢ଼ାଉ

ନୟାଗଡ, ୫/୭ (ଆନିସ): ନୟାଗଡ ଖଣ୍ଡପଡ଼ା ରୋଡ ରେ ଥିବା ଏକ ଘରୋଇ ଅଲଟ୍ରାସାଉଣ୍ଡ କ୍ଲିନିକ୍ ନରୋଗ ଉପରେ ସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ କରାଯାଇଥିବା ଜଣାଅପଡ଼ିଛି । ସୂଚନା ଅନୁସାରେ, ଖଣ୍ଡପଡ଼ା ରୋଡ ରେ ଥିବା ନିରୋଗ ଅଲଟ୍ରାସାଉଣ୍ଡ କ୍ଲିନିକ୍ରେ ମେସିନ୍ ଚଳାଇବା ପାଇଁ ଯେଉଁ ଡାକ୍ତର ନିୟୋଜିତ ଥିଲେ, ତାଙ୍କ ସ୍ଥାନରେ ଅନ୍ୟ ଜଣେ ଡାକ୍ତର ଆସି ଅଲଟ୍ରାସାଉଣ୍ଡ ମେସିନ୍ ଚଳାଉଥିବା ଅଭିଯୋଗ ହୋଇଥିଲା ।ଅଭିଯୋଗ ପାଇବା ପରେ ନୟାଗଡ ତହସିଲଦାରଙ୍କ ଉପସ୍ଥିତରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଆସି ଯାଞ୍ଚ କରିବା ସହ ମେସିନ୍ ଜବତ କରିଛନ୍ତି । ଏଥିସହ କର୍ମଚାରୀ ମାନଙ୍କ ବୟାନ ମଧ୍ୟ ରେକଡ୍ କରିଛନ୍ତି । ଅନୁସାରେ ଯାହା ନିୟମ ଅଛି ତାକୁ ନେଇ ତଦନ୍ତ ପକ୍ରିୟା ଚାଲୁ ରହିବ ବୋଲି ତହସିଲଦାର କହିଛନ୍ତି ।




## ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬

# ମୟୂରଭଞ୍ଜ ଜିଲ୍ଲାର ଚିଠା ଭୋଟର ତାଲିକା- ପ୍ରକାଶିତ

## ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଗ୍ରହଣ

ବାରିପଦା, ୫।୭ (ଆନିସ): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ସି ଆର)-୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀ ହେମକାନ୍ତ ସୟ୍ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ୯ଟି ବିଧାନସଭା ନିର୍ବାଚନମଣ୍ଡଳୀର ଚିଠା ଭୋଟର ତାଲିକା-୨୦୨୬ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇଛି । ଏଥିସହ ଆସନ୍ତା ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ବୈଠକରେ ଜିଲ୍ଲାପାଳ ଶ୍ରୀ ସୟ୍ କହିଥିଲେ ଯେ, ସ୍ୱତନ୍ତ୍ର ସଘନ ସଂଶୋଧନର ମୂଳ ଉଦ୍ଦେଶ୍ୟ ହେଉଛି ଏକ ନିର୍ଭୁଲ, ସ୍ୱଚ୍ଛ, ଅଦ୍ୟତନ ଏବଂ ସର୍ବସମାବେଶୀ ନିର୍ବାଚନୀ ନାମାବଳୀ ପ୍ରସ୍ତୁତ କରିବା । ଚିଠା ଭୋଟର ତାଲିକା ପ୍ରକାଶ ପରେ ମତଦାତାମାନେ ନିଜ ନାମ ଓ ବିବରଣୀ ଯାଞ୍ଚ କରି ଆବଶ୍ୟକ ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରିବାକୁ ସେ ଆହ୍ୱାନ ଜଣାଇଥିଲେ । ନୂତନ ଯୋଗ୍ୟ ମତଦାତାଙ୍କ ନାମ ଅନ୍ତର୍ଭୁକ୍ତ, ସଂଶୋଧନ, ସ୍ଥାନାନ୍ତରଣ ଏବଂ ଅଯୋଗ୍ୟ ନାମ ବିଲୋପ ସମ୍ବନ୍ଧୀୟ ଆବେଦନଗୁଡ଼ିକ ନିର୍ଦ୍ଧାରିତ ପ୍ରକ୍ରିୟାରେ ଗ୍ରହଣ



କରାଯିବ ବୋଲି ଶ୍ରୀ ସୟ୍ କହିଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଥିବାବେଳେ ୩୦ ମେ ରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ଘରକୁ ଘର ଯାଇ ମତଦାତାଙ୍କ ତଥ୍ୟ ସଂଗ୍ରହ ଓ ଯାଞ୍ଚ କରାଯାଇଥିଲା । ୨୮ ଜୁନ ୨୦୨୬ରେ ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ ତଥା ନୂତନ ମତଦାନ କେନ୍ଦ୍ର ନିର୍ଦ୍ଧାରଣ ସମ୍ପନ୍ନ ହେବା ପରେ ଆଜି ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଛି ।ଜିଲ୍ଲାପାଳ ଶ୍ରୀ ସୟ୍ ସୂଚନା ଦେଇଥିଲେ ଯେ, ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ ପରେ ଜିଲ୍ଲାରେ ମୋଟ ୨,୭୨୪ଟି ମତଦାନ କେନ୍ଦ୍ର ରହିଛି । ସେଥିମଧ୍ୟରୁ ପୂର୍ବରୁ ଥିବା ୨,୩୭୨ଟି ମତଦାନ କେନ୍ଦ୍ର ସହ ୩୫୨ଟି ନୂତନ ମତଦାନ କେନ୍ଦ୍ର ସୃଷ୍ଟି କରାଯାଇଛି । ଚିଠା ଭୋଟର ତାଲିକା ଅନୁଯାୟୀ ଜିଲ୍ଲାରେ ମୋଟ ୧୮,୧୭,୬୮୦ ଜଣ ମତଦାତା ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୯,୦୭,୨୩୮ ଜଣ ପୁରୁଷ, ୯,୧୦,୩୭୬ ଜଣ ମହିଳା ଏବଂ ୬୬ ଜଣ ତୃତୀୟ ଲିଙ୍ଗର ମତଦାତା ଅଛନ୍ତି। ସେ ଆହୁରି କହିଥିଲେ ଯେ, ପ୍ରାକ୍-ସଂଶୋଧନ ପର୍ଯ୍ୟାୟରେ ଜିଲ୍ଲାର ମୋଟ ୧୯,୨୮,୯୪୭ ଜଣ ମତଦାତାଙ୍କ ମଧ୍ୟରୁ ୧୮,୩୩,୦୭୨ ଜଣଙ୍କ ସଫଳ ମ୍ୟାପିଂ କରାଯାଇଥିବା ବେଳେ ଏହାର ସଫଳତା ହାର ୯୫.୦୩ ପ୍ରତିଶତ ରହିଛି। ସେହିପରି ଘରକୁ ଘର ଯାଇ ତଥ୍ୟ ସଂଗ୍ରହ ସମୟରେ ୧,୧୧,୨୬୭ଟି ଅଦ୍ୟତନ ଆବଶ୍ୟକ ଥିବା ମାମଲା ତଥା ଅଣ ସଂଗୃହୀତ ପରିଗଣନା ଫର୍ମ ଚିହ୍ନଟ କରାଯାଇଛି। ସେଥିମଧ୍ୟରେ ୬୩,୯୪୬ ଜଣ ମୃତ ମତଦାତା, ୩୨,୬୨୩ ଜଣ ସ୍ଥାୟୀ ଭାବେ ସ୍ଥାନାନ୍ତରିତ ମତଦାତା, ୮,୬୭୧ ଜଣ ଅନୁପସ୍ଥିତ ମତଦାତା, ୫,୬୦୧ଟି ପୂର୍ବରୁ ପଞ୍ଜୀକୃତ ମାମଲା ଏବଂ ୪୨୬ଟି ଅନ୍ୟାନ୍ୟ ମାମଲା ରହିଛି । ଏହି ପ୍ରକ୍ରିୟାରେ ଦାବି ଓ ଆପତ୍ତିର ଶୁଣାଣି ଏବଂ ଫଇସଲା ୨ ସେପ୍ଟେମ୍ବର ୨୦୨୬ ସୁଦ୍ଧା ସମ୍ପନ୍ନ କରାଯିବ ଏବଂ ୬ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବଡ଼ସାହି ନିର୍ବାଚନମଣ୍ଡଳୀ ଶ୍ରୀ ଦୁଃଖବନ୍ଧୁ ନାୟକ, ଉପ-ଜିଲ୍ଲାପାଳ, ବାରିପଦା ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବାରିପଦା ନିର୍ବାଚନମଣ୍ଡଳୀ ଶ୍ରୀମତୀ କସ୍ତୁରୀ ପଣ୍ଡା, ଅତିରିକ୍ତ ଉପ-ଜିଲ୍ଲାପାଳ, ବାରିପଦା ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ମୋରଡା ନିର୍ବାଚନମଣ୍ଡଳୀ ଶ୍ରୀ ରାଖାଲ ଚନ୍ଦ୍ର ପରିଡ଼ା ପ୍ରମୁଖଙ୍କ ସମେତ ସମସ୍ତ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ଏବଂ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।ସମଗ୍ର କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର (ନିର୍ବାଚନ) ଶ୍ରୀମତୀ କ୍ରିସେନସିଆ ତିର୍କୀ ସୁଚାରୁରୂପେ ସଞ୍ଚାଳନ କରିଥିବାବେଳେ ଜିଲ୍ଲା ନିର୍ବାଚନ ଶାଖାର ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ ।

# ପିଏମଶ୍ରୀ ତିରିଂ ଉଚ୍ଚ ବିଦ୍ୟାଳୟର ନୂତନ ପ୍ରଧାନ ଶିକ୍ଷକଙ୍କୁ ପରିକ୍ରମା ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା

ରାଇରଙ୍ଗପୁର/ତିରିଙ୍ଗ,୫।୭ (ଆନିସ): ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ତିରିଂ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥାକୃତି ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ନନ୍ଦଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ଉଦ୍ଦେଶ୍ୟରେ ଅଗ୍ରଣୀ ସମାଜିକ ସାଂସ୍କୃତିକ ଅନୁଷ୍ଠାନ ପରିକ୍ରମା ଟ୍ରଷ୍ଟ ପକ୍ଷରୁ ଏକ ଭବ୍ୟ ସଭାର ଆୟୋଜନ କରାଯାଇଥିଲା। ପରିକ୍ରମା ର ମୁଖ୍ୟ କାର୍ଯ୍ୟନିର୍ବାହୀ ବରିଷ୍ଠ ସାମ୍ବାଦିକ ମନୋଜ ଦାସ ଉକ୍ତ ସଭାକୁ ସଂଯୋଜନା ଓ ପରିଚାଳନା କରିଥିଲେ। ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ମନୋରଞ୍ଜନ ମହାନ୍ତି, ବରେଣ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସାଇବା ସୁଶୀଲ କୁମାର ହାଂସଦା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ପରିକ୍ରମା ଅଧ୍ୟକ୍ଷ ଈଶାନ ମିଶ୍ର, ସଂପାଦକ ସୁବାସ ମଣ୍ଡଳ, ଉପଦେଷ୍ଟା ପ୍ରକାଶ ପାତ୍ର, ହରିହର ଗିରି ପ୍ରମୁଖ ମଞ୍ଚାସୀନ ଥିଲେ । ଶ୍ରୀଯୁକ୍ତ ରଞ୍ଜନ କୁମାର ନନ୍ଦ ରାଇରଙ୍ଗପୁର ହାଇସ୍କୁଲର ସହକାରୀ ଶିକ୍ଷକ ରୁ ପଦୋନ୍ନତି ପାଇ ପିଏମ୍ ଶ୍ରୀ ତିରିଂ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାର ଗ୍ରହଣ କରିଥିବା ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ ଏବଂ ବହୁ ବରେଣ୍ୟ ବ୍ୟକ୍ତି ବିଶେଷ ଶ୍ରୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରିବା ପୂର୍ବକ ନିଜ ନିଜ ବକ୍ତବ୍ୟରେ ଶ୍ରୀ ନନ୍ଦଙ୍କ ବ୍ୟକ୍ତିତ୍ୱର ମହନୀୟତା ଉପରେ ଆଲୋକପାତ କରିବା ସହ ପରିକ୍ରମା ସହ ତାଙ୍କ ନିବିଡ ସଂପର୍କ କଥାକୁ ଉପସ୍ଥାପନ କରିଥିଲେ। ଶ୍ରୀଯୁକ୍ତ ନନ୍ଦ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୨୨ ବର୍ଷ ଧରି ବିଜ୍ଞାନ ଶିକ୍ଷକ ତଥା ଏନ ସି ସି ଅଧିକାରୀ ଭାବରେ ସଫଳତାର ସହ କାର୍ଯ୍ୟ କରି ଜଣେ ଛାତ୍ର ବତ୍ସଳ, ଗୁଣୀ ଜ୍ଞାନୀ, ଧୂରୀଣ ଶିକ୍ଷକ ଭାବେ ରାଜ୍ୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ସୁନାମ ଅର୍ଜନ କରିବା ସହ ସମାଜ, କଳା ସାହିତ୍ୟ, ସଂସ୍କୃତି ସହିତ ନିବିଡ ଭାବେ ଜଡିତ ରହି ସମସ୍ତଙ୍କ ପ୍ରିୟ ଭାଜନ ହୋଇପାରିଛନ୍ତି ।ଶ୍ରୀଯୁକ୍ତ ନନ୍ଦ ପରିକ୍ରମା ସଂଯୋଜକ ଭାବେ କାର୍ଯ୍ୟ କରି ଅନୁଷ୍ଠାନର ପ୍ରଗତିର ସାଥୀ ହୋଇରହିଛନ୍ତି ।ଆଗାମୀ ଦିନରେ ଶ୍ରୀଯୁକ୍ତ ନନ୍ଦ ତରିଂ ହାଇସ୍କୁଲରେ ଥାଇ ଶିକ୍ଷା, କଳା, ସଂସ୍କୃତି ଓ ସଚେତନତାର ବାର୍ତ୍ତାବହ ହେବେ ବୋଲି ସମସ୍ତେ ଆଶା ପୋଷଣ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀନନ୍ଦ ଙ୍କ ସହଧର୍ମିଣୀ ବିଶୋଇ ୟୁ ଜି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଗିରି, ପୁତ୍ର ଆର୍ଯ୍ୟମାନ ନନ୍ଦଙ୍କ ସହ ପରିକ୍ରମା ପରିବାର ର ବରେଣ୍ୟ ସଦସ୍ୟ ସଦସ୍ୟା ଦିଲ୍ଲୀପ କୁମାର ମହାନ୍ତି, ମନୁ ଚୌଧୁରୀ, ଡ. ଦିଗମ୍ବର ଗିରି, ତିମିର ରଂଜନ ପଣ୍ଡା, ସୌରଭ ପଟ୍ଟନାୟକ, ପୁଷ୍ପଲତା ମହାନ୍ତି, ଦୁଷ୍ମନ୍ତ ଦାସ, କିଶୋର ରଜକ୍, କିଶୋର ମଲ୍ଲିକ, ରାଜେଶ ପ୍ରଜାପତି, ବିମଲ ମହାନ୍ତି, ଠେଙ୍ଗୁ ପଟ୍ଟନାୟକ, ଜଗନ୍ନାଥ ବଳ, ଖୁଦୀ ରାମ ମହାନ୍ତି ପ୍ରମୁଖ ଏବଂ ଗଣ ମାଧ୍ୟମର ବହୁ ପ୍ରତିନିଧି ଉପସ୍ଥିତ ଥିଲେ। ସଭା ଶେଷରେ ଶ୍ରୀନନ୍ଦ ଏ ପ୍ରକାର ସ୍ବତନ୍ତ୍ର ସମ୍ବର୍ଦ୍ଧନା ପାଇଁ ପରିକ୍ରମା ପରିବାର ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ ଅଧ୍ୟାପକ ବିଜୟ କୁମାର ରାମ ଧନ୍ୟବାଦ ଅର୍ପଣ କରିଥିଲେ।

# ୬୧ ବର୍ଷରେ ପୁଣି ବର ସାଜିଲେ ଅମୀର ଖାନ୍

## ତୃତୀୟ ପତ୍ନୀ ହେଲେ ଗୌରୀ ସ୍ପ୍ରେଟ

ନୂଆଦିଲ୍ଲୀ: ବଲିଉଡର 'ମିଷ୍ଟର ପରଫେକ୍ସନିଷ୍ଟ' ଭାବେ ପରିଚିତ ଅମୀର ଖାନଙ୍କ ବ୍ୟକ୍ତିଗତ ଜୀବନ ପୁଣିଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆସିଛି। ୬୧ ବର୍ଷ ବୟସରେ ସେ ତୃତୀୟ ଥର ପାଇଁ ବିବାହ ବନ୍ଧନରେ ବାନ୍ଧି ହୋଇଛନନ୍ତି । ଦୀର୍ଘ ଦିନର ବନ୍ଧୁ ଏବଂ ବର୍ତ୍ତମାନର ପ୍ରେମିକା ଗୌରୀ ସ୍ପ୍ରେଟଙ୍କ ସହ ସେ ଏକ ନୂଆ ଜୀବନ ଆରମ୍ଭ କରିଛନ୍ତି । ଦୁହେଁ ସରଳ ଓ ଘରୋଇ ଢଙ୍ଗରେ ରେଜିଷ୍ଟ୍ରି ବିବାହ କରିଛନ୍ତି ବୋଲି ଜଣାପଡ଼ିଛି। ଏହି ବିବାହରେ ଉଭୟ ପରିବାରର ସଦସ୍ୟ, ନିକଟତମ ବନ୍ଧୁ ଓ ବଲିଉଡର କିଛି ଚୟନିତ ବ୍ୟକ୍ତିତ୍ୱଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଅମୀର ଖାନଙ୍କ ଭାବି ପତ୍ନୀ ଗୌରୀ ସ୍ପ୍ରେଟ ଚଳଚ୍ଚିତ୍ର ଜଗତ ସହ ସିଧାସଳଖ ଜଡ଼ିତ ନଥିଲେ ମଧ୍ୟ, ସେ ଅମୀରଙ୍କ ଜୀବନର ଅତ୍ୟନ୍ତ ନିକଟତମ ବ୍ୟକ୍ତି। ଗୌରୀ ସବୁବେଳେ ଲାଇମଲାଇଟ୍ରୁ ଦୂରରେ ରହିବାକୁ ପସନ୍ଦ କରନ୍ତି। ତାଙ୍କ ମାଆ ତାମିଲ୍ ପରିବାରର ହୋଇଥିବା ବେଳେ ବାପା ଆଇରିଶ୍ ବଂଶୋଦ୍ଭବ। ତାଙ୍କ ପରିବାରରେ ଦେଶପ୍ରେମର ପରମ୍ପରା ମଧ୍ୟ ରହିଛି। ତାଙ୍କ ଜେଜେବାପା ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ।

ଶିକ୍ଷା କ୍ଷେତ୍ରରେ ମଧ୍ୟ ଗୌରୀ



ବେଶ୍ ସଫଳ। ସେ ଲଣ୍ଡନର ଏକ ଆର୍ଟ ବିଶ୍ୱବିଦ୍ୟାଳୟରୁ ଫ୍ୟାଶନ୍, ଷ୍ଟାଇଲିଂ ଓ ଫଟୋଗ୍ରାଫିରେ ଏଫ୍ଡିଏ ଡିଗ୍ରୀ ହାସଲ କରିଛନ୍ତି। ବୃତ୍ତିଗତ ଭାବେ ସେ ଜଣେ ହେୟାର ଡ୍ରେସର ହୋଇଥିବା ବେଳେ ବର୍ତ୍ତମାନ ଅମୀର ଖାନଙ୍କ ପ୍ରଡକ୍ସନ ହାଉସ୍ରେ ମଧ୍ୟ କାମ କରୁଛନ୍ତି। ଗୌରୀଙ୍କ ବ୍ୟକ୍ତିଗତ ଜୀବନ ମଧ୍ୟ କୌଣସି ସିନେମା କାହାଣୀଠାରୁ କମ୍ ନୁହେଁ। ସେ ପୂର୍ବରୁ ବିବାହ କରିଥିଲେ। ପରେ ସ୍ୱାମୀଙ୍କ ସହ ଛାଡ଼ପତ୍ର ହୋଇଥିଲା। ପ୍ରଥମ ବିବାହରୁ ତାଙ୍କର ଜଣେ ପୁଅ ଅଛନ୍ତି, ଯିଏ ବର୍ତ୍ତମାନ ତାଙ୍କ ସହ ରହୁଛନ୍ତି।

ଯଦିଓ ତାଙ୍କ ପୂର୍ବ ସ୍ୱାମୀଙ୍କ ବିଷୟରେ ସାର୍ବଜନୀନ ଭାବେ ବେଶି ସୂଚନା ଉପଲବ୍ଧ ନାହିଁ। ଅମୀର ଓ ଗୌରୀଙ୍କ ସମ୍ପର୍କ ଆଜିର ନୁହେଁ। ଦୁହେଁ ପ୍ରାୟ ୨୫ ବର୍ଷ ଧରି ପରସ୍ପରକୁ ଜାଣିଛନ୍ତି। କିନ୍ତୁ ଜୀବନର ବ୍ୟସ୍ତତା ମଧ୍ୟରେ ଦୀର୍ଘ ସମୟ ଧରି ସେମାନଙ୍କର ସମ୍ପର୍କ ବିଚ୍ଛିନ୍ନ ହୋଇଯାଇଥିଲା। ପ୍ରାୟ ଦେଢ଼ ବର୍ଷ ପୂର୍ବରୁ ଦୁହେଁ ପୁଣିଥରେ ସଂପର୍କରେ ଆସିଥିଲେ। ଏହି ପୁନଃମିଳନ ଧୀରେ ଧୀରେ ବନ୍ଧୁତ୍ୱରୁ ପ୍ରେମରେ ପରିଣତ ହୋଇଥିଲା। ୨୦୨୫ ମସିହାରେ ନିଜ ୬୦ତମ ଜନ୍ମଦିନ ଅବସରରେ ଅମୀର ପ୍ରଥମଥର ପାଇଁ ସାର୍ବଜନୀନ ଭାବେ ଗୌରୀଙ୍କ ସହ ନିଜ ସମ୍ପର୍କକୁ ସ୍ୱୀକାର କରିଥିଲେ। ସେହି ସମୟରେ ସେ କହିଥିଲେ ଯେ ଗୌରୀ ତାଙ୍କ ଜୀବନକୁ ପୁଣିଥରେ ଖୁସିରେ ଭରିଦେଇଛନ୍ତି। ଅମୀର ଓ ଗୌରୀ ଆଡ଼ମ୍ବରପୂର୍ଣ୍ଣ ବିବାହ ପରିବର୍ତ୍ତେ ସରଳ ଏବଂ ବ୍ୟକ୍ତିଗତ ସମାରୋହକୁ ବାଛିଛନ୍ତି। ମୁମ୍ବାଇସ୍ଥିତ ଅମୀରଙ୍କ ବାସଭବନରେ ରେଜିଷ୍ଟ୍ରି ମ୍ୟାରେଜ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ୧୫୦ ଜଣ ଅତିଥି ଯୋଗଦେବେ। ପରିବାର ସଦସ୍ୟଙ୍କ ସହ ବଲିଉଡର କିଛି ନିକଟତମ ବନ୍ଧୁ ମଧ୍ୟ ଏହି ଖାସ୍ ଅବସରରେ ସାମିଲ ହେବେ। ଅମୀର ଖାନଙ୍କ ପ୍ରଥମ ବିବାହ ୧୯୮୬ ମସିହାରେ ରୀନା ଦତ୍ତାଙ୍କ ସହ ହୋଇଥିଲା। ଏହି ବିବାହରୁ ତାଙ୍କର ଦୁଇ ସନ୍ତାନଝିଅ ଇରା ଖାନ ଓ ପୁଅ ଜୁନୈଦ ଖାନ ଜନ୍ମଗ୍ରହଣ କରିଥିଲେ। ପରେ ଦୁହେଁ ଅଲଗା ହୋଇଯାଇଥିଲେ।ତାପରେ ଅମୀର ଚଳଚ୍ଚିତ୍ର ନିର୍ମାତ୍ରୀ କିରଣ ରାଓଙ୍କୁ ବିବାହ କରିଥିଲେ। ଏହି ବିବାହରୁ ତାଙ୍କର ପୁଅ ଆଜାଦ ରାଓ ଖାନ ଅଛନ୍ତି। କିନ୍ତୁ କିଛି ବର୍ଷ ପରେ ସେହି ସମ୍ପର୍କ ମଧ୍ୟ ଭାଙ୍ଗିଯାଇଥିଲା। ତଥାପି ଛାଡ଼ପତ୍ର ପରେ ମଧ୍ୟ ଅମୀର ତାଙ୍କ ଉଭୟ ପୂର୍ବତନ ପତ୍ନୀଙ୍କ ସହ ସମ୍ମାନଜନକ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବଜାୟ ରଖିଛନ୍ତି।

ସବୁଠୁ ଖାସ୍ କଥାବିବାହରେ ସାମିଲ ହେବେ ତିନି ସନ୍ତାନ ।ଏହି ବିବାହର ସବୁଠାରୁ ଭାବପ୍ରବଣ ଦିଗ ହେଉଛି ଅମୀରଙ୍କ ତିନି ସନ୍ତାନଜୁନୈଦ, ଇରା ଓ ଆଜାଦସମସ୍ତେ ଏହି ଖାସ୍ ଅବସରରେ ଉପସ୍ଥିତ ରହିବେ। ଏହା ପ୍ରମାଣ କରୁଛି ଯେ ପରିବାରରେ ସମ୍ପର୍କର ଉଷ୍ମତା ଓ ପାରସ୍ପରିକ ସମ୍ମାନ ଆଜି ମଧ୍ୟ ଅତୁଟ ରହିଛି।

# ଲେଜର ପାୱାର୍ ଆଣ୍ଡ୍ ଇନ୍ଫ୍ରାଲିମିଟେଡ୍ର ୭୪୨ କୋଟିର ଆଇପିଓ

ଭୁବନେଶ୍ୱର, ୫।୭(ଆନିସ): ୫୪୨ କୋଟି ଟଙ୍କାର ନୂତନ ଇକ୍ୱିଟି ଇସ୍ୟୁ ଏବଂ ୨୦୦ କୋଟିଟଙ୍କାର ଅଫର୍ ଫର୍ ସେଲ୍ଶକ୍ତି ପରିବହନ ଓ ଶିଳ୍ପ ପାଇଁ ପାୱାର୍ କେବୁଲ୍, କଣ୍ଡକ୍ଟର୍ ଏବଂ ବିଶେଷଉତ୍ପାଦ ତିଆରି କରୁଥିବା ସମନ୍ୱିତ ଉତ୍ପାଦନ କମ୍ପାନୀ ଲେଜର ପାୱାର୍ ଆଣ୍ଡଇନ୍ଫ୍ରା ଲିମିଟେଡ୍ ର ପ୍ରାରମ୍ଭିକ ସାର୍ବଜନିକ ଶେୟର ବିକ୍ରୟ (ଆଇପିଓ)ଜୁଲାଇ ୯, ୨୦୨୬ (ଗୁରୁବାର) ରେ ଖୋଲିବ ଏବଂ ଜୁଲାଇ ୧୩, ୨୦୨୬(ସୋମବାର) ରେ ବନ୍ଦ ହେବକାଲକାତା ମୁଖ୍ୟାଳୟଭିତ୍ତିକ କମ୍ପାନୀର ଏହି ଆଇପିଓର ୫୪୨ କୋଟିଟଙ୍କାର ନୂତନ ଇକ୍ୱିଟି ଇସ୍ୟୁ ଏବଂ ପ୍ରମୋଟରମାନଙ୍କ ପକ୍ଷରୁ ୨୦୦ କୋଟିଟଙ୍କାର ଅଫର୍ ଫର୍ ସେଲ୍ ରହିଛି ।

ଅଫର୍ ଫର୍ ସେଲ୍ ଅନ୍ତର୍ଗତ ଦୀପକଗୋଏଲ୍, ରାଖୀ ଗୋଏଲ୍ ଏବଂ ଦେବେଶ ଗୋଏଲ୍ କ୍ରମଶଃ ୧୧୨.୫ କୋଟିଟଙ୍କା, ୨୫ କୋଟି ଟଙ୍କା ଏବଂ ୬୨.୫ କୋଟି ଟଙ୍କା ମୂଲ୍ୟର ଇକ୍ୱିଟି ଶେୟରବିକ୍ରୟ କରିବେନୂତନ ଇସ୍ୟୁରୁ ମିଳୁଥିବା ନେଟ୍ ରାଶିରୁ ୪୯୦ କୋଟି ଟଙ୍କା ଋଣର ପୂର୍ବପରିଶୋଧ କିମ୍ବା ପରିଶୋଧନ ଏବଂ ଅବଶିଷ୍ଟ ରାଶି ସାଧାରଣ କର୍ପୋରେଟ୍ଉଦ୍ଦେଶ୍ୟରେ ବ୍ୟୟ କରାଯିବକମ୍ପାନୀ ମାନୁଫାକ୍ଚରିଂ ଏବଂ ଇପିସି ଏହି ଦୁଇଟି ପ୍ରମୁଖ ବ୍ୟବସାୟଖଣ୍ଡରେ କାର୍ଯ୍ୟରତ ଏହା ଯୁକ୍ତରାଷ୍ଟ୍ର ଭିତ୍ତିକ ଟିଏସ କଣ୍ଡକ୍ଟରର ଲାଇସେନ୍ସପ୍ରାପ୍ତଷ୍ଟ୍ରାଣ୍ଡିଂ ସହଯୋଗୀ ଏହି ସହଯୋଗିତା ମାଧ୍ୟମରେ କମ୍ପାନୀ ଉନ୍ନତ କ୍ଷମତାସମ୍ପନ୍ନକଣ୍ଡକ୍ଟର୍ ଦଶେରେ ନିର୍ମାଣ କରୁଛି, ଯାହା ଆମଦାନୀ ଉପରେ ନିର୍ଭରଶୀଳତାକମାଏ ଏବଂ ଅଧିକ କ୍ଷମତାସମ୍ପନ୍ନ ବିଦ୍ୟୁତ ପରିବହନ ସମାଧାନ ଯୋଗାଇଥାଏପଶ୍ଚିମବଙ୍ଗର ଧୁଲାଗଡ଼ରେ ଦୁଇଟି ଏବଂ ଖଡ଼ଗପୁରରେ ଗୋଟିଏ ସହିତକମ୍ପାନୀର ମୋଟ ତିନୋଟି ଉତ୍ପାଦନ କାରଖାନା ରହିଛି ୩୧ ମାର୍ଚ୍ଚ ୨୦୨୬ସୁଦ୍ଧା ସେଗୁଡ଼ିକର ମିଳିତ ବାର୍ଷିକ ଉତ୍ପାଦନ କ୍ଷମତା ୮୫,୪୪୮ ମେଟ୍ରିକ୍ଟନ୍୨୦୨୫-୨୬ ଆର୍ଥିକ ବର୍ଷରେ କମ୍ପାନୀର କାର୍ଯ୍ୟରୁ ଆୟ ୨,୩୨୬ କୋଟିଟଙ୍କା ଏବଂ କର ପରବର୍ତ୍ତୀ ଲାଭ ୧୫୧ କୋଟି ଟଙ୍କା ରହିଥିଲା। ୩୧ ମାର୍ଚ୍ଚ ୨୦୨୬ସୁଦ୍ଧା କମ୍ପାନୀର ଅର୍ଡର ବୁକ୍ ୩,୨୪୩ କୋଟି ଟଙ୍କା ଥିଲାକମ୍ପାନୀର ଗ୍ରାହକମାନଙ୍କ ମଧ୍ୟରେ ଭାରତୀୟ ରେଳ, ଟିପିସିଓଡ଼ିଏଲ,ଟିପିଡବ୍ଲୁଓଡ଼ିଏଲ, ଟିପିଏସଓଡ଼ିଏଲ, ଟିପିଏନଓଡ଼ିଏଲ ସହିତମୌଢେକ୍ଷଗ୍ୱକାରଲୋ ଲିମିଟେଡ଼ ଏବଂ କେଆରଉଆଇଏଫଏସ ପାୱାରକମ୍ପୋନେଛକ୍ଷଗ୍ୱ ଲିମିଟେଡ଼ ପରି ବେସରକାରି ଇପିସି କମ୍ପାନୀ ଅନ୍ତର୍ଭୁକ୍ତକ୍ରିଜିଲର ଆକଳନ ଅନୁଯାୟୀ, ଭିତ୍ତିଭୂମି ବିକାଶ, ନିର୍ମାଣ କାର୍ଯ୍ୟରବୃଦ୍ଧି, ଡିଜିଟାଲ୍ ସଂଯୋଗ, ରେଳ ବିଦ୍ୟୁତୀକରଣ, ସ୍ମାର୍ଟ ଗ୍ରିଡ୍ରେବିନିଯୋଗ ଏବଂ ରପ୍ତାନି ଚାହିଦା ଯୋଗୁଁ ୨୦୨୫ର ୧,୪୦୮ ବିଲିୟନଟଙ୍କାରୁ ୨୦୩୦ ସୁଦ୍ଧା ଭାରତର କେବୁଲ୍ ଏବଂ ୱାୟାର୍ ବଜାର ୨,୫୫୦ ବିଲିୟନଟଙ୍କାକୁ ପହଞ୍ଚିବ ବୋଲି ଆଶା କରାଯାଉଛି

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,

ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda